




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୯ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 19 OCTOBER 2021

Vol.No. 32 ■ No. 265 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କ ମିଳୁନି ପତ୍ତା

## ପୁଲିସ୍ ହେପାଜତରୁ ଗୋବିନ୍ଦ ସାହୁ ଚମ୍ପଟ

ଭୁବନେଶ୍ୱର,୧୮/୧୦(ନି.ପ୍ର): କଳାହାଣ୍ଡିର ଏକ ଘରୋଇ ସ୍କୁଲରେ ଅଧ୍ୟକ୍ଷା ଭାବେ କାର୍ଯ୍ୟରତ ମମିତା ମେହେର ନିଖୋଜ ହେବାର ୧୧ଦିନ ବିତିଲାଣି । କିନ୍ତୁ ତାଙ୍କର କୌଣସି ପତ୍ତା ମିଳୁନି । ସେପଟେ ଏହି ଘଟଣାରେ ସନସାଇନ ପବ୍ଲିକ ସ୍କୁଲର ମାଲିକ ଗୋବିନ୍ଦ ସାହୁଙ୍କ ସମ୍ପୃକ୍ତି ଅଭିଯୋଗ କରିଛନ୍ତି ପରିବାର । ତେବେ ବଡ କଥା ହେଉଛି ପୋଲିସ ହେପାଜତରୁ ଗୋବିନ୍ଦ ଚମ୍ପଟ ମାରିବା ପରେ ଆହୁରି ସନ୍ଦେହ ବଢ଼ିଛି । ଅପରପକ୍ଷରେ ୮ତାରିଖ ଦିନ ଗୋବିନ୍ଦ ସାହୁ, ମମିତାଙ୍କୁ ସ୍କୁଲକୁ ଡକାଇଥିଲେ । କିନ୍ତୁ ସ୍କୁଲ ଆସିବା ବାଟରେ ନିଖୋଜ ହୋଇଗଲେ ମମିତା । ମମିତା ମେହେର । କଳାହାଣ୍ଡିର ଏକ ଘରୋଇ ସ୍କୁଲର ଅଧ୍ୟକ୍ଷା ଭାବେ କାମ କରୁଥିବା ଏହି



ଯୁବତୀ ହଠାତ୍ ନିଖୋଜ ହୋଇଯାଇଛନ୍ତି । ୧୧ ଦିନ ହେଲାଣି ତାଙ୍କର କୌଣସି ପତା ମିଳୁନାହିଁ । ସ୍କୁଲକୁ ଡକାଇଥିଲେ ମାଲିକ ଗୋବିନ୍ଦ ସାହୁ । କେମିତି ନିଖୋଜ ହୋଇଗଲେ ମମିତା ? କଳାହାଣ୍ଡିର କେଗାଁ ଥାନା ମହାଲିଙ୍ଗରେ ଥିବା ସନସାଇନ ପବ୍ଲିକ ସ୍କୁଲର ମାଲିକ ଗୋବିନ୍ଦ ସାହୁ ମମିତାଙ୍କୁ ସ୍କୁଲକୁ ଡକାଇଥିଲେ । କିନ୍ତୁ ସ୍କୁଲ ଆସିବା ବାଟରେ ନିଖୋଜ ହୋଇଗଲେ । ଗୋବିନ୍ଦ ସାହୁଙ୍କୁ ଉଠାଇଆଣିଲା ପୁଲିସ । ପୋଲିସ ହେପାଜତରୁ ହୋଇଗଲେ ଫେରାର । ମମିତା ନିଖୋଜ ପଛରେ ଗୋବିନ୍ଦ ସାହୁଙ୍କ ହାତଥିବା ନେଇ ଅଭିଯୋଗ କରିଛନ୍ତି ପରିବାର ଲୋକେ । କିନ୍ତୁ ପୁଲିସ ହେପାଜତରୁ ହଠାତ ଗାଏବ ହୋଇଗଲେ ଗୋବିନ୍ଦ । ଏହି ଘଟଣା ପରେ ମମିତା ନିଖୋଜ ପଛରେ ଗୋବିନ୍ଦଙ୍କ ହାତଥିବା ନେଇ ସନ୍ଦେହ ବଢ଼ିଯାଇଛି । ତେବେ ଗୋବିନ୍ଦ ସାହୁ ଚମ୍ପଟ ଘଟଣାରେ ୩ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି । ସେପଟେ ମମିତାଙ୍କ ବିଷୟରେ କୌଣସି ଖୋଜଖବର ମିଳୁନାହିଁ । ସେପଟେ ମମିତା ମେହେର ନିଖୋଜ ଘଟଣାର ଅଭିଯୁକ୍ତ ଗୋବିନ୍ଦ ସାହୁ ଚମ୍ପଟ ମାମଲାରେ ମନ୍ତ୍ରୀଙ୍କ ଆଡକୁ ଅଙ୍ଗୁଳି ଉଠିଛି । ରାଜ୍ୟ ଗୃହ ରାଜ୍ୟମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଚାପ ପକାଇ ଖସାଇଦେଇଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଉପରକୁ ▶▶ପୃଷ୍ଠା ୭

# ଜମ୍ମୁ-କାଶ୍ମୀରରେ ସକ୍ରିୟ ଆତଙ୍କୀ : ପ୍ରବାସୀ ଲୋକଙ୍କୁ କରୁଛନ୍ତି ଟାର୍ଗେଟ୍

ଜମ୍ମୁ-କାଶ୍ମୀର,୧୮/୧୦: ଜମ୍ମୁ-କାଶ୍ମୀରରେ ସକ୍ରିୟ ଆତଙ୍କୀ । ଲଗାତାର ଭାବେ ସାଧାରଣ ଲୋକଙ୍କୁ ଟାର୍ଗେଟ କରୁଛନ୍ତି ଆତଙ୍କବାଦୀ । ରବିବାର ୨ଜଣ ଶ୍ରମିକଙ୍କୁ ହତ୍ୟା କରିବା ପରେ ଘାଟିରେ ଭୟର ବାତାବରଣ ଖେଳି ଯାଇଛି । ପାକିସ୍ତାନର ସକ୍ରିୟ ଆତଙ୍କୀ ସଂଗଠନ ଲସ୍କର ଏ ତୋଇବା ଦ୍ୱାରା ପରିଚାଳିତ ୟୁନାଇଟେଡ ଲିବରେସନ ଫ୍ରଣ୍ଟ ବା ୟୁଏଲଏଫ କଶ୍ମୀରରେ ରହୁଥିବା ବାହାର ରାଜ୍ୟର ଲୋକଙ୍କୁ ଚେତାବନୀ ଦେଇଛି । ସେମାନଙ୍କୁ ସଂଗଠନ ପକ୍ଷରୁ ତୁରନ୍ତ କଶ୍ମୀର ଛାଡିବାକୁ କୁହାଯାଇଛି । ଯଦି ସେମାନେ କଶ୍ମୀର ନଛାଡିବେ ତାହେଲେ ସେମାନଙ୍କ ▶▶ପୃଷ୍ଠା ୭

# ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସମ୍ପତ୍ତି ଖୋଜୁଛି ଭିଜିଲାନ୍ସ

## ଜବତ ହେଲା ୧୪ଶହ ୪୦ ଗ୍ରାମର ସୁନାଗହଣା

ଭୁବନେଶ୍ୱର,୧୮/୧୦(ନି.ପ୍ର): ଭିଜିଲାନ୍ସ ଚଢାଉ ବେଳେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଘରୁ ମିଳିଛି ୧୪ଶହ ୪୦ ଗ୍ରାମର ସୁନା ଗହଣା । ସବ୍ୟସାଚୀ ବ୍ରାଣ୍ଡର ୨୪ ଲକ୍ଷ ୨୫ ହଜାର ଟଙ୍କାର ନେକଲେସ୍ ଜବତ ହୋଇଛି । ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ଚଢାଉ ବେଳେ ମିଳିଥିବା ଜରୁରୀ କାଗଜପତ୍ରର ଛାନଭିନ୍ କରିବେ ଚାର୍ଟାର୍ଡ ଆକାଉଣ୍ଟାଟ । ବ୍ୟାଙ୍କିଙ୍ଗ କନସଲଟାଣ୍ଟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବ । ସେହିପରି ଇଲେକ୍ଟ୍ରୋନିକ୍ ପ୍ରମାଣ ଓ ଡକ୍ୟୁମେଣ୍ଟର ଯାଞ୍ଚ କରିବ ସାଇବର ସେଲ୍ । ସାକ୍ଷୀ, ସନ୍ଦୀପ୍ତ ଏବଂ ଅଭିଯୁକ୍ତଙ୍କ ପରୀକ୍ଷା ଠିକ୍ ସମୟରେ କରାଯିବ । ▶▶ପୃଷ୍ଠା ୭


DADLS-27



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ

ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ପୁଣ୍ୟ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

(ଗଣେଶୀ ଲାଲ)

OIPR : 15001/13/0051/2122


# ୪ ଦିନର ଲଗାଣ ବର୍ଷାରେ କେରଳରେ ବନ୍ୟା ବିପ୍ଲାତ

## ମୃତ୍ୟୁ ସଂଖ୍ୟା ଟପିଲା ୩୦, ଆଖିଆଗରେ ଭାସିଗଲା ଘର, ଦ୍ୱାର ସମେତ ଗାଡି, ମଟର ଓ ପୋଲ

କେରଳ,୧୮/୧୦: ପ୍ରବଳ ବର୍ଷା ପରେ ବନ୍ୟାରେ ବେହାଲ କେରଳ । ଲଗାଣ ବର୍ଷାରେ ରାଜ୍ୟର ବିଭିନ୍ନ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟାରେ ପ୍ରଭାବିତ ହୋଇଛି ରାଜ୍ୟର ୧୧ଟି ଜିଲ୍ଲା । ନଦୀରେ ବନ୍ୟା ଆସି ମାତ୍ର କିଛି ଘଣ୍ଟାରେ ଭସାଇ ନେଇଛି ଘର ଦ୍ୱାର । ଲଗାଣ ବର୍ଷା ଫଳରେ ବନ୍ୟା ଓ ଭୁସ୍ଖଳନ ପାଇଁ ଘର ଦ୍ୱାର ସମେତ ଭାସି ଯାଇଛି ପୋଲ । ମନିମାଳା ନଦୀରେ ବନ୍ୟା ଆସିବା ଫଳରେ ମୁଣ୍ଡାକାୟମ ସହରରେ ଥିବା ଏକ କୋଠା ଭାସି ଯାଇଛି । ଭୁସ୍ଖଳନ ଓ ଆକସ୍ମିକ ବନ୍ୟାରେ



ବହୁ ଧନ ଜୀବନ ନଷ୍ଟ ହୋଇଛି । ୪ଦିନର ବର୍ଷାରେ ଭାସିଛି କେରଳର ୧୧ଟି ଜିଲ୍ଲା । ବର୍ଷା ଯୋଗୁଁ ସବୁଠୁ ଅଧିକ ପ୍ରଭାବିତ ହୋଇଛି କେରଳର କୋଟାୟମ ଜିଲ୍ଲା । କୁଟାକଲ ଓ କୋକୟାରରେ ସେନାବାହୀନି, ଏନଡିଆରଏଫ, ପୁଲିସ ଓ ଅଗ୍ନିଶମ ବିଭାଗ ପହଁଚି ବନ୍ୟା ବିପନ୍ନଙ୍କୁ ଉଦ୍ଧାର କରୁଛି । ମୂଷଳଧାରା ବର୍ଷା ବିଭିନ୍ନ ସ୍ଥାନରେ ଭୁସ୍ଖଳନ ହୋଇଛି । ଘଟଣାରେ ଅନେକ ଲୋକ ▶▶ପୃଷ୍ଠା ୭

# ବଦଳିଲେ ଜଗତସିଂହପୁର, ଖୋର୍ଦ୍ଧା ଜିଲ୍ଲାପାଳ

ଭୁବନେଶ୍ୱର,୧୮/୧୦(ନି.ପ୍ର): ବଦଳିଲେ ଜଗତସିଂହପୁର ଓ ଖୋର୍ଦ୍ଧାର ଜିଲ୍ଲାପାଳ । ସଂଗ୍ରାମ ମହାପାତ୍ରଙ୍କୁ ଖୋର୍ଦ୍ଧାର ନୂଆ ଜିଲ୍ଲାପାଳ ଭାବେ ଦାୟିତ୍ୱ ମିଳିଥିବା ବେଳେ ପରୁଲ ପଟୱାରୀଙ୍କୁ ଜଗତସିଂହପୁର ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଟିଇ ଓ ଏସସିଇଆରଟିର ନିର୍ଦ୍ଦେଶକ ହେଲେ ସନତ କୁମାର ମହାନ୍ତ । ଗଙ୍ଗାଧର ସାହୁଙ୍କୁ ଜିଏ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି ।


DADLS-27



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ପୁଣ୍ୟ ଜୟନ୍ତୀ ଅବସରରେ ମୁଁ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଓ ଓଡ଼ିଶାର ବିକାଶରେ ସସମସ୍ତଙ୍କର ସହଯୋଗ କାମନା କରୁଛି ।

କୋଭିଡ୍ ନିୟମାବଳୀର ପାଳନ ଯଥା ଠିକ୍ ଭାବରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରି ପର୍ବ ପାଳନ ପାଇଁ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0051/2122


# ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ଶିକ୍ଷା ମାତୃଭାଷାକୁ ବ୍ୟବହାରିକ ରୂପ ଦେବ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୮/୧୦ (ନି.ପ୍ର): ଓଡିଶା ଭାଷାଭିତିକ ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତି ହେବାକୁ ଆଗାମୀ ୧୫ ବର୍ଷ ଏବଂ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତି ହେବାକୁ ଥିବା ଆଗାମୀ ୨୫ ବର୍ଷର ମଧ୍ୟରେ ପିଲାମାନଙ୍କୁ ପୋଷଣ, ଭାଷା, ଶିକ୍ଷା ଏବଂ ରୋଜଗାରକୁ ଆମ ସମାଜର ଗୁରୁତ୍ୱ ଓଡିଆ ଜାତିକୁ ସ୍ୱାବଲମ୍ବୀ, ସ୍ୱାଭିମାନୀ ଏବଂ ଆତ୍ମନିର୍ଭର କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋମବାର ଭୁବନେଶ୍ୱର ସ୍ଥିତ ଆଇଆଇଟି ଖଡ଼ଗପୁରରର ବର୍ଦ୍ଧିତ କ୍ୟାମ୍ପସ ଠାରେ ଓଡ଼ିଆ ଭାଷାରେ ଇଂଜିନିୟରିଂ ଶିକ୍ଷା ପ୍ରଦାନ କରିବା ପାଇଁ ଅଖିଳ ଭାରତୀୟ ଶିକ୍ଷା





ପରିଷଦ(ଏଆଇସିଟିଇ) ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାନ(ଆଇଓଏସଆର) ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ଏଆଇସିଟିଇ ଓ ଆଇଓଏସଆରକୁ ଏହି ସାଧୁ ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ଏମଓୟୁ ଅନୁସାରେ ଶିକ୍ଷାର ମାନ ଏବଂ ଛାତ୍ରଛାତ୍ରୀ ମାନଙ୍କ ବୁଝିବାର ସାମର୍ଥ୍ୟ ଅନୁସାରେ ଡିପ୍ଲୋମା, ବି.ଟେକ୍ ଭଳି ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ▶▶ପୃଷ୍ଠା ୭

# ରାମ ରହିମଙ୍କୁ ଆଜୀବନ ଜେଲ

ଚଣ୍ଡିଗଡ,୧୮/୧୦ (ନି.ପ୍ର): ଆତ୍ମଘୋଷିତ ଧର୍ମଗୁରୁ ତଥା ଡେରାସଚ୍ଚା ସୌଦା ପ୍ରମୁଖ ଗୁରୁମିତ ରାମ ରହିମଙ୍କୁ ପୁଣି ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରାଯାଇଛି । ଡେରା ମ୍ୟାନେଜର ରଣଜିତ ସିଂହ ତହ୍ୟା ମାମଲାରେ ତାଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି ସିବିଆଇ ସ୍ୱେଶାଲ କୋର୍ଟ । ଏଥିସହ ରାମ ରହିମଙ୍କ ଅନ୍ୟ ୪ ସହଯୋଗୀଙ୍କୁ ମଧ ସମାନ ଦଣ୍ଡିତ କରିଛନ୍ତି କୋର୍ଟ । କେବଳ ସେତିକି ନୁହେଁ ଜରିମାନା ବାବଦକୁ ରାମ ରହିମଙ୍କୁ ୩୧ ଲକ୍ଷ ଓ ଅନ୍ୟ ୪ ସହଯୋଗୀଙ୍କୁ ୫୦ ହଜାର ଟଙ୍କା ଘୋଷଣା କରିଛନ୍ତି କୋର୍ଟ । ୨୦୦୨ରେ ପୂର୍ବତନ ଡେରା ପ୍ରବନ୍ଧକ ରଞ୍ଜିତ ସିଂହଙ୍କ ହତ୍ୟା ମାମଲାରେ ଅକ୍ଟୋବର ୮ରେ



କୋର୍ଟ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଦୀର୍ଘ ୧୯ ବର୍ଷ ପରେ ଏହି ମାମଲାରେ ଆଜି କୋର୍ଟ ରାୟ ଶୁଣାଇଛନ୍ତି । ରାୟ ଶୁଣାଇବା ପୂର୍ବରୁ ହରିୟାଣାର ପଞ୍ଚକୁଲା ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥା କଡା କଡି କରାଯାଇ ୧୪୪ ଧାରା ଲାଗୁ କରାଯାଇଥିଲା । ଡେରା ମ୍ୟାନେଜର ରଣଜିତ ସିଂହ ହତ୍ୟା ମାମଲାରେ ▶▶ପୃଷ୍ଠା ୭


DADLS-27



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

କରୋନା ମହାମାରୀ ସମ୍ପୂର୍ଣ୍ଣ ଦୂରେଇ ଯାଇନାହିଁ । ସରକାରଙ୍କ ତରଫରୁ ଜାରି କରାଯାଇଥିବା କୋଭିଡ୍ କଟକଣା ଅନୁପାଳନ ପୂର୍ବକ ଏହି ଉତ୍ସବ ପାଳନ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)

ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

OIPR : 15001/13/0051/2122


# ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୮/୧୦(ନି.ପ୍ର): ପଶ୍ଚିମବଙ୍ଗର ଗାଙ୍ଗେୟ କ୍ଷେତ୍ର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାର ସକାଳେ ପଶ୍ଚିମବଙ୍ଗ ତତସଂଲଗ୍ନ ଉତର ଓଡ଼ିଶାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ସମୁଦ୍ର ପତନଠାରୁ ବାୟୁମଣ୍ଡଳରେ ୫.୮ କିମି ଯାଏଁ ବ୍ୟାପିଛି । ଏହାର ପ୍ରଭାବରେ ରାଜ୍ୟରେ ଅନେକ ସ୍ଥାନରେ ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି । ଯେଉଁଥିପାଇଁ ତଳିଆ ଅଂଚଳରେ ▶▶ପୃଷ୍ଠା ୭

# ଗିରଫ ପରେ ହସ୍ପିଟାଲରେ ଅଛନ୍ତି ଚିଲିକା ବିଧାୟକ : କ୍ୟାପିଟାଲ ହସ୍ପିଟାଲ ଗଲା ବିଜେପି ଟିମ୍

ଭୁବନେଶ୍ୱର,୧୮/୧୦(ନି.ପ୍ର): ଗିରଫ ପରେ ଜେଲରେ ନୁହେଁ ହସ୍ପିଟାଲରେ ଅଛନ୍ତି ବିଧାୟକ ପ୍ରଶାନ୍ତ ଜଗଦେବ । ଖୋର୍ଦ୍ଧା ଏଡିଜେ କୋର୍ଟରେ ଜାମିନ୍ ଖାରଜ ପରେ ଅସୁସ୍ଥତା ଦର୍ଶାଇ କ୍ୟାପିଟାଲ ହସ୍ପିଟାଲରେ ଅଛନ୍ତି ବିଧାୟକ । ପ୍ରକୃତ କଥା ବୁଝିବାକୁ କ୍ୟାପିଟାଲ ହସ୍ପିଟାଲରେ ପହଂଚିଯାଇଥିଲା ବିଜେପି ଟିମ୍ । ଏବଂ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ପଚାରିଥିଲେ ଯେ, ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରକୃତରେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଅଛି କି ? ତେବେ ଏହାର ଉତରରେ ତାଙ୍କର ହୃଦରୋଗ ଜନିତ ସମସ୍ୟା ଥିବା ଡାକ୍ତର କହିଥିଲେ । କିନ୍ତୁ ବିଜେପି ନେତା ସନ୍ଦେହ କରୁଛନ୍ତି, ଜଣେ ଠିକ୍ ଥିଲା, ହଠାତ ଗିରଫ ପରେ, ତାଙ୍କ ଦେହ କେମିତି ଖରାପ ହୋଇଗଲା । ବିଜେପି ନେତା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଡାକ୍ତର ଏଲ.ଡି ସାହୁଙ୍କୁ ପ୍ରଶ୍ନ କରୁଛନ୍ତି ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରକୃତରେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଅଛି କି ? ଏବଂ ଏହାର ▶▶ପୃଷ୍ଠା ୭

# ମୟୂରଭଂଜ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ(ଦିଶା)କମିଟି ବୈଠକ ଅନୁଷ୍ଠିତ

ବାରିପଦା,୧୮/୧୦ (ନି.ପ୍ର): ମୟୂରଭଂଜ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ(ଦିଶା)କମିଟି ବୈଠକ ତା୧୬.୧୦.୨୦୨୧ରିଖ ପୂର୍ବାହ୍ନରେ ଜିଲ୍ଲା ଆଦିବାସୀ କୌଶଳ ଅଭିବୃଦ୍ଧି ସାଧନ କେନ୍ଦ୍ର ପ୍ରୟାସ ସମ୍ମିଳନ କକ୍ଷରେ ମୟୂରଭଂଜ ଲୋକ ସଭା ସଂସଦ, କେନ୍ଦ୍ର ଜଳଶକ୍ତି ଓ ଜନଜାତି ବ୍ୟାପାର ମନ୍ତ୍ରୀ ତଥା ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ(ଦିଶା) କମିଟର ଅଧକ୍ଷ ଶ୍ରୀ ବିଶେଶ୍ୱର ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୟୂରଭ କେନ୍ଦ୍ରମନ୍ତ୍ରୀ ତଥା କମିଟିର ଅଧକ୍ଷ ଶ୍ରୀ ଟୁଡୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସହାୟତାରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା, ଉନ୍ନୟନ ଓ ଜନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ ଦିଗରେ ଜିଲ୍ଲା ଦିଶା କମିଟି ବୈଠକର ଅଭିମୁଖ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରି ବୈଠକ ପରିଚାଳନା କରିଥିଲେ । ଉକ୍ତ ବୈଠକରେ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ମରୋଡା ବିଧାୟକ ରାଜକିଶୋର ଦାସ, ଉଦଳା ବିଦାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଯଶିପୁର ବିଧାୟକ ଶ୍ରୀ ଗଣେଶ ରାମସିଂ ଖୁଂଟିଆ, ବଡସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି,ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ, ମୟୂରଭ ଜିଲ୍ଲାପାଳ ଶ୍ରୀ ବୀନିତ ଭରଦ୍ୱାଜ ଭା.ପ୍ର.ସେ., ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପି. ଅନ୍ୱେଷା ରେଡ୍ଡି, ଭା.ପ୍ର.ସେ. ପ୍ରମୁଖ ସମେତ ଜିଲ୍ଲାସ୍ତରୀୟ ଲାଇନ ବିଭାଗ ଅଧିକାରୀ ତଥା, ଜିଲ୍ଲାର ପଂଚାୟତ ସମିତି ଅଧକ୍ଷ / ଅଧକ୍ଷା ତଥା ଦିଶା କମିଟିର ସଦସ୍ୟ/ସଦସ୍ୟା ମାନେ ବୈଠକରେ ଯୋଗ ଦେଇ ଆଲୋଚନାରେ ସଂକ୍ରିୟ ଅଂଶ ଗ୍ରହଣ କରିଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ସ୍ୱାଗତ ସୂଚନା ଜଣାଇ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଗୁଡିକ ପ୍ରଶାସନିକ ତ୍ୱାବଧାନରେ ସଂପୃକ୍ତ ବିଭାଗ ଦ୍ୱାରା ତ୍ୱରାନ୍ୱିତ କରାଯିବା ଦିଗରେ ବିଶେଷ ଧାନ ଦିଆଯାଉଥିବା ଉଲ୍ଲେଖ କରିବା ସହିତ ସମୀକ୍ଷା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ବୈଠକରେ ଜିଲ୍ଲଗ୍ରାମ୍ୟ ଉନ୍ନୟନ ସଂସ୍ଥାଦ୍ୱାରା ଉପସ୍ଥାପିତ କାର୍ଯ୍ୟସୂଚୀ ଅନୁସାରେ ପ୍ରଥମେ ଦିଶା କମିଟୀର ପୂର୍ବ ବୈଠକ ଆଲୋଚନାରେ ଉତଥାପିତ ବିଭିନ୍ନ ଆପତି ଅଭିଯୋଗ ଓ ପ୍ରସ୍ତାବ ଉପରେ ସଂପୃକ୍ତ ବିବାଗ ।ଧିକାରୀ ମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ଅନୁପାଳନ ସମ୍ପର୍କରେ ଆଲୋଚନା ମୂଳକ ସମୀକ୍ଷା କରାଯାଇ ବୀବରଣୀକୁ ବୃଦ୍ଧି କରଣ କରାଯାଇଥିଲା । ତପ୍ରରେ ବିଶେଷ କରି ଗତ ୨୦୨୦-୨୧ ଓ ଚଳିତ ୨୦୨୧-୨୨ ବର୍ଷରେ କେନ୍ଦ୍ରୀୟ ଯୋଜନା ସହୟତାରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ଏମଜି ଏନଆରଇଜିଏସ୍, ଦିନ ଦୟାଲ ଉପାଧାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା, ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନା, ପ୍ରଧାନ ମନ୍ତ୍ରୀ ଆବାସ (ଗ୍ରାମୀଣ ଓ ସହରାଂଚଳ) ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପ (ଗ୍ରାମାଂଚଳ ଓ ସହରାଂଚଳ), ପ୍ରଦାନ ମନ୍ତ୍ରୀ କୃଷି ସିଂଚାଇ ଯୋଜନା (ସମନ୍ୱିତ ଜଳଛାୟା ପ୍ରକଳ୍ପ ପରିଚାଳନା), ଦିନଦୟାଲ ଉପାଧ୍ୟାୟ ଗ୍ରାମ୍ୟ ଜ୍ୟୋତି ଯୋଜନା ଅନ୍ତର୍ଗତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମର ସ୍ଥିତି ଓ ଅଗ୍ରଗତି ସଂପର୍କରେ ପୁଂଖାନୁପୁଂଖ ଆଲୋଚନା ମୂଳକ ସମୀକ୍ଷା କରାଯାଇଥିଲା । ଆଲୋଚନାରେ ଉପସ୍ଥିତ ସାଂସଦ, ବିଧାୟକ, ପଂଚାୟତ ସମିତି ଅଧ୍ୟକ୍ଷ / ଅଧ୍ୟକ୍ଷା, ସଦସ୍ୟ /ସଦସ୍ୟା ମାନେ ନିଜନିଜ ଅଂଚଳରେ ବିଶେଷ କରି ଗମନା ଗମନର ରାସ୍ତା ସଂଯୋଗୀ କରଣ, ପ୍ରଦାନ ମନ୍ତ୍ରୀ ।।ବାସ ଗୃହ ପ୍ରକୃତ ଯୋଗ୍ୟ ହିତାଧିକାରିଙ୍କୁ ତାଲିକା ଭୁକ୍ତ କରାଯିବା ଏବଂ ଜିଲ୍ଲାର ସୀମାନ୍ତ ଗ୍ରାମାଂଚଳ ଓ ହାମଲେଟ (ଜନବସତି) ତଥା ଶିମିଳିପାଳ ଦୂର୍ଗମ ଅଂଚଳରେ ପାନୀୟ ଜଳ, ରାସ୍ତା ଓ ପୋଲ ସଂଯୋଗୀ କରଣ, ଆଲୋକ ଓ ସୌରଶକ୍ତି ଆଲୋକ ବ୍ୟବସ୍ଥା ଆଦି ଦିଗ ପ୍ରତି ବିଶେଷ ଦୃଷ୍ଟି ଦେଇ ଯୋଜନା କାର୍ଯ୍ୟକ୍ରମକୁ ତ୍ୱରାନ୍ୱୀତ କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଗୁରୁତ୍ୱାରୋପ କରାଯାଇଥିଲା । ମେଗା ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ରମକୁ ତ୍ୱରାନ୍ୱୀତ କରାଯିବା ସହ ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଉପରେ ମନ୍ତ୍ରୀ ଶ୍ରୀ ଟୁଡୁ ପ୍ରାଧାନ୍ୟ ଦେଇଥିଲେ । ବୈଠକରେ ମୟୂରଭଂଜର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ଜିଲ୍ଲାର ସାମଗ୍ରୀକ ପାଇଁ କାର୍ଯ୍ୟକାରୀ କରାଯାଉଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ବିଶେଷ କରି ଗ୍ରାମାଂଚଳର ଭିତିଭୂମୀ ବିକାଶ ପ୍ରତି ଧ୍ୟାନଦେଇ ସମସ୍ତ ବିଭାଗିୟ ଅଧିକାରୀ ମାନେ ନିୟମିତ କ୍ଷେତ୍ର ଗସ୍ତ କରି ପ୍ରକଳ୍ପ କାର୍ଯ୍ୟ ଗୁଡିକର ପ୍ରକୃତ ସ୍ଥିତି ଅନୁଧ୍ୟାନ କରିବା ସହିତ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କୁ ଅବଗତ ପୂର୍ବକ ସାମିଲ କରି ସୁସମ୍ପନ୍ୱୟ ଓ ସହଯୋଗ ରକ୍ଷା ପୂର୍ବକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକକୁ ପରାମର୍ଶ ଦେଇଥିଲେ ।

# ଅସହାୟଙ୍କୁ ସହାୟତାର ହାତ ବଢାଇଲା ଆର୍ଶିବାଦ ଆଗ୍ରୋ ପ୍ରଡକ୍ଟ

କୋରାଇ,୧୮/୧୦ (ନି.ପ୍ର): ଅସହାୟଙ୍କୁ ସହାୟତାର ହାତବଢାଇଲା ଆର୍ଶିବାଦ ଆଗ୍ରୋ ପ୍ରଡକ୍ଟ। ବିଭିନ୍ନ ସମୟରେ ତଥା କରୋନା କାଳରେ ପ୍ରବାସୀ ମାନଙ୍କୁ ଆମେ ବିପଦରେ ସାଥି ସହାୟତାରେ ସାହାଯ୍ୟର ହାତବଢାଉଥିବା ଏହି ଶିଳ୍ପାନୁଷ୍ଠାନ ଆଜି ମଧ୍ୟ ଆଉ ଏକ ଉଦାହରଣ ସୃଷ୍ଟି କରିଛି । କରଦା ପଂଚାୟତର ବାଘନଟା ଗ୍ରାମରେ ଶୁଦ୍ଧିକ୍ରିୟା ହୋଇପାରୁନଥିବା ଏକ ପରିବାରକୁ ସହାୟତାର ହାତ ବଢାଇ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇଛି । ବାଘନଟା ଗ୍ରାମର ସ୍ୱର୍ଗତ ନଟବର ସେନାପତିଙ୍କ ପୁଅ ନୀଳମଣି(୪୨) । ହାଇଦ୍ରାବାଦରେ ଶ୍ରମିକ ଭାବେ ରହି ପରିବାର ପ୍ରତିପୋଷଣ କରେ । ଘରେ ମାଆ, ପତ୍ନୀ ଓ ଦୁଇଟି ଝିଅ । ପରିବାର ଏକ ମାତ୍ର ରୋଜଗାର ବ୍ୟକ୍ତି ଥିଲା ନୀଳମଣି । ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ଦୁର୍ଘଟଣାରେ ଶିକାର ହୋଇଥିଲେ ନିଳମଣି । ସେଠାରେ କିଛିଦିନ ଚିକିତ୍ସିତ ହେବା ପରେ କମ୍ପାନୀ ପକ୍ଷରୁ ସହାୟତା ନମିଳିବାରୁ କଟକ ଆସି ଚିକିତ୍ସିତ ହେଉଥିଲେ । ଗତ ଅକ୍ଟୋବର ୯ତାରିଖ କଟକରେ ଚିକିତ୍ସିତ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା । ଘରେ ମୁଣ୍ଡ ଗୁଂଜିବାକୁ ଗୋଟିଏ ବଖରା ଚାଳଘର । ଗ୍ରାମବାସୀ ମାନେ ଅର୍ଥ ଆଦାୟ କରି ଶବ ସତ୍କାର କରିଥିବା ବେଳେ ଶୁଦ୍ଧିକ୍ରିୟା ପାଇଁ ଅର୍ଥର ଅଭାବ ଦେଖାଦେଇଥିଲା । ଫଳରେ ଗ୍ରମାବାସୀମାନେ ସହଯୋଗର ହାତ ବଢାଇବା ସହ ଅର୍ଶୀବାଦ ଆଗ୍ରୋ ପଡକ୍ଟକୁ ଜଣାଇଥିଲେ । ଆଜି ୯ମ ଦିନରେ ଶୁଦ୍ଧିକ୍ରିୟା ପାଇଁ ଆଶୀର୍ବାଦ ଆଗ୍ରୋ ପଡକ୍ଟ ପକ୍ଷରୁ ମ୍ୟାନେଜର ବାବୁଲା ଦାଶ ଓ ସହକର୍ମି ଜନାର୍ଦ୍ଦନ ସେନାପତିଙ୍କୁ ସାଂଗରେ ନେଇ ନୀଳମଣିର ମାଆକୁ ୧୦ ହଜାର ଟଙ୍କା ନଗଦ ପ୍ରଦାନ କରିଥିଲେ । ଆବାସ ଯୋଜନାରେ ଗୃହ ଖଣ୍ଡେ ଯୋଗାଇବା ସହ ଅସହାୟ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି ।

# ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅବଦୁଲ କଲାମ ଜୟନ୍ତୀ ପାଳିତ

ଧର୍ମଶାଳା,୧୮/୧୦ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ଅଗ୍ରରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରୟାସ' ପକ୍ଷରୁ ପ୍ରାକ୍ତନ ରାଷ୍ଟ୍ରପତି ତଥା ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକ ଏପିଜେ ଅବଦୁଲ କଲାମଙ୍କ ୯୦ତମ ଜନ୍ମ ଜୟନ୍ତୀ ଉତ୍ଦବ ଚଣ୍ଡିଖୋଲ ସ୍ଥିତ ସରକାରୀ ଉଚ୍ଚ ବିଦ୍ରାଳୟ ପରିସରରେ ଅନୁଷ୍ଠାନର ଉପଦେଷ୍ଟା ସାମ୍ବାଦିକ ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଅବଦୁଲ କଲାମ ଗତ ୨୦୦୩ ମସିହାରେ ଏକ ମହନୀୟ କାର୍ଯ୍ୟକ୍ରମରେ ବଡଚଣାକୁ ଆସି ଏହି ମାଟିକୁ ଗୌରବାନ୍ୱିତ କରିଥିଲେ । ମୁଖ୍ୟବକ୍ତା ଭାବେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ଓ ସମ୍ମାନୀତ ଅତିଥି ଭାବେ ଅଧାପକ ସଲିଳ ମହାନ୍ତି, ସରପଂଚ ଯଯାତି କେଶରୀ ରାଉତ, ଆଇନଜୀବି ଦେବରାଜ ବେହେରା, ଆତ୍ମା ଅଧକ୍ଷ ନିରଞ୍ଜନ ସେନାପତି, ଯୁବ ସମାଜସେବୀ ଗଣେଶ୍ୱର ବରାଳ, ଚିନ୍ମୟ ମହାନ୍ତି, ପ୍ରଭାକର ସାମଲ, ସଂଗ୍ରାମ ଜେନା, ଯତୀନ୍ଦ୍ର ନାୟକ, ଜଗନ୍ନାଥ ମୁଦୁଲି, ଶିବରାମ ସାହୁ ଓ ପ୍ରସନ୍ନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଓଏଏସ ପାଇଥିବା ଅଶ୍ୱିନୀ କୁମାର ପଣ୍ଡା, ତପନ ତରାଇ ଓ କଳ୍ପିତା ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଭରତ ଭୂଷଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇନଜୀବି ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ନାୟକ, ପ୍ରତାପ ଗୋଚ୍ଛାୟତ, ଭବୋତୋଷ ବିଶ୍ୱାଳ, ମକରଧ୍ୱଜ ଦାସ, ବସନ୍ତ ପଲାଇ, ମୋହନ ମହାରଣା, ହେମେସ ଜେନା, ଦିଲ୍ଲିପ ସାହୁ, ପ୍ରମୋଦ ଜେନା, ମନୋଜ ରାଉତ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ସ୍ୱେଚ୍ଛାସେବୀ ସଂଗଠନର ମୁଖପାତ୍ର ସୁରେନ୍ଦ୍ର କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# କରୋନା କଟକଣାକୁ ଫୁଁ କରି ଏମପିଭି ୮ ୧ ଗ୍ରାମରେ ଚାଲିଛି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ମାଲକାନଗିରି,୧୮/୧୦ (ନି.ପ୍ର): ସାରା ରାଜ୍ୟ ରେ କରୋନା କଟକଣା ପାଇଁ ଦୁର୍ଗାପୂଜା ଭକ୍ତଙ୍କୁ ମନା କରାଯିବା ସହ ଲୋକଙ୍କ ଦର୍ଶନ କୁ ମଧ ବିଭିନ୍ନ ସ୍ଥାନ ରେ ବନ୍ଦ କରାଯାଇଥିଲା । ଏହା ସହ ଜନ ଗହଳି କୁ ମଧ ଅଧିକ ଦୃଷ୍ଟି ଦେବା ପାଇଁ ପୂଜା ପୂର୍ବରୁ ଗାଇଡ୍ ଲାଇନ୍ ମଧ ଘୋଷଣା କରାଯାଇଥିଲା । ହେଲେ ଏ ସବୁ ଭିତରେ ରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଙ୍କ ସମସ୍ତ ନିୟମକୁ ଫୁଁ କରି ଉଡାଇ ଦୁର୍ଗାପୂଜା ସମୟରେ ରଙ୍ଗା ରଙ୍ଗ ନାଚ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଛନ୍ତି କାଲିମେଳା ବ୍ଲକ୍ ଏମ ପି ଭି ୮ ୧ ଗ୍ରାମ ର ପୂଜା କମିଟି । ଚାଲିଛି ରିମ ଝିମ୍ ଆଲୁଅ ର ତାଳେ ତାଳେ ରଙ୍ଗିନ ଡ୍ୟାନ୍ସ ମତୁଆଲା ହେଉଛନ୍ତି ଦର୍ଶକ ।କୋଭିଡ କଟକଣା କୁ ଖୋଲାଖୋଲି ଭାବେ ଫୁ କରି ଉଡାଇ ଦେଇ ଚାଲିଛି ମତୁଆଲା ଆଇଟମ ଡ୍ୟାନ୍ସ । ମିଡ୍ ନାଇଟ ରେ ରଙ୍ଗିନ୍ ଡାନ୍ସ ର ଏ ଚିତ୍ର ହେଉଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଏମ ପି ଭି ୮ ୧ (ନେତାଜୀ ନଗର) ଗ୍ରାମର ।ମାଲକାନଗିରି ଜିଲ୍ଲା ସଦର ର ବୀରେନ୍ ଡାନ୍ସ ଗ୍ରୁପ ର ନୃତ୍ୟଶିଳ୍ପୀ ଙ୍କ ମତୁଆଲା ନାଚ ରେ ଏଥି ବୋବାଲ୍ ଦର୍ଶକ । ବର୍ଷା ପାଣି ଭଳି ରୋମାଣ୍ଟିକ୍ ଗୀତ ଏଥି ଦର୍ଶକ ଙ୍କ ମନ ରେ ନିଆଁ ଲଗାଉଅଛି । ହେଲେ ଏ ସବୁ ଠିକ୍ ଅଛି ହେଲେ ଏଥି ନାହିଁ ଲୋକ ଙ୍କ ମଧ ରେ ସଚେତନତା, ନା ଏଠାରେ ଲୋକେ ଏହାକୁ ବିରୋଧ କରୁଛନ୍ତି, ନା କେହି କରୋନା କଟକଣା ପ୍ରତି ସଚେତନ ଅଛନ୍ତି, ନା କାହାରି ମୁହଁ ରେ ମାକ୍ସ ଅଛି ନା ସାମାଜିକ ଦୂରତା । ସବୁ କିଛି କୁ ଫୁ କରିଛନ୍ତି ଉଭୟ ଦର୍ଶକ ଓ ପୂଜା କମିଟି । ପୂଜା କୁ ଆମେ ବିରୋଧ କରୁ ନାହୁଁ ହେଲେ ଏହା କି ପରମ୍ପରା ଲୋକ ଙ୍କ ଜୀବନ କୁ ଗୁରୁତ୍ୟ ଦେବା ପ୍ରାଥମିକତା ବଦଳ ରେ କମିଟି ଦୁଇ ପଇସା ଲାଭ ଆଶା ରେ ଦର୍ଶକ ଓ ଗ୍ରାମବାସୀ ଙ୍କୁ ଏଭଳି ଭିଡ଼ କରି ବିପଦ ମୁହଁରେ ଠେଲି ଦେଉ ନାହିଁ ତ ? ମାଲକାନଗିରି ଜିଲ୍ଲାପ୍ରଶାସନ ନିଶ୍ଚୟ କମିଟି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବୀ ହେଉଛି !

# କୃଷିବିଜ୍ଞାନ କେନ୍ଦ୍ର ପୁରୀ ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ ଓ ସଚେତନତା ଶିବିର ଅନୁଷ୍ଠିତ

ନିମାପଡ଼ା,୧୮/୧୦ (ନି.ପ୍ର): ନିମାପଡ଼ା ବ୍ଲକ ଅନ୍ତର୍ଗତ ଗଢପଦନପୁର ପଂଚାୟତର କଂଟାବଣିଆ ଗ୍ରାମରେ କୃଷିବିଜ୍ଞାନ କେନ୍ଦ୍ର ପୁରୀ ପକ୍ଷରୁ ଶୁକ୍ରବାର ଦିନ ୪୧ତମ ବିଶ୍ୱଖାଦ୍ୟ ଦିବସ ପାଳିତ ହେବା ସହ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟବୈଜ୍ଞାନିକ ଡଃ ଅମ୍ବିକା ପ୍ରସାଦ ନାୟକ, କୃଷି ସମ୍ପ୍ରସାରଣ ଅଧିକରୀ ସୋନିତା ରାଣୀ ସେଠୀ, କୃଷି ଯନ୍ତ୍ରପାତି ଅଧିକାରୀ ଦିପଶିଖା ପରମଜିତା ପ୍ରମୁଖ ଆଲୋଚନା ଚକ୍ରରେ ଅତିଥି ଭାବେ ଯୋଗଦେଇ ଫୁଡ ଓଷ୍ଟ୍ ଇନଡେକ୍ସ(୨୦୨୧) ଅନୁସାରେ ଭାରତରେ ପ୍ରାୟ ପ୍ରତିବର୍ଷ ପ୍ରତ୍ୟେକ ବ୍ୟକ୍ତି ପ୍ରାୟ ୫୦କେଜି ଖାଦ୍ୟ ନଷ୍ଟ କରିଥାଆନ୍ତି । ଅପରପକ୍ଷେ ଗ୍ଲୋବାଲ ହଙ୍ଗର ଇନଡେକ୍ସ ଅନୁସାରେ ଭାରତ ୧୦୧ ସ୍ଥାନରେ ରହିଅଛି । ଖାଦ୍ୟର ମହତ୍ୱ ଏବଂ ଖାଦ୍ୟର ଆବଶ୍ୟକତାକୁ ଆଖିଆଗରେ ରଖି ଚାଷୀମାନଙ୍କୁ ଦରକାର ଅନୁସାରେ ବଜାରର ଆବଶ୍ୟକତା ଦେଖି ସମନ୍ୱିତ କୃଷି ଭଳି ପ୍ରଣାଳୀ ଆପଣେଇ ଖାଦ୍ୟନଷ୍ଟକୁ ରୋକାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ପରିଶେଷରେ ଉପସ୍ଥିତ ଥିବା ଚାଷୀ ଭାଇଭଉଣୀ ମାନଙ୍କୁ ନେଇ ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଗ୍ରଣୀ ମହିଳା ଚାଷୀ ରାଜଲକ୍ଷ୍ମୀ ମହାନ୍ତି ପରିଚାଳନା କରିଥିଲେ ।

# ବିଶ୍ୱ ପ୍ରାର୍ଥନା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୮/୧୦ (ନି.ପ୍ର): ପ୍ରତିବର୍ଷ ଜାନୁଆରୀ ୧ ତାରିଖକୁ ବିଶ୍ୱ ପ୍ରାର୍ଥନା ଦିବସ ରୂପରେ ପାଳନ କରାଯାଇ ବିଶ୍ୱରେ ଶାନ୍ତି , ସଦ୍ଭାବ ପ୍ରତିଷ୍ଠା କରିବା ପାଇଁ ସର୍ବଧର୍ମ ପ୍ରାର୍ଥନା ସଭା କେନ୍ଦ୍ରାପଡା ଶିବାନନ୍ଦ ଆଶ୍ରମ ପକ୍ଷରୁ ଆହ୍ୱାନ ଦିଆଯାଇ ଆସୁଅଛି । ଏନେଇ ଏକ ପ୍ରସ୍ତୁତି ବୈଠକ ଆଶ୍ରମର ମୁଖ୍ୟ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ଜନ ସାଧାରଣଙ୍କୁ ନିବେଦନ କରିବା ସହ ପ୍ରେସ ବାର୍ତା ମାଧମରେ ଏହାର ତାତ୍ପର୍ଯ୍ୟ ଉପସ୍ଥାପନା କରିଛନ୍ତି ।

# ମହାକାଳପଡ଼ାରେ ବିଜେଡିର ମିଶ୍ରଣ ପର୍ବ

କେନ୍ଦ୍ରାପଡ଼ା,୧୮/୧୦ (ନି.ପ୍ର): ମହାକାଳପଡା ବ୍ଲକର ମହାକାଳପଡା ଗ୍ରାମ ପଂଚାୟତ ନିମନ୍ତେ ସରପଂଚ ପଦବୀ ପାଇଁ ଚଳିତ ବାଇଇଲେକ୍ସନ ପ୍ରତିଦ୍ୱନ୍ଦୀତା କରୁଥିବା ବିଜେପି ସମର୍ଥିତ ପାର୍ଥିନୀ ଶ୍ରୀମତୀ ଜୀବନଜ୍ୟୋସ୍ନା ଜେନା ଓ ତାଙ୍କର ସ୍ୱାମୀ ଯୁବ ନେତା ଶ୍ରୀଯୁକ୍ତ ରବିନ୍ଦ୍ର କୁମାର ରାଉତ ନିଜର ସମର୍ଥକ ମାନଙ୍କ ସହିତ ମହାକାଳପଡା ନିର୍ବାଚନ ମଣ୍ଡଳୀର ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ବିଜେଡି ଦଳ ଉପରେ ଆସ୍ଥା ପ୍ରକଟ କରି ମାର୍ଶାଘାଇ ଡାକବଙ୍ଗଳା ଠାରେ ବିଧାୟକ ଓ ପଂଚାୟତର ବିଜେଡିର ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି ।

# ସ୍ୱାମୀଙ୍କ ଦ୍ୱିତୀୟ ବିବାହକୁ ବିରୋଧ କରିବାରୁ ପ୍ରଥମ ପତ୍ନୀଙ୍କୁ ଅଧିକ ଯୌତୁକ ଦାବିରେ ହତ୍ୟା ଉଦ୍ୟମ ଅଭିଯୋଗ

ନିମାପଡ଼ା,୧୮/୧୦ (ନି.ପ୍ର): ସ୍ୱାମୀର ଦ୍ୱିତିୟ ବିବାହକୁ ବିରୋଧ କରିବାରୁ ଜଣେ ନବବଧୂକୁ ତାର ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରିରିକ ନିର୍ଯ୍ୟାତନା ଦେଇ ଜୀବନରୁ ମାରିଦେବାକୁ ଉଦ୍ୟମ କରି ଘରୁବାହାର କରିଦେଇ ଥିବାନେଇ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏହି ଥାନା ଅନ୍ତର୍ଗତ ତୋରିହଁବନ୍ଧ ମଠସାହି ଗ୍ରାମର ଜୟଦେବ ପ୍ରଧାନଙ୍କ ପତ୍ନୀ ଖୋଲଣା ପ୍ରଧାନ ବଳଙ୍ଗା ଥାନାରେ କରିଥିବା ଲିଖିତ ଅଭିଯୋଗ ଅନୁଯାୟୀ ଗତ ୨୦୧୨ ମସିହାରେ ଜୟଦେବ ଖୋଲଣାଙ୍କୁ ପ୍ରେମ ବିବାହ କରିଥିଲେ । ବିବାହ ସମୟରେ ଯୌତୁକ ବାବଦକୁ ନଗଦ ୫୦ହଜାର ଟଙ୍କା ସହ ସୁନାଅଳଙ୍କାର ସହ ସମସ୍ତ ଆସବାବ ପତ୍ର (ଯାହାର ଆନୁମାନିକ ମୁଲ୍ୟ ୫ଲକ୍ଷ ) ହେବ ଦିଆଯାଇଥିଲା । ବର୍ତମାନ ଖୋଲଣାଙ୍କର ଏକ ୯ବର୍ଷ ପୁଅ ଥିଲା ବେଳେ ଜୟଦେବ ନିଜର ମାମୁଁ ଝିଅ ଭଉଣୀ ପ୍ରତିମା ହାତୀଙ୍କ ସହ ପ୍ରେମ ସମ୍ପର୍କ ଗଢିଉଠିଥିଲା । ଚଳିତ ବର୍ଷ ଜାନୁଆରୀ ମାସରେ ଜୟଦେବ ତାଙ୍କ ମାମୁଁଙ୍କ ଝିଅକୁ ନେଇ ଆସି ପରିବାର ଲୋକଙ୍କ ସହାୟତାରେ ଦ୍ୱିତୀୟ ବିବାହ କରିଥିଲେ । ଏହି କଥା ଜଣାପଡିବା ପରେ ଖୋଲଣା ନ୍ୟାୟ ପାଇଁ ବଳଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ । ତେବେ କେତେକ ଭଦ୍ରଲୋକଙ୍କ ଉପସ୍ଥିତିରେ ସମାଧାନ ହୋଇ ଘରେ ଶାଶୁଘରକୁ ଆସିଥିଲେ । ସେହିଦିନ ଠାରୁ କାହିଁକି ଥାନାକୁ ଗଲୁ ଆମ ଇଜତ ଗଲା ବୋଲି କହି ଖୋଲଣାଙ୍କ ସ୍ୱାମୀ ଓ ତାଙ୍କର ୨ ଦେଢଶ୍ୱର ,ଶଶ୍ୱର ମାନେ ମିଶି ଖୋଲଣାଙ୍କୁ ଅଧିକ ୨ଲକ୍ଷ ଟଙ୍କା ଯୌତୁକ ଦାବି କରି ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ । ତେବେ ଗତ ୪ଦିନ ତଳେ ଖୋଲଣାଙ୍କ ଦେହରୁ ଉପରୋକ୍ତ ଆସାମୀ ମାନେ ସୁନାଗହଣା ନେଇଯିବା ସହ ସେ ଶୋଉଥିବା ଘରକୁ ଚାବି ପକାଇଦେଇଥିଲେ ଓ ଖୋଲଣା ଏବଂ ତାଙ୍କ ପୁଅକୁ ଖାଇବାକୁ ଦେଇନଥିଲେ । ଯାହା ଫଳରେ ଖୋଲଣା ନିଜ ୯ବର୍ଷର ପୁଅକୁ ଧରି ଭୋକ ଉପାସରେ ଛାତ ସିଡି ତଳେ ରହୁଥିଲେ । ତେବେ ଶନିବାର ଦିନ ସକାଳ ୮ଟା ସମୟରେ ଖୋଲଣାଙ୍କ ସ୍ୱାମୀ ଓ ତାଙ୍କର ୨ୟ ପତ୍ନୀ ପ୍ରତିମାଙ୍କ ସହ ଦେଢଶ୍ୱର ବାସୁଦେବ ପ୍ରଧାନ, ଯାଦବ ପ୍ରଧାନ ଓ ଶଶ୍ୱର ହୃଷିକେଶ ପ୍ରଧାନ ମିଶି ଖୋଲଣାଙ୍କୁ ଅଶ୍ଳୀଳଭାଷାରେ ଗାଳିଗୁଲଜ କରିବା ସହ ଘରୁ ବାହାରି ଯିବାକୁ ଧମକ ଦେଲେ । ଖୋଲଣା ପ୍ରତିବାଦ କରିବାରୁ ଆସାମୀ ମାନେ ଖୋଲଣାଙ୍କ ବେକରେ ସେ ପିନ୍ଧିଥିବା ଲୁଗାକୁ ଗୁଡାଇ ଜିବନରେ ମାରିଦେବା ଉଦ୍ଦେଶ୍ୟରେ ଚିପି ଦେଇଥିଲେ ଓ ତାଙ୍କ ପୁଅଙ୍କୁ ବାହାରକୁ ଫୋପାଡିଦେବା ସହ ମା , ପୁଅଙ୍କୁ ଘରୁ ବାହାର କରିଦେଇଥିଲେ । ଯଦି ଘରକୁ ଆସିବ ତାହେଲେ ଖୋଲଣା ଓ ତାଙ୍କ ନାବାଳକ ପୁଅକୁ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ ବୋଲି ଖୋଲଣା ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ପାଇବା ପରେ ବଳଙ୍ଗା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ବାରମ୍ୱାର ଆକ୍ରମଣ କରୁଥିବା ଅଭିଯୁକ୍ତଙ୍କୁ ଧରୁନି ପୋଲିସ-ଅଭିଯୋଗ

କେନ୍ଦ୍ରାପଡ଼ା,୧୮/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଜମ୍ବୁ ମେରାଇନ ଥାନା ଅନ୍ତର୍ଗତ ଜଣେ ମହିଳାଙ୍କ ଉପରେ ସେହି ଗ୍ରାମର ଅଭିଯୁକ୍ତ ଜଣକ ବାରମ୍ବାର ଆକ୍ରମଣ କରି ଗୁରୁତର ଭାବରେ ଆହତ କରୁଛି । ପୋଲିସ ଥାନାରେ ଭିନ୍ନ ଭିନ୍ନ ୪ଟି ମମାମଲା ରୁଜୁ କରିଥିବା ବେଳେ ଅଭିଯୁକ୍ତକୁ ଧରୁ ନଥିବା ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ବତୀଘର ଗ୍ରାମର ସୁବଳ ଗିରିଙ୍କ ସ୍ତ୍ରୀ ମାମୁନୀ ଗିରିଙ୍କୁ ସେହି ଗ୍ରାମର ଅଶୋକ ବୈଦ ଘରେ ଏକା ଥିବାର ସୁଯୋଗ ନେଇ ବାରମ୍ବାର ମାମୁନୀଙ୍କ ଉପରେ ଆକ୍ରମଣ କରିଛି । ଏନେଇ ଥାନାରେ ଅଭିଯୋଗ ହେବାପରେ ଥାନା ଅଧିକାରୀ ନାମକୁ ମାତ୍ର ଗୋଟେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଧରୁ ନାହାଁନ୍ତି ଯାହା ଫଳରେ ବାରମ୍ବାର ଅଭିଯୁକ୍ତ ଯାଙ୍କ ଉପରେ ଆକ୍ରମଣ କରୁଛି । ଶୁକ୍ରବାର ଅଭିଯୁକ୍ତ ଜଣଙ୍କ ମାମୁନୀ ଗିରିଙ୍କୁ ମରଣାତ୍ମକ ଆକ୍ରମଣ କରିବାରୁ ଶ୍ରୀମତୀ ଗିରି କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଛାତ୍ରଛାତ୍ରୀମାନଙ୍କୁ ନେଇ ହେରିଟେଜ ରାଇଡ ଅନୁଷ୍ଠିତ

ପୁରୀ,୧୮/୧୦ (ନି.ପ୍ର): ଛାତ୍ରୀ ମାନଙ୍କୁ ନେଇ ହେରିଟେଜ ରାଇଡ ଅନୁଷ୍ଠିତ ହୋଇଛି । ଆଜି ସକାଳ ସମୟରେ ନୀଳାଦ୍ରି ବେଳାଭୂମିରୁ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ୩୦ ଜଣ ଛାତ୍ରଛାତ୍ରୀ ନିଳାଦ୍ରି ବେଳାଭୂମିରୁ ବାହାରି ଚକ୍ରତୀର୍ଥ ରୋଡରେ ଅବସ୍ଥିତ ଐତିହାସିକ ସମ୍ପର୍ଣ୍ଣ ଲକ୍ଷ୍ମୀନୃସିଂହ ଓ ଚକ୍ର ନାରାୟଣ ମନ୍ଦିର, ବଳରାମ ଦାସଙ୍କ ବାଲୁକା ରଥ ତିଆରି ସ୍ଥାନ, ବେଡି ହନୁମାନ, ବାଡି ନୃସିଂହ, ସୁନାର ଗୌରାଙ୍ଗ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ, ଗୁଣ୍ଡିଚା ମନ୍ଦିର, ଦଶାବତାର ମଠ ଆଦି ବୁଲି ଖୁସିବ୍ୟକ୍ତ କରିଥିଲେ । ଶ୍ରୀ ସିଦ୍ଧାର୍ଥ ଆଚାର୍ଯ୍ୟ ଉକ୍ତ ସ୍ଥାନ ମାନଙ୍କର ମହାତ୍ମ ବିଷୟରେ ଆଲୋକପାତ କରିଥିଲେ । ପିଲା ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପରୀକ୍ଷା କରାଯାଇ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା । ପୁରୀର ଉନ୍ନତ ଓ ଐତିହ୍ୟପୂର୍ଣ୍ଣ ତଥା ସୁପ୍ତ ପ୍ରାୟ ପ୍ରାଚୀନ ପରମ୍ପରାର ଅନାଲୋଚିତ ଦିଗ ସଂପର୍କରେ ଜିଜ୍ଞାସା ସୃଷ୍ଟି କରିବାକୁ ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମାଙ୍କ ତତ୍ତ୍ୱାବଧାନରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ହେରିଟେଜ ରାଇଡରେ ଛାତ୍ରଛାତ୍ରୀ, ଯୁବ ଗୋଷ୍ଠୀ, ବୁଦ୍ଧିଜିବୀ, ପର୍ଯ୍ୟଟକ ସମେତ ବିଭିନ୍ନ ବର୍ଗଙ୍କୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ସାମିଲ କରାଯାଉଛି । ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ସରୋଜ କାନ୍ତ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ସହାୟକ ଶିକ୍ଷକ ଶ୍ରୀ ସୋମନାଥ ଦାସ, ଇକୋ ଟ୍ୟୁରିଜିମ କ୍ଲବର ପ୍ରତିଷ୍ଠାତା ଶ୍ରୀ ଯୁଗବ୍ରତ କର, ଶ୍ରୀ ଶାନ୍ତିରଞ୍ଜନ ମିଶ୍ର, ଶ୍ରୀ ସୁଶାନ୍ତ ପାତ୍ର, ଶ୍ରୀ ସତ୍ୟବ୍ରତ ସାହୁ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ଦିନିକିଆ ଫୁଟବଲ ଓ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ

ନୂଆପଡା,୧୮/୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଲାଞ୍ଜି ଗ୍ରାମ ପଂଚାୟତ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମ ଠାରେ ଓଡିଶା ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ଏକଦିନିଆ ଫୁଟବଲ ଓ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଫୁଟବଲ ପ୍ରତିଯୋଗିତାରେ ୮ ଗୋଟି ଦଳ ରୋହେନପଦର, ମରଗାଁ, ଶୁକ୍ଳପୁର, ବୁଢ଼ାପରା, କେନ୍ଦୁଗୁଡା, ଉପରପିଟା, ସାଲେପଡା, ଓ ଲାଞ୍ଜି ଫୁଟବଲ ଦଳ ଯୋଗଦାନ କରିଥିଲେ । ଫାଇନାଲ ଫୁଟବଲ ଖେଳ ବୁଢ଼ାପରା ଓ ଲାଞ୍ଜି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବୁଢ଼ାପରା ୨-୦ ଗୋଲରେ ଲାଞ୍ଜି ଦଳକୁ ପରାସ୍ତ କରି ବିଜୟ ଲାଭ କରିଥିଲା । ବିଜୟ ବୁଢ଼ାପରା ଦଳକୁ ଟ୍ରଫି ଓ ଉପ ବିଜେତା ଦଳ ଲାଞ୍ଜିକୁ ରନସ ଅଫ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା । ସେହିପରି ମହାବିଦ୍ୟାଳୟ ସ୍ତରରେ ଛାତ୍ରୀ ମାନଙ୍କ ୧୦୦ ମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଧନମତୀ ମାଝୀ ପ୍ରଥମ, ଜୟନ୍ତୀ ମାଝୀ ଦ୍ୱିତୀୟ, ଲୋଚନୀ ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଦୌଡ଼ ପ୍ରତିଯୋଗିତାରେ ଉତିର୍ଣ୍ଣ ହୋଇଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଛାତ୍ରୀ ମାନଙ୍କୁ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା ।ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆପଡା ଜିଲ୍ଲା ସଂଘ ଚାଳକ ଉଦୟ ମାଝୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା କାର୍ଯ୍ୟବାହାକ ଜୟଶ୍ୱର ଶବର , ମୋହନ ଭାଇ, ସଜ୍ଜନ ଅଗ୍ରୱାଲ, ସଞ୍ଜୟ ଚଳାନ, ଚନ୍ଦନ ସିଂ ମାଝୀ, ମନୁରାମ ଶବର, ଭଗବାନ ଚଳାନ, ଦେବ ସିଂ ମାଝୀ, ବରୁଣ ରଣା ଯୋଗଦାନ କରିଥିବା ବେଳେ ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ବାଳକୃଷ୍ଣ ଶବର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଏସିଏଫ ଜୟରାମ ଶବର , ସାନମହେଶ୍ୱର ସରପଂଚ ବିଦୁର ଶବର , କରୁଣା ଶଙ୍କର ମାଝୀ, କାର୍ତ୍ତିକ ମଲ୍ଲିକ, ବିଜୟ ପାଢ଼ୀ, ପ୍ରମୂଖ ଯୋଗଦାନ କରିଥିଲେ । ଖେଳ ପରିଚାଳନାରେ ଉମାଶାଙ୍କର ମାଝୀ, ବିଜୟ ବଘେଲ, ଭଂଜ କିଶୋର ମାଝୀ, ଦିଲୁ ଶବର ଓ ସୀମାନ ଶବର ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ କେନ୍ଦୁଗୁଡା ଗ୍ରାମର ପ୍ରତାପ ମାଝୀ, ବଳିୟାର ସିଂ ମାଝୀ, ମହେଶ୍ୱର ମାଝୀ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# ଚଲନା କ୍ଷତ୍ରିୟ ଯୁବକ ସଂଘ ତରଫରୁ ବାର୍ଷିକ ଉତ୍ସବ ଓ ଖଣ୍ଡାପୂଜା ଅନୁଷ୍ଠିତ

ନୂଆପଡା,୧୮/୧୦ (ନି.ପ୍ର): ନୂଆପଡା ଜିଲ୍ଲା ଅନ୍ତର୍ଗତ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ଚଲନା କ୍ଷତ୍ରିୟ ଯୁବକ ସଂଘ ତରଫରୁ ସ୍ଥାନୀୟ ଚଲନା ଗୋରୁବଜାର ପଡିଆ ଠାରେ ୨ୟ ବାର୍ଷିକ ଉତ୍ସବ ତଥା ଖଣ୍ଡାପୂଜା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଅଶୋକ କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଗିରିରାଜ ମାଝୀ, ଜୟପାଲ ନାଗ, ପ୍ରିୟରଞ୍ଜନ ମେହେର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସଦାନନ୍ଦ ନାୟକ ସଭାପତିତ୍ୱ କରିଥିବା ବେଳେ ଅନ୍ୟମାନଙ୍କ ମଧରେ ଚଣ୍ଡୀ ଚରଣ ବିଶି, ବିପିନ ବିହାରୀ ବିଶି, ନରେନ୍ଦ୍ର ନାୟକ, ଲକ୍ଷ୍ମୀଚରଣ ପୁଝରୀ, ଗୁଣ୍ଡଧର ବିଶି, ଜାତୀନ୍ଦ୍ର ଖଣ୍ଡାୟତ, ସନ୍ତୋଷ ଖଣ୍ଡାୟତ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶୁଭାରମ୍ଭରେ ଗ୍ରାମ୍ୟ ଇଷ୍ଟଦେବୀ ମାଁ ରକ୍ତମାଉଳି ପୀଠରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କଲାପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା । ପରେ ପାରମ୍ପରିକ ରୀତିନୀତି ଅନୁସାରେ ଖଣ୍ଡା ପୂଜାର ଆୟୋଜନ କରାଯାଇଥିଲା । ଏହି ଅବସରରେ ଯୁବକ ଯୁବତୀ ମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।

## କଦଳୀ ପତ୍ର ସୋରିଷ ପନିର



**ଆବଶ୍ୟକ ସାମଗ୍ରୀ:** ପନିର, ତେଲ, ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁରସ, ଲୁଣ, କଦଳୀ ପତ୍ର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ ଲମ୍ବା ଲମ୍ବା କାଟି ଏକ ପାତ୍ରରେ ରଖନ୍ତୁ। ଏହାପରେ କରେଇରେ ତେଲ କରନ୍ତୁ। ତେଲ ଗରମ ହୋଇଯିବା ପରେ କଟା ପନିରକୁ ନାଲି ପଡ଼ିବା ପର୍ଯ୍ୟନ୍ତ ଛାଣନ୍ତୁ। ଛାଣି ସାରିବା ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପରେ ଏଥିରେ ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁରସ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ।

ଏକ କଦଳୀ ପତ୍ର ଆଣି ତାକୁ ଧୋଇ ନିଆଁରେ ସେକି ଦିଅନ୍ତୁ। ପରେ ସେକା କଦଳୀ ପତ୍ରରେ ମସଲା ଗୋଳା ପନିରକୁ ଗୁଡାଇ ରଖନ୍ତୁ। ଏହାପରେ ତାଓ୍ୱା ଗରମ କରନ୍ତୁ। ତାଓ୍ୱା ଗରମ ହୋଇଯିବା ପରେ କଦଳି ପତ୍ରରେ ଗୁଡ଼ାଇ ରଖିଥିବା ମସଲା ଗୋଳା ପନିରକୁ ତାଓ୍ୱାରେ ସେକନ୍ତୁ। ୩ରୁ ୪ ମିନିଟ୍ ପର୍ଯ୍ୟନ୍ତ ଏହାକୁ ତାଓ୍ୱାରେ ଶେକନ୍ତୁ। ଏହାପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ।

ପ୍ରସ୍ତୁତ ହୋଇଗଲା କଦଳୀ ପତ୍ର ସୋରିଷ ପନିର। ପରେ କଦଳୀ ପତ୍ରରୁ ପନିର କାଢ଼ି ଆପଣ ଖାଇପାରିବେ।

## ଭୁଲ୍‌ରେ ବି ଫିଙ୍ଗନ୍ତୁ ନାହିଁ ବାସି ରୁଟି



ରାତିରେ ବଳି ଯାଇଥିବା ଖାଦ୍ୟକୁ ସକାଳେ ଡଷ୍ଟବିନ୍‌ରେ ଫିଙ୍ଗିବା ଅଭ୍ୟାସ ଅନେକଙ୍କ ରହିଛି। ଖାଦ୍ୟ ନଷ୍ଟ ନ ହୋଇଥିବା ସତ୍ତ୍ୱେ ଲୋକେ ଏହାକୁ ବେପରୁଆ ଭାବେ ଫିଙ୍ଗି ଦିଅନ୍ତି। ଫୁଡ ଆଣ୍ଡ ଏଗ୍ରିକଲଜର ଅର୍ଗାନାଇଜେସନର ରିପୋର୍ଟ ମୁତାବକ, ଭାରତରେ ପ୍ରତିବର୍ଷ ପ୍ରାୟ ୪୦ ପ୍ରତିଶତ ଖାଦ୍ୟ ନଷ୍ଟ ହେଉଛି। ତେବେ ଅନେକ ଲୋକେ ଏଭଳି ମଧ୍ୟ ଅଛନ୍ତି ଯିଏକି ରାତି ବଳି ଯାଇଥିବା ରୁଟିକୁ ମଧ୍ୟ ଫୋପାଡି ଦିଅନ୍ତି। ତେବେ ଭୁଲରେ ମଧ୍ୟ ଏହି ବାସି ରୁଟିକୁ ଫିଙ୍ଗନ୍ତୁ ନାହିଁ। ଏହାର ଅନେକ ଲାଭ ରହିଛି।

■ ବାସି ରୁଟି ଖାଇବା ମଧୁମେହ ରୋଗୀଙ୍କ ପାଇଁ ବେଶ ଉପକାରୀ ହୋଇଥାଏ। ଡାକ୍ତରମାନେ କୁହନ୍ତି ମଧୁମେହ ରୋଗୀଙ୍କ ପାଇଁ ବାସି ରୁଟି ଅତ୍ୟନ୍ତ ଲାଭଦାୟକ। ପ୍ରତିଦିନ ସକାଳେ କ୍ଷୀର ସହିତ ବାସି ରୁଟି ଖାଇବା ଦ୍ୱାରା ଶରୀରରେ ଥିବା ସର୍କରା ମାତ୍ର ସନ୍ତୁଳିତ ରହିଥାଏ। ଏହା ଶରୀରକୁ ଇନ୍‌ଫ୍ଲାମେସନ ଜନିତ ସମସ୍ୟାରୁ ଆରାମ ମଧ୍ୟ ଦେଇଥାଏ।

■ ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ବାସି ରୁଟି ଖାଇବା ମଧ୍ୟ ଅତ୍ୟନ୍ତ ଲାଭଦାୟକ। ସକାଳେ ଥଣ୍ଡା କ୍ଷୀର ସହିତ ବାସି ରୁଟି ଖାଇ ଉଚ୍ଚ ରକ୍ତଚାପକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ।

■ ପେଟ ଜନିତ ସମସ୍ୟା, ଅମ୍ଳତା ଏବଂ କୋଷ୍ଠକାଠିନ୍ୟରେ ପୀଡିତ ଲୋକମାନେ ମଧ୍ୟ ବାସି ରୁଟିରୁ ଆରାମ ପାଇପାରିବେ। ସକାଳେ ଏହାକୁ କ୍ଷୀର ସହିତ ଖାଇବା ଦ୍ୱାରା ଆପଣ ଅମ୍ଳତା ଏବଂ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ପାଇପାରିବେ।

■ ଖୁବ୍ କମ୍ ଲୋକ ଜାଣିଥିବେ ଯେ ଜିମ୍ ଯାଉଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ବାସି ରୁଟି ଲାଭଦାୟକ ଅଟେ। ଯେଉଁମାନେ ଜିମରେ ମାଂସପେଶୀ ବଢ଼ାଇବା ଲାଗି ଯାଉଥିବା ବ୍ୟକ୍ତି ପାଇଁ ବାସି ରୁଟି ଖାଇବାରର ଅନେକ ଲାଭ ଅଛି।

■ ତାଜା ରୁଟି ଅପେକ୍ଷା ଅଧିକ ପୁଷ୍ଟିକର ହୋଇଥାଏ ବାସି ରୁଟି। କାରଣ ଏହାକୁ ଦୀର୍ଘ ସମୟ ଧରି ରଖିବା କାରଣରୁ ଏଥିରେ ଥିବା ଜୀବାଣୁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରନ୍ତି। କିନ୍ତୁ ରୁଟି ଯେପରି ୧୨ରୁ ୧୬ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ବାସି ନହେବା ସେଥିପ୍ରତି ଧ୍ୟାନ ରଖିବା ଉଚିତ।

## ଚଉଆଁଶିଆ ତରଭୁଜ



ସାଧାରଣତଃ ତରଭୁଜ ଗୋଲିଆ ହୋଇଥାଏ । ତେବେ ଜାପାନ୍‌ରେ ତରଭୁଜ ସ୍କୋୟାର୍ ବା ଚାରିକଣିଆ ଭାବେ ଫଳିଥାଏ । ଯାହା ଦେଖିବାକୁ ଖୁବ୍ ସୁନ୍ଦର । ସେହିଭଳି ଏହାର ମୂଲ୍ୟ ମଧ୍ୟ ସାଧାରଣ ତରଭୁଜଠାରୁ ବେଶ ଅଧିକ । ଗୋଟା ପ୍ରତି ୭ ହଜାରରୁ ଅଧିକ ଟଙ୍କାରେ ବିକ୍ରି ହୋଇଥା। ତରଭୁଜ ସାରା ଦୁନିଆରେ ପ୍ରସିଦ୍ଧ । ଏହି ତରଭୁଜଗୁଡ଼ିକ ଏକ ଗ୍ଲାସ୍‌କାର ମଧ୍ୟରେ ବଢ଼ିଥାଏ। ଯାହାର ଆକାର ସ୍କୋୟାର ସାଇଜ୍‌ର ହୋଇଥାଏ। ଏହା ୧୯ ସ୍କୋୟାର୍ ମିଟର ବଢ଼ିବା ପରେ ତାକୁ ବିକ୍ରି ପାଇଁ କଢ଼ାଯାଇଥାଏ ।

## ଔଷଧୀୟ ଡାଲଚିନି



ଡାଲଚିନି ଏକ ଉପକାରୀ ଗଛ । ଏହି ଗଛ ଗଛର ପ୍ରତ୍ୟେକଟି ଅଂଶ ଯଥା-ପତ୍ର, ଚେର, ଡାଳ ଆମ ନିତିଦିନିଆ ଜୀବନରେ ଦରକାରରେ ଆସିଥାଏ । ତେଣୁ ଆପଣ ନିଜ ବାଡ଼ିରେ ହେଉ କି ଛାତରେ ହେଉ, ଏହି ଗଛ ଲଗାଇ ଏହାର ଉପକାର ପାଇପାରିବେ । ଡାଲଚିନିକୁ ସାଧାରଣତଃ ମସଲା ଭାବରେ ବ୍ୟବହାର କରାଯାଇଥାଏ । ଏହାର ଅନେକ ଔଷଧୀୟ ଗୁଣ ରହିଛି । ଯାହା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତି ଦେଇଥାଏ । ଥଣ୍ଡା ଜ୍ୱର ହୋଇଥିଲେ ଆପଣ ଏହାକୁ ବ୍ୟବହାର କରିପାରିବେ । ଏକ ଚାମଚ ମହୁ ସହ କିଛିମାତ୍ରାରେ ଡାଲଚିନି ଗୁଣ୍ଡ ମିଶାଇ ସକାଳ ଓ ସନ୍ଧ୍ୟାରେ ସେବନ କରିବାଦ୍ୱାରା ଥଣ୍ଡାରୁ ମୁକ୍ତି ମିଳିଥାଏ ।

## ଘରେ ଔଷଧ ଖାଇବା ପୂର୍ବରୁ....

■ଘରେ ରହି ଯଦି କୌଣସି ରୋଗ ପାଇଁ ନିୟମିତ ଔଷଧ ସେବନ କରିବାକୁ ପଡୁଛି ତେବେ ସାମାନ୍ୟ ସତର୍କ ରୁହନ୍ତୁ । ଔଷଧ ମନଇଚ୍ଛା ବ୍ୟବହାର କରନ୍ତୁ ନାହିଁ ।

■ପ୍ରଥମତଃ ଔଷଧ ସର୍ବଦା ଠିକ୍ ସମୟରେ ନିଅନ୍ତୁ । ଯେତିକି ଘଣ୍ଟା ଅନ୍ତରରେ ଔଷଧ ଓ ଯେତିକି ପରିମାଣରେ ନେବାକୁ କୁହାଯାଇଛି ଠିକ ସେତିକି ମାତ୍ରାରେ ଓ ସେତିକି ସମୟ ଅନ୍ତରାଳୀରେ ନିଅନ୍ତୁ । ଅଧିକ ବା କମ୍ ଖାଆନ୍ତୁ ନାହିଁ ।



## ଛୋଟ ଛୋଟ ଘରକରଣା ଟିପ୍ସ

ଘରକୁ ସଫା ରଖିବା ସହିତ ଘରର ସବୁ ଜିନିଷକୁ ସଫା ରଖିବା ମଧ ଜରୁରୀ। ଘରର ଚଟାଣ ହେଉ ଅବା ରୋଷେଇ ଘରେ ବ୍ୟବହୃତ ଗ୍ୟାସ୍ ? ଓ ବାସନକୁସନଗୁଡ଼ିକୁ ସଫା ରଖିବା ବହୁତ ଜରୁରୀ। ଏସବୁକୁ ସଫା କଲା ବେଳେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ, ତା'ହେଲେ ଏଗୁଡ଼ିକୁ ଆପଣ ଖୁବ୍ ସହଜରେ ସଫା କରିପାରିବେ। ଆସନ୍ତୁ ପଢ଼ିବା ସେମିତି କିଛି ଟିପ୍ସ।

♦ ବାସନରେ ପୋଡାଦାଗ ଥିଲେ ସେଥିରେ ଅଳ୍ପ ବେକିଙ୍ଗ ସୋଡା ଓ ଭିନେଗାର ପକାଇ ଅଳ୍ପ ସମୟ ପରେ ମାଜି ଦିଅନ୍ତୁ। ଦେଖିବେ ପୋଡା ଦାଗ ଛାଡିଯିବ।

♦ ଘରେ କ୍ଷୀର ଛିଣ୍ଡି ଯାଇଥିଲେ, ତାକୁ ନ ଫୋପାଡି ଛେନା କରନ୍ତୁ। ସେହି ଛେନାକୁ ଅଟା ଚକଟାରେ ବ୍ୟବହାର କରନ୍ତୁ। ରୁଟି ନରମ ଓ ସୁଆଦିଆ ହେବ।

♦ ରୁଟି ତାଓ୍ୱାରୁ ପୋଡା ଦାଗ ଛଡାଇବା ପାଇଁ ତାଓ୍ୱାକୁ ଗରମ କରି ସେଥିରେ ଫାଳେ ଲେମ୍ବୁ ଘଷି ଦିଅନ୍ତୁ। ପରେ ଅଳ୍ପ ବେକିଙ୍ଗ ପାଉଡର ପକାଇ ଫାଳେ ଲେମ୍ବୁ ଚିପୁଡି ବାସନ ମଜାରେ ମାଜି ଦିଅନ୍ତୁ। ଦେଖିବେ ତାଓ୍ୱାରୁ ପୋଡା ଦାଗ ଛାଡ଼ି ସଫା ହୋଇଯିବ।

♦ ଗ୍ରାଇଣ୍ଡର ଜାର ସଫା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବାସନ ମଜା ଲିକ୍ୱିଡ ପକାଇ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଙ୍ଗ କରିଦିଅନ୍ତୁ। ପରେ ଭଲ ପାଣିରେ ଧୋଇଦିଅନ୍ତୁ। ଜାର ଭଲରେ ସଫା ହୋଇଯିବ।

♦ ଫ୍ରିଜରେ ପନିର ରଖିଥିଲେ ଏୟାର ଟାଇଟ ଡବାରେ ପାଣି ଦେଇ ବନ୍ଦ କରିରଖନ୍ତୁ। ଏପରି କଲେ ପନିର ସତେଜ ରହିବ।

## କର୍ମଜୀବୀ ମହିଳା କିପରି କରିବେ ଟାଇମ୍ ମ୍ୟାନେଜ୍‌ମେଂଟ

ଆମକୁ ଛୋଟ ବେଳୁ କୁହାଯାଇଥାଏ ଯେ, 'ସମୟ ସବୁଠୁ ବଳବାନ'। ଆମେ ଯଦି ସମୟକୁ ସଠିକ୍ ଭାବେ ଉପଯୋଗ କରିପାରିବା ତାହାଲେ ସେ ଆମକୁ ସଠିକ୍ କର୍ମ ଫଳ ଦେବ। ଛୋଟରୁ ବଡ଼ ହେଲା ପର୍ଯ୍ୟନ୍ତ ବାପା ମାଆ ସବୁବେଳେ କହିଥାନ୍ତି ଯେ, ଝିଅ ସମୟ ନଷ୍ଟ କରନା, ନ ହେଲେ ଆଗକୁ ବହୁତ ଅସୁବିଧା ହେବ। କିନ୍ତୁ ସତ କହିଲେ, ଆମ ଭିତରେ କେତେଜଣ ଅଛନ୍ତି ଯେଉଁମାନେ ସମୟର ସଠିକ୍ ଉପଯୋଗ କରିଥାନ୍ତି ?

ଆମେ ଯେତେ ବଡ଼ ହେଉ ଆମ ଉପରେ ଦାୟିତ୍ୱ ମଧ୍ୟ ବଢ଼ି ବଢ଼ି ଚାଲିଥାଏ। ସେ ସବୁ ଦାୟିତ୍ୱ ସମ୍ପାଦନ କରିବା ଭିତରେ ଆମ ପାଖରେ ସମୟର ଅଭାବ ଦେଖାଦେଇଥାଏ। ବିଶେଷ କରି ଆଜିକାଲିର କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ସମୟର ଘୋର ଅଭାବ ଦେଖାଦେଇଥାଏ। ଆମେ ଯଦି କୌଣସି କର୍ମଜୀବୀ ମହିଳାଙ୍କୁ କିଛି ପଚାରିଥାଉ ତାହାଲେ ସେମାନଙ୍କଠାରୁ ପ୍ରଥମ ଉତ୍ତର ଏଇୟା ଶୁଣିବାକୁ ମିଳେ ଯେ, ଏତେ ସବୁ କାମ କରିବାକୁ ସମୟ କୋଉଠି ମିଳୁଛି।

ତେବେ ଘରେ ମହିଳା ମାନଙ୍କ ଉପରେ ବିଶେଷ କରି ବିବାହିତ ମହିଳା ମାନଙ୍କ ଉପରେ ଅନେକ ପ୍ରକାର ଦାୟିତ୍ୱ ରହିଥାଏ। ସେମାନେ ନିଜ ପରିବାରର ଦାୟିତ୍ୱ ତୁଲାଇବା ସହ ସହ କର୍ମକ୍ଷେତ୍ରରେ ମଧ୍ୟ ଅନେକ ଦାୟିତ୍ୱ ନିର୍ବାହ କରିଥାନ୍ତି। ତେବେ ଏହି ସବୁ କାମ ଭିତରେ ଟାଇମ୍ ମ୍ୟାନେଜ୍‌ମେଣ୍ଟ ନ କରିବାରୁ ଅଫିସ୍ ଯିବାରେ ଡେରି ହେଇଥାଏ, ନିଜର ଧ୍ୟାନ ନ ରଖିପାରିବା ସହ ଅନ୍ୟମାନଙ୍କୁ ସମୟ ଦେଇ ପାରି ନଥାନ୍ତି ଓ ଏପରି ଆହୁରି ଅନେକ ସମସ୍ୟା ଦେଖାଦେଇଥାଏ।

ତେବେ ଆପଣ ଯଦି କର୍ମଜୀବୀ ମହିଳା ହୋଇଥାନ୍ତି, ତାହାଲେ ନିଜ ସମୟକୁ କିପରି ବ୍ୟବହାର କରି ସବୁ ଦାୟିତ୍ୱ ସଠିକ୍ ଭାବେ ସମ୍ପାଦନ କରିପାରିବେ, ପଢ଼ନ୍ତୁ..

❐ ଅନେକ ସମୟରେ ଆମେ ଦେଖିଥାଉ ଯେ, ସମୟ ସଠିକ୍ ଭାବେ ପରିଚାଳନା କରିବା ପାଇଁ କେତେଜଣ ଖସଡ଼ା ବା ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି। ସକାଳୁ ଉଠିବାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସବୁ ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି। କିନ୍ତୁ ଦିନେ କି ଦୁଇ ଦିନ ଯାଏ ତାହା କାର୍ଯ୍ୟକାରୀ ହୁଏ ଆଉ ତା ପରେ ପୂର୍ବରୁ ଯାହା ଯେମିତି ଚାଲିଥିଲା ସେମିତି ଚାଲେ। କିନ୍ତୁ ଆପଣଙ୍କର ଯଦି କାମ ସଠିକ୍ ସମୟରେ ହେଉନାହିଁ ତା'ହେଲେ ନିଜର ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ। ପୂରା ଦିନରେ ଆପଣ କ'ଣ କରିବେ ତାର ଏକ ତାଲିକା ପୂର୍ବରୁ ହିଁ ପ୍ରସ୍ତୁତ କରି ସେହି ଅନୁସାରେ କାମ କରନ୍ତୁ।





❐ ପ୍ରାୟ ସମସ୍ତଙ୍କର ସକାଳେ ଡେରିରେ ଉଠିବା ଅଭ୍ୟାସ ଥାଏ। ଡେରିରେ ଉଠିବା ଖରାପ ଜାଣି ମଧ୍ୟ ଆମେ ତାକୁ ଅଣଦେଖା କରିଥାଉ। ଏଥିପାଇଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇଥାଏ। ତେବେ ଆପଣ ସବୁବେଳେ ସକାଳେ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ। କାରଣ ବଡ଼ିସକାଳୁ ଉଠିଲେ ଆପଣ କିଛି ବ୍ୟାୟାମ କରିବା ସହ ଅଫିସ୍ ଯିବା ଆଗରୁ ଘରକାମ ସବୁ ଶୀଘ୍ର ସାରି ପାରିବେ।

❐ ଆପଣ କମ୍ ସମୟ ଭିତରେ ବହୁତ କିଛି କାମ କରିପାରିବେ। ତେବେ ଏହା ଆପଣଙ୍କ ଉପରେ ନିର୍ଭର କରେ। ଯେପରିକି ସକାଳ ଜଳଖିଆ ପାଇଁ ପୂର୍ବଦିନରୁ ପରିବା କାଟି ଫ୍ରିଜ୍‌ରେ ରଖିବା, ଅଫିସ୍ ପିନ୍ଧା ଡ୍ରେସ୍‌କୁ ପୂର୍ବରୁ ଆଇରନ୍ କରି ରଖିବା, ଗାଡ଼ିରେ ଆଗରୁ ପେଟ୍ରୋଲ୍ ଭରି ରଖିବା, ଅଫିସ୍ ବ୍ୟାଗ୍ ସଜାଡ଼ିବା, ଏମିତି ଅନେକ କାମ ଆପଣ ଆଗରୁ କରି ରଖିଲେ ଅଫିସ୍ ଯିବା ସମୟରେ ଆପଣ ତରତରରେ କୌଣସି ଜିନିଷ ଭୁଲିବେ ନାହିଁ।

❐ କର୍ମଜୀବୀ ମହିଳାମାନଙ୍କୁ ପ୍ରତିଦିନ ଘରର ଆବଶ୍ୟକ ହେଉଥିବା ସାମଗ୍ରୀ କିଣାକିଣି କରିବା ପାଇଁ ସମୟ ହୋଇନଥାଏ। ତେବେ ଆପଣ ଛୁଟି ଦିନରେ ପୁରା ସପ୍ତାହ ପାଇଁ ଜିନିଷ କିଣି ରଖିଦିଅନ୍ତୁ। ଏହା ଦ୍ୱାରା ପ୍ରତିଦିନ ଜିନିଷ କିଣିବାରେ ଆପଣଙ୍କର ସମୟ ବ୍ୟୟ ହେବ ନାହିଁ।

❐ ଘରର ମହିଳା ଏକା ହିଁ ସବୁ କାମ କରିଥାନ୍ତି। ସେଥିପାଇଁ କାମରେ ଡେରି ହୋଇଥାଏ। ଆପଣ ଯେତେବେଳେ ରୋଷେଇ ବା ଅନ୍ୟ କିଛି କାମ କରୁଥାନ୍ତି ତାହାଲେ ଆପଣଙ୍କ ସ୍ୱାମୀ ବା ଅନ୍ୟ ସଦସ୍ୟମାନଙ୍କୁ ଆପଣଙ୍କୁ ସାହାଯ୍ୟ କରିବାକୁ କୁହନ୍ତୁ। ଯେପରିକି ବଟଲରେ ପାଣି ଭର୍ତ୍ତି କରିଦେବା, ରୁମ୍ ସଜାଡ଼ିଦେବା ଇତ୍ୟାଦି କାମ ଆପଣ ଆପଣ ସ୍ୱାମୀଙ୍କୁ କହି କରାଇ ପାରିବେ।

## ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଦିନରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରର ଲୋକଙ୍କୁ ସାମିଲ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ ।

♦ କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ୍ୟ ଅନେକାଂଶରେର ହ୍ରାସ ପାଇଥଏ ।

♦ ଲଣ୍ଡନର ଗବେଷକ ଦଳଙ୍କ ମତରେ ଯୋଗ କଲେ ଆମ ମସ୍ତିଷ୍କକୁ ଆବଶ୍ୟକ ପରିମାଣରେ ଅମ୍ଳଜାନ ମିଳେ, ଯାହା କାରଣରୁ ମନ ଶାନ୍ତ ରହୁଥିବାର ପରୀକ୍ଷାରୁ ଜଣାପଡ଼ିଛି ।

♦ ଯୋଗ ଗୁରୁଙ୍କ ତାମିଲରେ ୧୦ଦିନ କ୍ରମାଗତ ଯୋଗାଭ୍ୟାସ କଲେ ଏହାର ଉତ୍ତମ ପ୍ରଭାବ ଜାଣିହୋଇଥାଏ । ଯୋଗ ଆରମ୍ଭ ପୂର୍ବରୁ କିଛି ସମୟ ଆଖି ବନ୍ଦ କରି ଧ୍ୟାନ କରନ୍ତୁ ।



## ଖୁସି ରହିବାର ଅଭ୍ୟାସ

କାମର ଚାପ ଏତେ ବଢ଼ୁଛି ଯେ ଯୁବବର୍ଗ ନିଜ ଅସ୍ତିତ୍ୱ ଏହା ମଧରେ ଭୁଲିଗଲେଣି । ଅଧିକାଂଶ ପରିବାରରେ ଆଜିକାଲି ନିୟମିତ କଳିଝଗଡ଼ା ଲାଗିରହୁଛି । ଏହା ପଛର ମୁଖ୍ୟ କାରଣ ହେଲା ପରସ୍ପରର ଅସୁବିଧାକୁ ନ ବୁଝିବା । ଏ ବାବଦରେ ଲଣ୍ଡନର ଗବେଷକ ଏନରି ଲ' କହିଛନ୍ତି ପ୍ରତ୍ୟେକେ ଖୁସି ରହିବାକୁ ଚେଷ୍ଟା କରନ୍ତୁ । ନିଜ ଇଚ୍ଛା ଅନୁସାରେ ଜୀବନଶୈଳୀ ଅତିବାହିତ କଲେ କୌଣସି କାମର ଚାପ ପଡ଼ିନଥାଏ । ଏକଥା ପରିବାରର ପ୍ରତ୍ୟେକ ସଦସ୍ୟ ବୁଝିବା ସହ କାର୍ଯ୍ୟାଳୟର ସହଯୋଗୀ ମଧ ହୃଦୟଙ୍ଗମ କରିବା ଉଚିତ । କେବଳ ନିଜ ଇଚ୍ଛା ଅନୁଯାୟୀ ଆଗକୁ ବଢ଼ିଲେ ହିଁ ଅବସାଦର ଚାପକୁ କମ୍ କରିହେବ ବୋଲି ବିଶେଷଜ୍ଞଙ୍କ ମତ । ଦେଶ ସ୍ୱାଧୀନ ହୋଇଯାଇଛି, କିନ୍ତି ପରିବାର ତରଫରୁ ଏ ପର୍ଯ୍ୟନ୍ତ ସଦସ୍ୟମାନଙ୍କୁ ସ୍ୱାଧୀନତା ମିଳିନାହିଁ। ସମସ୍ତେ ଏହି କତାର ତାତ୍ପର୍ଯ୍ୟ ବୁଝି ଅଗ୍ରସର ହେବା ଉଚିତ ।

## ପଏଜନ୍ ଗାର୍ଡେନ୍

କିଛି ନୂଆ ଜିନିଷ ବିଷୟରେ ଜାଣିବା ପରେ ଅବା ଛୁଇଁବା, ସମସ୍ତଙ୍କୁ ଭଲ ଲାଗେ ।ବେଳେ ବେଳେ ଛୁଇଁବାକୁ କିନ୍ତୁ ଡର ଲାଗେ । କାରଣ ଜିନିଷଟି ପ୍ରତି କ୍ଷତି ପହଞ୍ଚାଇବାର ଭୟ ରହିଥାଏ । ଆମେ ବିଭିନ୍ନ ପ୍ରକାର ଗଛ ଦେଖିଛେ । ସେଥିମଧ୍ୟରୁ କିଛି ଏମିତି ବି ଗଛ ଅଛି ଯେଉଁଥିରେ ବିଷ ରହିଥାଏ । ଏମିତି ଏକ ଗାର୍ଡେନ୍ ଅଛି ଯେଉଁଠାରେ ଅଧିକାଂଶ ବିଷ ଗଛ ଦେଖିବାକୁ ମିଳିବ । ସେ ଗଛ ସବୁ ଛୁଇଁଲେ ମଣିଷ ମରିଯିବ । ଏହା ହେଉଛି ଇଂଲଣ୍ଡର ନର୍ଥୟୁମ୍ବରଲାଣ୍ଡ୍‌ରେ ଥିବା 'ଅଲନ୍ୟିକ୍ ପଏଜନ୍ ଗାର୍ଡେନ୍' । ନର୍ଥୟୁମ୍ବରଲାଣ୍ଡ୍‌ର ରାଣୀ ଏହି ଗାର୍ଡେନକୁ ୧୭୫୦ରେ ତିଆରି କରିଥିଲେ । ସେ ଚାହୁଁଥିଲେ କି ଏହି ଗାର୍ଡେନ୍ ନିଜର ଅଦ୍ୱିତୀୟ ବା ନିଆରା ଗୁଣ ପାଇଁ ଜଣାଯିବ । ଏହା କରିବା ପଛରେ ରାଣୀଙ୍କ ଉଦ୍ଦେଶ୍ୟ ଥିଲା ଲୋକମାନେ ଏହି କଥା ଜାଣିବା ଦରକାର ଯେ ଯଦି ଉଦ୍ଭିଦକୁ ଔଷଧ ରୂପରେ ପ୍ରୟୋଗ କରାଯାଇପାରିବ, ତେବେ ମଣିଷର ଜୀବନ ନେବା କ୍ଷମତା ବି ଗଛର ଅଛି ବୋଲି ଜାଣିବା ଦରକାର ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆତଙ୍କବାଦର ଦମନ ଜରୁରୀ...

ଗତ କିଛିଦିନ ଧରି ଜାମ୍ମୁ କାଶ୍ମୀରରେ ସୀମାପାର ଆତଙ୍କବାଦୀଙ୍କ ଉପଦ୍ରବ ବୃଦ୍ଧି ପାଇଛି ଏବଂ ସୁରକ୍ଷା କର୍ମୀମାନେ ସେମାନଙ୍କ ସହ ଉପଯୁକ୍ତ ମୁକାବିଲା କରିଆସୁଛନ୍ତି। ଏବେସୁଦ୍ଧା ପ୍ରାୟ ନଅଟି ଏନକାଉଣ୍ଟରରେ ପ୍ରାୟ ୧୩ଜଣ ଆତଙ୍କବାଦୀ ନିପାତ ହୋଇଛନ୍ତି ବୋଲି ସେନା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ନିହତ ଆତଙ୍କବାଦୀମାନେ ବିଭିନ୍ନ ଉଗ୍ରବାଦୀ ଗୋଷ୍ଠୀର। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଲସ୍କର-ଏ-ତୋଇବା ସଂଗଠନର। କାଶ୍ମୀର ଉପତ୍ୟାକା ବେଶ୍ କିଛିଦିନ ଧରି ଶାନ୍ତ ରହିବା ପରେ ପୁଣି ଥରେ ଆତଙ୍କବାଦୀଙ୍କ ଉପଦ୍ରବ କେବଳ ସ୍ଥାନୀୟ ଲୋକମାନଙ୍କ ପାଇଁ ନୁହେଁ, ପ୍ରଶାସନ ଏବଂ ସୁରକ୍ଷା ବଳଙ୍କ ପାଇଁ ସୁଦ୍ଧା ଚିନ୍ତା ବଢ଼ାଇଛି। ଆତଙ୍କବାଦୀଙ୍କ ଗୁଳିମାଡ଼ ଫଳରେ ଦୁଇଜଣ ସେନା ଯବାନଙ୍କ ସମେତ ବିଭିନ୍ନ ସମ୍ପ୍ରଦାୟର ସାଧାରଣ ନାଗରିକ ନିହତ ହୋଇଛନ୍ତି। କିନ୍ତୁ ଗୁଇନ୍ଦା ସୂଚନା ଆଧାରରେ ଆତଙ୍କବାଦୀଙ୍କ ଏଭଳି ନିର୍ଦ୍ଦିଷ୍ଟ ଆକ୍ରମଣର ଆଗୁଆ ଖବର ପାଇ ସୁରକ୍ଷାବଳ ସତର୍କ ରହିଥିଲେ ଯାହା ଫଳରେ ଅଧିକ ଧନଜୀବନ କ୍ଷୟକ୍ଷତିକୁ ଏଡ଼ାଯାଇ ପାରିଛି। ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ଏବଂ ଜାମ୍ମୁ କାଶ୍ମୀରକୁ ବିଭାଜିତ କରି ଦୁଇଟି କେନ୍ଦ୍ରଶାସିତ କ୍ଷେତ୍ରରେ ପରିଣତ କରିବା ଦିନଠାରୁ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଯେତିକି କ୍ଷୁବଧ, ପାକିସ୍ତାନର ଛତ୍ରଛାୟାରେ ଲାଳିତପାଳିତ ଆତଙ୍କବାଦୀ ସଂଗଠନମାନେ ସେତିକି ଅସ୍ଥିର ହୋଇଛନ୍ତି। ତେଣୁ ଉପତ୍ୟକାକୁ ଅଶାନ୍ତ ଓ ରକ୍ତରଂଜିତ କରିବା ଓ ସେମାନଙ୍କର ପୁରୁଣା ଅଭ୍ୟାସକୁ ଚରିତାର୍ଥ ଲାଗି ସେମାନେ ସଦାବେଳେ ତତ୍ପର ରହିଆସିଛନ୍ତି। ଜାମ୍ମୁ କାଶ୍ମୀରରେ ଏବେ ଯେଉଁ ବିକାଶମୂଳକ କାର୍ଯ୍ୟଧାରା ଜାରି ରହିଛି ସେଥିରେ ସେଠାକାର ସାଧାରଣ ଜନତା ବେଶ୍ ସନ୍ତୁଷ୍ଟ ଏବଂ ଏହି ବିକାଶମୂଳକ କାର୍ଯ୍ୟକ୍ରମରୁ ସେମାନେ ସୁଫଳ ସାଉଁଟିବାରେ ବ୍ୟସ୍ତ। ଏପରିକି ବିଚ୍ଛିନ୍ନବାଦୀ ନେତୃବର୍ଗ ସେଠାରେ ଦୀର୍ଘ ଦିନରୁ ଯେଉଁ ଦୋମୁହାଁ ନୀତି ଅବଲମ୍ବନ କରିଆସୁଥିଲେ, ସେମାନଙ୍କ ମୁଖା ଖୋଲିବା ପରେ ସେହିସବୁ ନେତାମାନେ ଏବେ ଏକପ୍ରକାର ତୁନି ପଡ଼ିଯାଇଛନ୍ତି। ତେଣୁ ସୀମା ଆରପଟୁ ଆସୁଥିବା ନିର୍ଦ୍ଦେଶ ଅନୁସାରେ ଓ ଆତଙ୍କବାଦୀଙ୍କ ସହାୟତାରେ ଯେଉଁ କିଶୋର ଓ ଯୁବକମାନେ ହିଂସାକାଣ୍ଡରେ ଲିପ୍ତ ରହୁଥିଲେ ଏବେ ସେମାନେ ବିକାଶଧାରାକୁ ଫେରିଛନ୍ତି। ଏଭଳି ପୃଷ୍ଠଭୂମିରେ ସ୍ଥାନୀୟ ଜନତା ଓ ସରକାର ଯେତିକି ଖୁସି, ସୀମା ଆରପଟେ ଥିବା ଉଗ୍ରବାଦୀ ସଂଗଠନମାନେ ସେଥିରେ ସେତିକି ଉତ୍କ୍ଷିପ୍ତ। କାଶ୍ମୀର ଉପତ୍ୟକାକୁ ଅଶାନ୍ତ ରଖିବା ପାକିସ୍ତାନ ସରକାର, ସେନା ଓ ଗୁପ୍ତଚର ସଂସ୍ଥା (ଆଇଏସଆଇ)ର ମୁଖ୍ୟ ଏଜେଣ୍ଡା। ଏହାକୁ ସେମାନେ ଦୀର୍ଘ ବର୍ଷ ଧରି ଚଳାଇ ଆସୁଛନ୍ତି। ଏବେ ଆଫଗାନିସ୍ତାନରେ ଯେଉଁ ରାଜନୈତିକ ଅଶାନ୍ତ ଅବସ୍ଥା ଲାଗି ରହିଛି ସେଥିରେ ପାକିସ୍ତାନ ସ୍ୱୀକାର ନକଲେ ସୁଦ୍ଧା ଯଥେଷ୍ଟ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ଯେଉଁମାନଙ୍କ ପ୍ରଚ୍ଛନ୍ନ ସହାୟତାରେ ପାକିସ୍ତାନ ଏତେଦିନ ଧରି ଏହି ଅଭିନୟ କରିଆସୁଥିଲା ସେମାନେ ଏବେ ତା'ର ହାତ ଛାଡ଼ି ଦେଇଛନ୍ତି। ତେଣୁ ହଜାର ହଜାର ଆତଙ୍କବାଦୀଙ୍କୁ ଅଣ୍ଟିନିଆଁ ଭଳି ସମ୍ଭାଳିବାକୁ ପାକିସ୍ତାନ ନାଚାର। ସେମାନଙ୍କୁ ମୁଜିହିଦ୍ଦିନ୍ ଆଖ୍ୟା ଦେଇ କାଶ୍ମୀର ଉପତ୍ୟକାକୁ ଅନୁପ୍ରବେଶ କରାଇବା ସକାଶେ ପାକ୍ ସେନା ଅହୋରାତ୍ର ପ୍ରଚେଷ୍ଟାରତ। କିନ୍ତୁ ଭାରତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଉପତ୍ୟକାର ଶାନ୍ତିରକ୍ଷା ନିମନ୍ତେ ଆତଙ୍କବାଦୀଙ୍କୁ ବରଦାସ୍ତ କରାଯିବ ନାହିଁ ଏବଂ ସେମାନଙ୍କୁ ସମୂଳେ ନିପାତ କରିବାକୁ ଭାରତୀୟ ସେନା କୃତସଂକଳ୍ପ। ଏହାର ପରିଣାମ ହିଁ ସମ୍ପ୍ରତି ଘଟିଥିବା ଏନକାଉଂଟର। ଆଗକୁ ଶୀତଦିନ ଓ ବରଫପାତର ଋତୁ। ତେଣୁ ଏବେ ଆତଙ୍କବାଦୀମାନେ ଅନପ୍ରବେଶ କରିବାର ପ୍ରକୃଷ୍ଟ ସମୟ। ତେବେ ସେମାନଙ୍କର ଗତିବିଧି ଉପରେ ତୀକ୍ଷଣ ନଜର ରଖି ସୁରକ୍ଷାକର୍ମୀମାନେ ଆତଙ୍କବାଦୀମାନଙ୍କୁ ନିପାତ ଅବା ଗିରଫ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଅନୁପ୍ରବେଶକାରୀ ଆତଙ୍କବାଦୀମାନଙ୍କୁ ଆଉ ସ୍ଥାନୀୟ ଲୋକଙ୍କଠାରୁ ପୂର୍ବଭଳି ସହଯୋଗ ମିଳୁନାହିଁ। ତେଣୁ ହତାଶ ହୋଇ ସେମାନେ ବିଭିନ୍ନ ସମ୍ପ୍ରଦାୟର ଲୋକମାନଙ୍କୁ ଟାର୍ଗେଟ କରୁଛନ୍ତି, ଯାହାକି ସାଧାରଣ ଜନତାଙ୍କ ମନରେ ଭୟ ସୃଷ୍ଟ କରିବ। ତେବେ ସେମାନଙ୍କର ସବୁ ଯୋଜନା ପଣ୍ଡ ହେବାଭଳି ଆତଙ୍କବାଦୀମାନ ସୁରକ୍ଷାକର୍ମୀଙ୍କ ଗୁଳିର ଶିକାର ହେଉଛନ୍ତି। କାଶ୍ମୀର ଉପତ୍ୟକାରେ ଶାନ୍ତି ବଜାୟ ରଖିବା ସକାଶେ ଏହା ସରକାରଙ୍କ ପ୍ରତିବଦ୍ଧତାକୁ ଯେତିକି ସ୍ପଷ୍ଟ କରୁଛି, ସୁରକ୍ଷାକର୍ମୀଙ୍କ ସତର୍କ ଦୃଷ୍ଟିକୁ ତତୋଧିକ ପ୍ରମାଣସିଦ୍ଧ କରୁଛି।

## ଆତ୍ମା, ପ୍ରେତାତ୍ମା, ପରମାତ୍ମା



ପଙ୍କଜ କୁମାର ପାଣିଗ୍ରାହୀ

ମନର ଉଦ୍‌ବେଗ / ପ୍ରକୋପ ଓ ବିବେକର ଶୀଥିଳତା ମଧ୍ୟରେ ସନ୍ନିବେଶିତ। ମଣିଷ ଆତ୍ମାର ସତ୍ୟତା ଉପରେ ଅନୁସନ୍ଧିତ୍ସୁ ମଣିଷ ଅଦ୍ୟାବଧି ସନ୍ଦେହରେ !

କାରଣ କ'ଣ ?

କୁହାଯାଏ ଆତ୍ମା ଶାଶ୍ୱତ, ଚିରନ୍ତନ, ଅମର । ମନୁଷ୍ୟର କର୍ମ, ଧର୍ମରେ ଆଧାରିତ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀର ମଧ୍ୟରେ ପ୍ରବେଶ କରି ନୂତନ ଜୀବନ ପ୍ରବାହ କରିବା ପ୍ରାବନ୍ଧ ରହିଥାଏ ଯାହା ନିରାକାରଙ୍କ ଇଚ୍ଛାଧୀନ । ନିରାକାର ଏକ ବୃହତ୍ତର (ପରମାତ୍ମା) ଆତ୍ମା ଯିଏ ନିର୍ବିକାର । ଅର୍ଥାତ କୌଣସି ମନ୍ଦ ଉଦ୍ଦେଶ୍ୟ ତଥା ପକ୍ଷପାତିତାର ପୃଷ୍ଠପୋଷକ ହୋଇନଥାନ୍ତି ନିରାକାର ଯାହାଙ୍କୁ ଆମେ ଭଗବାନ ଭାବରେ ଜାଣୁ । ସେହି ନିରାକାର ଭଗବାନଙ୍କ ପ୍ରେମ ବତ୍ସଳ ସନ୍ତାନ ସ୍ୱରୂପ ଜନ୍ମ ମଣିଷର ସମସ୍ତ କାର୍ଯ୍ୟ ତଥା ପ୍ରେରଣାର ବାର୍ତ୍ତାବହ ଭଗବାନ କେବେ କାହା ପ୍ରତି ପାତର ଅନ୍ତର ନୀତି ପୋଷଣ କରିନଥା'ନ୍ତି ବୋଲି ସମସ୍ତଙ୍କ ବିଶ୍ୱାସ । କି'ନ୍ତୁ ନିଜ ଆତ୍ମା ସହିତ ପରିଚୟ ବିହୀନ ମଣିଷ ସେହି ବୃହତାତ୍ମାର ପରିଚୟ ପାଇବା କେତେଦୂର ସମ୍ଭବ ? ପ୍ରଶ୍ନବାଚୀ ସୃଷ୍ଟି କରିବା ସହିତ ସାଧାରଣ ଲୋକଙ୍କ ଭାବାବେଗ ଉପରେ ଯଥେଷ୍ଟ କୌତୁହଳ ସୃଷ୍ଟି ହୁଏ ଯେତେବେଳେ ସାଧାରଣ ଅଜ୍ଞାନ ଭଗବାନଙ୍କ ଉପରେ ତର୍ଜମା କରିଥା'ନ୍ତି । କୌଣସିମତେ ଗଳା ବାଟରେ କମ୍ ସମୟରେ ସମ୍ପୂର୍ଣ୍ଣତା ଅଧିଗ୍ରହଣ କରିବା ପ୍ରୟାସ ଜନିତ ମଣିଷ ମନର ଦୌରାତ୍ମ୍ୟ ସହଜରେ ବୁଝିବା ସମ୍ଭବ ନୁହେଁ ! ପ୍ରତ୍ୟେକ ମଣିଷ ବାଲ୍ୟ କାଳରୁ ବିଭିନ୍ନ ପ୍ରେତାତ୍ମା, ପରମାତ୍ମା ସହିତ ଅନେକ ଅଲୌକିକ ବିଷୟ ଗୁଡିଏ ଉପରେ ଆଧାରିତ ଗଳ୍ପ ହେଉକି ଆଲେଖ୍ୟ କିମ୍ବା ପ୍ରବଚନ ପଢି, ଶୁଣି ସଂସାରର ସମସ୍ତ ପାର୍ଥିବ ବସ୍ତୁ ଗୁଡିକୁ ନେଇ ଜୀବନ ପ୍ରବାହ କରୁଥିଲେ ମଧ୍ୟ ଅଲୌକିକତାକୁ ଜୀବନ ଶେଷ ପର୍ଯ୍ୟନ୍ତ ପ୍ରକାଣ୍ଡ ଦୃଢତାର ସହିତ ଜାବୁଡି ଧରିଥା'ନ୍ତି । କାରଣ ଅଲୌକିକ କେବେ ଦେଖି, ଆଘ୍ରାଣ କରି କିମ୍ବା ଅନୁଭବ କରିବା ସୁଯୋଗ ମିଳିନଥିଲେ ମଧ୍ୟ ତା'ର ମାନସ ମନ୍ଥନ ଜନିତ ଉପସ୍ଥିତ ସମୟର ଅନୁଭୂତିରେ ଯେଉଁ ଆନନ୍ଦ ମିଳିଥାଏ ତାହା ଅତ୍ୟନ୍ତ ମର୍ମସ୍ପର୍ଶୀ । ସେହି ଆନନ୍ଦ ଉପଭୋଗ କରିବା ସମ୍ପୂର୍ଣ୍ଣ ଭାବେ ଦେୟମୁକ୍ତ ଏବଂ କୌଣସି ପ୍ରତିବନ୍ଧକ ରହିତ ହୋଇଥିବା ହେତୁ ପ୍ରାୟତଃ ସମସ୍ତଙ୍କୁ ଆକର୍ଷିତ କରିଥାଏ । ସେହି ଆନନ୍ଦରେ ନିମଜ୍ଜିତ ଶିକ୍ଷିତ-ଅଶିକ୍ଷିତ, ଧନୀ-ଗରିବ, ଉଚ୍ଚ-ନୀଚ ନିର୍ବିଶେଷରେ ସମସ୍ତେ ସମ୍ପୃକ୍ତ ଚରଣ ଭୂମିରେ ଉପନୀତ । ସର୍ବେ ସମାନ ଦୃଷ୍ଟିରେ ପରିଚାଳିତ କୌଣସି ସାମ୍ପ୍ରଦାୟୀକ ଗୋଷ୍ଠିରେ ସଂଶ୍ଲିଷ୍ଟ ସମସ୍ତ ସଦସ୍ୟ ଗୋଟିଏ ପରିବାର ସଦୃଶ୍ୟ ଦେଖିବାକୁ ମିଳନ୍ତି । ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସମ୍ମିଳନୀ କ୍ଷେତ୍ର ବହିର୍ଭୁତ ପୁନଃ ସବୁ ମଣିଷର ଷଡ଼ରିପୁ ଗୁଡିକ ସତେଜ ହୋଇ ଉଠିଥାଏ ଯାହାର ପରିଣାମ ସ୍ୱରୂପ ସେମାନଙ୍କ ପ୍ରକାଶ ଜଣେ ସାଧାରଣ ମଣିଷ ଭଳି ହୋଇଥାଏ । ଅର୍ଥାତ ଜଣେ ସାଧାରଣ ମଣିଷ ତଥା କଥିତ ଗୁରୁଙ୍କ ପ୍ରବଚନ, କରୁଣାରୁ କୌଣସି ମତେ ନିଜ ଜୀବନ କାଳ ମଧ୍ୟରେ ସେହି ଅଲୌକିକ ନିରାକାରଙ୍କ ବାସ୍ତବ ସତ୍ତା ନପାଇ ପାରିଲେ ମଧ୍ୟ ପରଲୋକରେ ପ୍ରାପ୍ତି ହେବା ଲକ୍ଷ ରଖି ଯେଉଁ ଆନନ୍ଦ ପାଇଥାଏ ତାହା ସର୍ବଗ୍ରାହୀ ହେଉଥିବା ଆମେ ସମସ୍ତେ ଜାଣୁ ।

ଆତ୍ମା ଠାରୁ ପରମାତ୍ମା ପର୍ଯ୍ୟନ୍ତ ତ୍ରିସ୍ତରୀୟ ବିସ୍ଲେଷଣାତ୍ମକ ଅନୁଶୀଳନୀ ଭାରତୀୟ ସାଂସ୍କୃତିକ, ଧାର୍ମିକ ବିଚାରରେ ବର୍ଣ୍ଣିତ । ମଣିଷ ଜୀବିତ ରହିଥିବା ସମୟରେ ତା' ଶରୀର ମଧ୍ୟରେ ଆତ୍ମା ସମ୍ପୃକ୍ତ ମଣିଷର ଆଚରଣ, ଭାବଧାରା, ସଂଚିତ ସାମାଜିକ ଚରିତ୍ର ଏବଂ କାର୍ଯ୍ୟକଳାପ ଗୁଡିକ ଉପରେ କୌଣସି ପ୍ରତ୍ୟକ୍ଷ ପ୍ରଭାବ ନପକାଇ କେବଳ ସେଗୁଡିକୁ ସଂରକ୍ଷିତ କରିଥାଏ ଯାହା ତାକୁ ପର ଜନ୍ମରେ ପୁନଃ ପ୍ରାପ୍ତି ହୋଇଥାଏ ବୋଲି ଅନୁଭବ ସମସ୍ତଙ୍କର ରହିଛି । ସେହି ବାର୍ତ୍ତାବହ ସଂରକ୍ଷଣକାରୀ ଆତ୍ମା ମଧ୍ୟରେ ଜଣେ ମଣିଷର ବାଲ୍ୟରୁ ମୃତ୍ୟୁ ପର୍ଯ୍ୟନ୍ତ ସଂରକ୍ଷିତ ସମସ୍ତ କୃତ କାର୍ଯ୍ୟଧାରାକୁ ବିସ୍ଲେଷଣ କରି ପାପ-ପୁଣ୍ୟର ହିସାବ ଦେଖିବା ପରବର୍ତ୍ତୀ ନିର୍ଣ୍ଣାୟକ ନିଆଯାଇଥାଏ ପରମାତ୍ମାଙ୍କ ଦ୍ୱାରା ବୋଲି ଆମର ବିଶ୍ୱାସ । ଅର୍ଥାତ ଆତ୍ମାର ପରମାତ୍ମା ସହିତ ସାକ୍ଷାତ ପୂର୍ବବର୍ତ୍ତୀ ଗୋଟିଏ ମଧ୍ୟ ସୋପାନରେ ମଣିଷର ଉପସ୍ଥିତ କାର୍ଯ୍ୟାବଳୀର ସମୀକ୍ଷା ପୂର୍ବକ ନିର୍ଣ୍ଣାୟକ ହେତୁ ସେହି କାର୍ଯ୍ୟ ସମ୍ପାଦନ ନହେବା ପର୍ଯ୍ୟନ୍ତ ତାକୁ ପ୍ରେତାତ୍ମା ରୂପରେ ରହିବାକୁ ପଡିଥାଏ ବୋଲି କିମ୍ବଦନ୍ତୀ ସର୍ବ ଗ୍ରହୀତ ହୋଇଥାଏ । ହେଲେ ଆତ୍ମାର ପ୍ରେତାତ୍ମା ଅବସ୍ଥାରେ ମଧ୍ୟ ଅନେକ କାର୍ଯ୍ୟକଳାପ ବର୍ଣ୍ଣନା ସମଗ୍ର ମଣିଷ ସମାଜର ଏକ ପୁରାତନ ଗ୍ରହଣୀୟତା ଦେଖିବାକୁ ମିଳେ ସର୍ବ ବିଶ୍ୱବ୍ୟାପୀ । ପ୍ରେତାତ୍ମା ଉପରେ ଆଧାରିତ ଅନେକ ଆଲେଖ୍ୟ, କାହାଣୀ କେତେକ ଲିଖିତ ପୁସ୍ତକ, ଚଳଚିତ୍ର ମାଧ୍ୟମରେ ମଧ୍ୟ ଦେଖିବାକୁ ମିଳେ ସର୍ବତ୍ର । ହେଲେ ପ୍ରେତାତ୍ମା ସହିତ ସଂଯୋଗିକ ସମ୍ପର୍କ ରଖିପାରୁଥିବା ଦାବୀ କରି କେତେକ ମଣିଷ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିଗ୍ରହଣ ପୂର୍ବକ ସାଧାରଣ ଲୋକଙ୍କୁ ତାହାର ପ୍ରଭାବ, ପ୍ରକୋପ ବିଷୟରେ ଆଶାତୀତ ବର୍ଣ୍ଣନା କରିଥା'ନ୍ତି ଯାହା ସବୁ ଅତ୍ୟନ୍ତ ଭୟାବହ ଭାବନା ସୃଷ୍ଟି କରେ ସାଧାରଣ ଲୋକଙ୍କ ମନରେ । ପ୍ରେତାତ୍ମା କୌଣସି ମାନବ ଆତ୍ମାର ପରବର୍ତ୍ତୀ ପର୍ଯ୍ୟାୟ ହୋଇଥିବା ହେତୁ ସମ୍ପୃକ୍ତ ମଣିଷର ଚରିତ୍ର, ବିଚାରକୁ ( ଆଜି ସମୟର ସବୁ ମଣିଷଙ୍କ ବିଚାରଧାରା ଯାହା ସବୁ ଆମେ ଜାଣୁ ) ନେଇ ତାହାର ପ୍ରେତାତ୍ମାର କାର୍ଯ୍ୟ କଳାପ ହୋଇଥିବା ଅନୁମାନ କରି ଜୀବିତ ମଣିଷ ଭୟଭୀତ ହୋଇଥା'ନ୍ତି । କି'ନ୍ତୁ ଏମିତି କେତେକ ମଣିଷ ମଧ୍ୟ ଦେଖିବାକୁ ମିଳନ୍ତି ଯେଉଁମାନେ ପରମାତ୍ମାଙ୍କ ସହିତ ସମ୍ପର୍କ ସ୍ଥାପନ କରି ପାରୁଥିବା ଦାବୀ କରି ସାଧାରଣ ଲୋକଙ୍କୁ ବିଭିନ୍ନ ଯୁକ୍ତି ବାଢୁଥିବା ବେଳେ ସମ୍ପୃକ୍ତ ବିଷୟ ଉପରେ ଆଲୋଚନାରେ ଭାବବିହ୍ୱଳ ନିର୍ବୋଧ ଅଜ୍ଞାନ ସ୍ୱର୍ଗାରୋହଣ କରିଥା'ନ୍ତି ସେହି ସମୟ ପାଇଁ । ପରବର୍ତ୍ତୀ ସମୟରେ ସେଗୁଡିକୁ ବିଶ୍ଳେଷଣ କରି ଅତ୍ୟନ୍ତ ତୃପ୍ତି ହୋଇ ତାହାର ପୁନଃ ପ୍ରଚାରରେ ମଧ୍ୟ ଲାଗି ପଡନ୍ତି । ପରମାତ୍ମାଙ୍କ ମାନବ ସମାଜ ପାଇଁ କୌଣସି ମନ୍ଦ ବିଚାର ନଥାଇ ବରଂ ସମସ୍ତେ ତାଙ୍କର ପ୍ରେମର ସନ୍ତାନ ବୋଲି ବର୍ଣ୍ଣିତ ସବୁ ଧର୍ମର ଲୋକେ ଏକ ଦିଗମୁଖୀ ହୋଇ ରହିଥିବା ସ୍ୱୀକାର୍ଯ୍ୟ । ହେଲେ ସେହି ପରମାତ୍ମାଙ୍କ ଚର୍ଚ୍ଚା, ଜ୍ଞାନ ବାଣ୍ଟୁଥିବା ମଣିଷ ଗୁଡିକ ପରମାତ୍ମାଙ୍କ ଗୁଣଗାନ କରି କରି ନିଜକୁ ଭଗବାନଙ୍କ ଦ୍ୱାରା ପ୍ରେରିତ ପରିବ୍ରାଜକ, ଦୂତ କିମ୍ବା ତାଙ୍କର ଅଂଶବିଶେଷ ଭାବେ ଆବିର୍ଭୁତ ବୋଲି ବର୍ଣ୍ଣନା କରିଥା'ନ୍ତି ଯାହା ତାଙ୍କ ସହିତ ରହିଥିବା ଗୋଷ୍ଠୀର ମଣିଷଙ୍କ ଦ୍ୱାରା ଅତି ଗ୍ରହଣୀୟ ହେଉଥିବା ବେଳେ ସେମାନେ ମଧ୍ୟ ସହି ମହାନ ଆତ୍ମା ସହିତ ସମ୍ପୃକ୍ତ ବିଶିଷ୍ଟ ବ୍ୟକ୍ତିଙ୍କ ଗୁଣ, ବାଣୀକୁ ବ୍ୟାପ୍ତ ପ୍ରଚାର, ପ୍ରସାରରେ ଲାଗିପଡନ୍ତି । ଫଳ ସ୍ୱରୂପ ଆଜି ସମୟରେ ଅନେକ ଧାର୍ମିକ ସମ୍ପ୍ରଦାୟ ଦେଖିବାକୁ ମିଳୁଛି ବିଶ୍ୱବ୍ୟାପୀ । ଭାରତରେ ସବୁଠାରୁ ଅଧିକ ଭିନ୍ନ ଭିନ୍ନ ସମ୍ପ୍ରଦାୟ ରହିଥିବା ବେଳେ ଅନ୍ୟାନ୍ୟ ଦେଶ ଗୁଡିକରେ ତାହାର ବିଭାଜନ ଖୁବ୍ କମ୍ । ଏଠାରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ ମନରେ ଯେ ନିରାକାର ଏମିତି ବିଭିନ୍ନତା ମଧ୍ୟରେ ଭିନ୍ନ ଭିନ୍ନ କୌଶଳ ପ୍ରୟୋଗ କରି ସମସ୍ତଙ୍କ ଲକ୍ଷ ଏକ ରଖିଥାନ୍ତି କାହିଁକି ଯାହା ସର୍ବ ଗ୍ରହଣୀୟ ହୋଇଥାଏ?! ଏହା ବାସ୍ତବରେ କୌଣସି ଅଲୌକିକ ନିରାକାରଙ୍କ ପ୍ରେରିତ ବ୍ୟବସ୍ଥା ନା ଭିଭିନ୍ନ ସମୟରେ ସୁଯୋଗ ସୃଷ୍ଟି କରି କେତେକ ଚତୁର ମଣିଷ ନିଜସ୍ୱ ସ୍ୱାର୍ଥ ଦୃଷ୍ଟିରୁ ନିର୍ବୋଧଙ୍କୁ ଠକି ସ୍ୱାର୍ଥ ହାସଲ କରୁଛନ୍ତି!

ଯାହା ହେଉ ଯିଏ ଯେଉଁ ରାସ୍ତାରେ ଅଗ୍ରଗାମୀ ତାହା ସେମାନଙ୍କ ବ୍ୟକ୍ତିଗତ ବିଚାରଧାରାର ପ୍ରତିଫଳନ । କାହାର ବ୍ୟକ୍ତିଗତ ବିଚାରଧାରାକୁ କୁଠାରାଘାତ କରିବା ଅଧିକାର କାହାର ହେଲେ ନାହିଁ । ପ୍ରତ୍ୟେକ ମଣିଷ ଯଦି ନିଜର ବିଚାରଧାରକୁ ସନ୍ତୁଳିତ କରି ସତ୍ୟର ଉନ୍ମୋଚନ ପାଇଁ ଚେଷ୍ଟା ନକରି ସମାଜରେ ପ୍ରଚାରିତ, ପ୍ରସାରିତ ଚିରାଚରିତ ବିଚାରଧାରାକୁ ନିର୍ବିଘ୍ନରେ ସର୍ବଶେଷ ଭାବେ ନିର୍ଣ୍ଣୟ କରି ସେସବୁ ନିଜ ଜୀବନ ଶୈଳୀ ସହିତ ସଂଯୋଜିତ କରିବା ଲକ୍ଷ ରଖିବେ ସେମାନଙ୍କୁ କୌଣସି ଚାପ ପ୍ରୟୋଗ ପୂର୍ବକ ପରିବର୍ତ୍ତନ କରିବା ସମ୍ଭବ ନୁହେଁ । ସେମାନେ ନିଜର ବିଚାରଧାରାକୁ ପରିବର୍ତ୍ତନ କରିବା ପାଇଁ ନିଜସ୍ୱ ଆଗ୍ରହ ପ୍ରକାଶ କରନ୍ତେ ସତ୍ୟର ଉନ୍ମୋଚନ କରିପାରିବେ ଯାହା ନକରି କେବଳ ସହଜ ଉପାୟରେ ନିରାକାରଙ୍କ ସାନିଧ ଲାଭ କରିବା ଲକ୍ଷ ରଖିଥିବା ମଣିଷଙ୍କ ବିଶେଷତ୍ୱ ଭିନ୍ନ ! ଗୋଟିଏ ନିରାଟ ସତ୍ୟକୁ ବୁଝିବାକୁ ହେବଯେ ଆଲୋଚ୍ୟ ବିଷୟର ତିନୋଟି ଉପାଦାନ ମଧ୍ୟରୁ ଯଦି କୌଣସି ଗୋଟିଏ ସତ୍ୟ ସାବ୍ୟସ୍ତ ହୁଏ ତାହେଲେ ତିନୋଟିଯାକ ସତ୍ୟ ଏବଂ ଗୋଟିଏ ମିଥ୍ୟା ସାବ୍ୟସ୍ତ ହେଲେ ତିନିଟିଯାକ ମିଥ୍ୟା ସୁନିଶ୍ଚିତ, କାରଣ ସେଗୁଡିକର ଆଧାର ଗୋଟିଏ ଦିଗରୁ ହିଁ ସୃଷ୍ଟି । ତେଣୁ ଯେଉଁମାନେ ସତ୍ୟକୁ ଉନ୍ମୋଚନ କରି ବାସ୍ତବତାକୁ ଆପଣେଇବାକୁ ଆଗ୍ରହୀ ହେବେ ସେମାନେ ନିଜ ଜୀବନକୁ ସରଳ, ସୁଗମ କରିପାରିବେ କେମିତି ପରବର୍ତ୍ତି ସପ୍ତାହ ଗୁଡିକରେ ପର୍ଯ୍ୟାୟ କ୍ରମେ ଆତ୍ମା, ପ୍ରତାତ୍ମା ଏବଂ ପରମାତ୍ମା ବିଷୟରେ ସମ୍ପୂର୍ଣ୍ଣ ଦାର୍ଶନିକ ଗବେଷଣାତ୍ମକ ତତ୍ତ୍ୱର ବାସ୍ତବବାଦୀ ବିଶ୍ଳେଷଣ ବର୍ଣ୍ଣନା କରାଯିବା ଲକ୍ଷ ରଖାଯାଇଥିବା ଆମ ବିଚାରରେ ଆପଣଙ୍କ ଆଗ୍ରହ ପ୍ରକାଶ କରିବେ ବୋଲି ଆଶା............!


+ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ.
ମୋ: ୯୪୩୭୩୨୪୯୧୭


## ପତିମାନେ କଣ ନିର୍ଯ୍ୟାତିତ ହୁଅନ୍ତି ?



ପ୍ରଦୀପ୍ତ ଆଚାର୍ଯ୍ୟ

ମୋ ପଡୋଶୀ ଶାରଦା ବାବୁ ଆମ ଘରକୁ ଯେତେବେଳେ ଆସନ୍ତି , ସିଆଡୁ ପାଟି କରି କରି ଆସନ୍ତି। ଆଜି କିନ୍ତୁ ଅତ୍ୟନ୍ତ ଗାମ୍ଭୀର୍ଯ୍ୟତା ସହିତ ଆସି ଉପସ୍ଥିତ ହେଲେ। ବିଷର୍ଣ ମୁଖମଣ୍ଡଳ ତଥା ଲୋହିତ ବର୍ଣ ଚକ୍ଷୁରୁ, କିଛି ଗୋଟିଏ ଗୁରୁତର ସମସ୍ୟା ଘଟିଥିବାର ଆଶଙ୍କା ସ୍ପଷ୍ଟ ପ୍ରତୀୟମାନ ହେଉଥିଲା। ତାଙ୍କର ମାନସିକ ଅବସ୍ଥାକୁ ଲକ୍ଷ କରି, ଅତ୍ୟନ୍ତ ସଂଭ୍ରମତା ସହିତ ମୁଁ ତାଙ୍କୁ ଅବସାଦର କାରଣ ପଚାରିଲି। ସେ କହିଲେ ଦେଖନ୍ତୁ ଭାଇ,ଆମକୁ ଗୋଟିଏ ସଂଘ ଗଠନ କରିବାକୁ ପଡିବ,ନିର୍ଯ୍ୟାତିତ ପତି ସଂଘ,ନଚେତ ଏ ସମାଜରେ ବଂଚିବା କଷ୍ଟ ହୋଇଗଲାଣି। ମୁଁ ତାଙ୍କୁ ଆଶ୍ଚର୍ଯ୍ୟ ହୋଇ ପଚାରିଲି,ଶାରଦା ବାବୁ , ଆପଣଙ୍କ ପତ୍ନୀ କଣ ଆପଣଙ୍କୁ ନିର୍ଯ୍ୟାତନା ଦେଉଛନ୍ତି ?ସେ କହିଲେ,ନାଁ ଯେ, କିନ୍ତୁ ଟିଭିରେ ଏ.ସି.ଏଫ ସୌମ୍ୟକାନ୍ତଙ୍କ ପୋଡି ହୋଇ ମରିବା ଖବର ଶୁଣିବା ପରଠାରୁ,ମୋର ମାନସିକ ସ୍ଥିତି ଅତ୍ୟନ୍ତ ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। ମୋତେ କାଲି ରାତିରେ ମଧ୍ୟ ଭଲ ନିଦ ହେଲାନାହିଁ। ମୁଁ ପଚାରିଲି,ସେ କଣ ଆପଣଙ୍କ ସମ୍ପର୍କୀୟ ଜଣାସୁଣା ଲୋକ। ସେ ସାମାନ୍ୟ ବିରକ୍ତି ଭାବ ପ୍ରକାଶ କରି କହିଲେ,ନାଁ ନାଁ ସେ ମୋର ସମ୍ପର୍କୀୟ ନୁହେଁ,କିନ୍ତୁ ସେତ ଜଣେ ମଣିଷ।ଜାତସ୍ୟ ହି ଧ୍ରୁବ ମୃତ୍ୟୁଃ। ଜନ୍ମ ହେଲେ ମରଣ ତ ସୁନିଶ୍ଚିତ। କିନ୍ତୁ ଏ.ସି.ଏଫଙ୍କ ମୃତ୍ୟୁର ବିଭିଷିକାକୁ ମୁଁ କାହିଁକି ସହଜରେ ଗ୍ରହଣ କରିପାରୁ ନାହିଁ। ସେ ହୁଏତ ଆତ୍ମହତ୍ୟା କରି ପାରିଥାନ୍ତି, କିମ୍ବା ତାଙ୍କୁ ମାରି ଦିଆ ଯାଇ ପାରିଥାଏ, ତାହା ତଦନ୍ତ ପରେ ଜଣା ପଡିବ। ଆମେ ସେ ବାବଦରେ ଅନ୍ଧ ଭାବରେ କୌଣସି ମତାମତ ଦେବା ଉଚିତ ନୁହେଁ। ତଦନ୍ତକାରୀ ଅଧିକାରୀ ମାନଙ୍କୁ ମଧ୍ୟ ଆମେ ସନ୍ଦେହ କରିବା ବା ସମାଲୋଚନା କରିବା ଅନୁଚିତ। ଯଦି ସେମାନେ କୌଣସି ଚାପର ସମ୍ମୁଖୀନ ହୋଇ ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭୟଭୀତ ହୋଇ,ନିରପେକ୍ଷ ତଦନ୍ତ ନକରନ୍ତି ବା ସତ୍ୟକୁ ଚାପି ଦେବାର ଅପଚେଷ୍ଟା କରନ୍ତି,ତେବେ ଆମେ ସିନା ସେମାନଙ୍କର କିଛି କରି ପାରିବା ନାହିଁ,କିନ୍ତୁ ଗୋଟିଏ ଜାଗାରେ ସେମାନଙ୍କର କାର୍ଯ୍ୟର ହିସାବ ଲେଖା ହୋଇ ରହୁଛି,ସେମାନଙ୍କୁ ଫଳ ନିଶ୍ଚୟ ଭୋଗିବାକୁ ପଡିବ। ମୁଁ ତାଙ୍କୁ କହିଲି ଆଜ୍ଞା,ମଣିଷ ଯଦି ଏକଥା ବୁଝୁଥାନ୍ତା, ତେବେ ଏ ଦୁନିଆରେ ଅନ୍ୟାୟ ଅନୀତି ଆଉ ହୁଅନ୍ତା ନାହିଁ।ଆପଣଙ୍କ କଥାରୁ ମୁଁ ଅନୁମାନ କରୁଛି,ଆପଣ ବୋଧହୁଏ ତାଙ୍କ ପତ୍ନୀଙ୍କୁ ସନ୍ଦେହ କରୁଛନ୍ତି। ନଚେତ ନିର୍ଯ୍ୟାତିତ ପତି ସଂଘ ଗଠନ କଥା କାହିଁକି ଉଠାନ୍ତେ ?ସେ ତତ୍କ୍ଷଣାତ ମୋ ପ୍ରଶ୍ନରେ ଉତକ୍ଷିପ୍ତ ହୋଇ କହିଲେ, ମୁଁ ତ ଆପଣଙ୍କୁ ସେକଥା କହିନାହିଁ। ମୁଁ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରୁଛି କୁହନ୍ତୁ,ଯଦି ସୌମ୍ୟ ପୁରୁଷଟିଏ ନହୋଇ ନାରୀଟିଏ ହୋଇଥାନ୍ତା,ତେବେ ତାର ସ୍ୱାମୀ ,ବୃଦ୍ଧ ବୃଦ୍ଧା ଶାଶୁ ଶ୍ୱଶୁର,ଯାଆ ନଣନ୍ଦଙ୍କ ଦିଅରଙ୍କ ଅବସ୍ଥା କଣ ହୋଇଥାନ୍ତା ? ସେମାନେ ଏବେ କୋଉଠି ଥାନ୍ତେ ? ଆଇନର ନିରପେକ୍ଷତା ଉପରେ ମୋର ପ୍ରଶ୍ନ !ସୌମ୍ୟର ଅସ୍ୱାଭାବିକ୍, ରହସ୍ୟାବୃତ,ଅପମୃତ୍ୟୁର ଏତେ ଦିନ ପରେ ମଧ୍ୟ କଣ ହୋଇଛି ?ମୁଁ ତାଙ୍କୁ ପଚାରିଲି,ତାହେଲେ ଆପଣ କଣ କହୁଛନ୍ତି,ପୁରୁଷ ପ୍ରାଧାନ୍ୟ ସମାଜରେ,ବହୁଳ ଭାବରେ ନିର୍ଯ୍ୟାତିତା ହେଉଥିବା ନାରୀ ମାନଙ୍କ ସପକ୍ଷରେ ସରକାର ଯେଉଁ ଆଇନ ପ୍ରଣୟନ କରିଛନ୍ତି, ତାହା କଣ ଭୂଲ୍ ?ସେ କହିଲେ, ନାଁ ତାହା ଆଦୌ ଭୂଲ୍ ନୁହେଁ, ତଦ୍ୱାରା ନାରୀ ନିର୍ଯ୍ୟାତନା ଅନେକାଂଶରେ ହ୍ରାସ ପାଇବ। ଅପରପକ୍ଷରେ ଯଦି ଜଣେ ଆତ୍ମକୈନ୍ଦ୍ରିକ ଉଗ୍ର ସ୍ୱଭାବର ନାରୀଟିଏ ଆଇନର ଆଳ ନେଇ, ତାର ପରିବାର ସଦ୍ୟସଙ୍କୁ ମାନସିକ ନିର୍ଯ୍ୟାତନା ଦିଏ, ତାହା କଣ ଠିକ୍ ?ଏକଥା କଣ ଆମ ସମାଜରେ ଘଟୁନାହିଁ ? ଅଧିକାଂଶ ଉଚ୍ଚ ଚିନ୍ତାଧାରା ସମ୍ପନ୍ନ, ଶିକ୍ଷିତା, ବିଚାରବନ୍ତ ନାରୀ ମାନେ ମଧ୍ୟ ଏକଥାକୁ ଅସ୍ୱୀକାର କରିବେନାହିଁ। ଯଦି ଜଣେ ନାରୀ ଗୋଟିଏ ସାଧାରଣ କଥାକୁ ତିଳରୁ ତାଳ କରି ଥାନାରେ ଦରଖାସ୍ତଟିଏ ଧରି ପହଂଚି ଯାଏ,ତେବେ ବିଚରା ତା ପରିବାର ଉପରେ ଶନି ଦୃଷ୍ଟି ପଡିଗଲା ବୋଲି ଜାଣ। କିନ୍ତୁ ପୁରୁଷଟି ଯେତେ ଯାହା ସତ କହିଲେ ବି,ତଦନ୍ତକାରୀ ଅଧିକାରୀ ମାନେ ତା କଥାକୁ ଏତେ ସହଜରେ ବିଶ୍ୱାସ କରନ୍ତି ନାହିଁ।ପୂର୍ବ କାଳରେ ଶାଶୁ ଓ ନଣନ୍ଦ ମାନେ ବୋହୁ ମାନଙ୍କୁ ର୍‍ୟାଗିଙ୍ଗ କରି ମାନସିକ ଶାରିରୀକ ନିର୍ଯ୍ୟାତନା ଦେଉଥିଲେ, ଏବେକାର ବୋହୁ ମାନେ ଶାଶୁ ମାନଙ୍କୁ ଅବଜ୍ଞା ଅବହେଳା ପ୍ରଦର୍ଶନ କରିବାର ନଜିର ମଧ୍ୟ ଦୃଷ୍ଟି ଗୋଚର ହେଉଛି। କିନ୍ତୁ ବିଚରା ପୁଅଟି ଯଦି ଉଭୟଙ୍କ ମଧ୍ୟରେ ସମତା ରକ୍ଷା କରି ନପାରିଲା,ତେବେ କାରାଗାରର ରୁଦ୍ଧ କୋଠରି, ତା ପାଇଁ ସ୍ୱାଗତ ଜଣାଇବାର ସମ୍ଭାବନା ଯଥେଷ୍ଟ ଅଧିକ। ଗତ କିଛି ଦିନ ତଳେ ୟୁଟ୍ୟୁବରେ "କେନିଉଜ୍ ଓଡିଶା"ରେ ପ୍ରସାରିତ ଏକ ଦୁଃଖଦ ସମ୍ବାଦ,ଯେ କୌଣସି ସ୍ଥିତପ୍ରଜ୍ଞ ବ୍ୟକ୍ତିଙ୍କ ମାନସିକ ସ୍ଥିତି ଦୋହଲାଇ ଦେଇଥିବ। ରାଜସ୍ଥାନ ଆଜମୀରର ସୁରେଷ ମେଘଓାଲ୍ ନାମକ ଜଣେ ୨୬ ବର୍ଷିୟ ଯୁବକର କ୍ୟାମେରା ସାମ୍ନାରେ, ଆତ୍ମହତ୍ୟା ପୁର୍ବର କୋହଭରା ଉକ୍ତି। ଉଗ୍ର ଆଧୁନିକା ପତ୍ନୀଙ୍କର ଆବଶ୍ୟକତା ପୁରଣର ଅସମର୍ଥତା ଯୋଗୁଁ , ତାଙ୍କୁ ନିର୍ଯ୍ୟାତନାର ମିଥ୍ୟା ଅଭିଯୋଗର ସାମ୍‌ନା କରିବାକୁ ପଡିଲା। ଆରେଷ୍ଟ ହେବା ପରେ, ସେ ପୋଲିସ୍‌ଙ୍କୁ ଯେତେ ସତ କହିଲେ ମଧ୍ୟ,ସେମାନେ ତାକଥାକୁ ନଶୁଣି ତାଉପରେ ମାତ୍ରାଧିକ ଥାର୍ଡଡିଗ୍ରୀ ପ୍ରୟୋଗ କରିଥିଲେ।ଫଳରେ ମାନସିକ ଭାରସାମ୍ୟ ହରାଇ, ସେ ଆତ୍ମହତ୍ୟା ପରି ଏକ ଚରମ ପଦକ୍ଷେପ ନେବା ପାଇଁ ନିଷ୍ପତି ନେଇଥିଲେ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


## କବିତା କୋଣାର୍କ



### ତୋ ପ୍ରତୀକ୍ଷାରେ ....

ରାହାସ କୁମାର ବେହେରା

ପ୍ରତୀକ୍ଷାରେ ତୋ ଅନେକ ଯନ୍ତ୍ରଣା
ପ୍ରତିବାଦ ମୋର କାହିଁ
ଅନୁପସ୍ଥିତି ତୋ ଲୁହର ଜୁଆର
ଆଖିରେ ମୋ ନିଦ ନାହିଁ ।

ତୋ ପ୍ରଥମ ଲେଖା ମନକୁ ଛୁଇଁଲା
ହୃଦୟେ କରିଲୁ ଘର
ତୋ ମିଠା ସାୟାରୀ ଭରିଲା ଅନ୍ତର
ଲାଗିଲୁ ପୁରା ନିଜର ।

ତୋ ପ୍ରଥମ ଦେଖା କରିଲା ପାଗଳ
ଭଲ ମୁଁ ପାଉଛି ଯେତେ
କହି ମୁଁ ପାରୁନି ସହି ମୁଁ ପାରୁନି
ଝୁରୁଛି ଦହନେ କେତେ ।

ସୁନାର ହରିଣୀ କୁହୁକର ଡୋରି
ଯେବେ କଲୁ ମନ ଚୋରି
ଖାଇଲେ ପିଇଲେ ବସିଲେ ଉଠିଲେ
ବିରହରେ ଦେଉ ମାରି ।

ଆସିବୁ ସପନେ ଅବା ତୁ ଗୋପନେ
ରଖିବି ସ୍ମୃତିରେ ଭରି
ଏ ଭ୍ରମ ସଂସାରେ ସାଥିଟିଏ ଭାବି
କିଛିଦିନ ଯିବି ତରି ।

ଆଗୋ ରୂପବତୀ ଫୁଲେଇ ପିଆସୀ
ତୋପାଇଁ ଅନେକ ମୋହ
ରହିଲି ଅନାଇ ମିଠା ଇସାରାକୁ
ପୋଛିଦେବୁ ଆସି ଲୁହ ।


+ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ: ୭୫୯୦୧୫
ମୋ : ୯୪୩୮୧୧୪୩୬୮


### ମମତା

ଧ୍ରୁବ ଚରଣ ବେହେରା



ଅପୂର୍ବ ବନ୍ଧନ ଶୈଶବର ସ୍ୱର
କୋଳ ଶିଶୁ ଜାଣେ ନାହିଁ
ବିଧାତା ଲେଖିଛି ମମତାର ମୋହ
ମାଆ ଠାରୁ ଶିଶୁ ପାଇଁ

ଧନ୍ୟ ସେ ବିଧାଣି ଧନ୍ୟ ତା'ର ସୃଷ୍ଟି
ମୁଖେ ଭରଇ ଅମୃତ
କୋମଳ କଳିକା ଫୁଟି ମହକଇ
ଦେଖି ଲାଗେ ଆଚମ୍ବିତ ।

ସ୍ୱତଃ ପ୍ରତିଦାନେ ନାହିଁ ଆବିଳତା
ଖୋଜେନି କେବେ ପାଉଣା
କ୍ଷୀରେ ଭରି ଦେଇ ମମତାର ସ୍ନେହେ
ମାତୃତ୍ୱ ରଚା ଠିକଣା ।

ଆହା କି ସୁନ୍ଦର ପବିତ୍ର ସଂପର୍କ
ମାତୃତ୍ୱ ପ୍ରେମର ଭକ୍ତି
ମାଆ କୋଳ ଶିଶୁ ପାଳିତ ଜୀବନ
ବିଧିର ନ୍ୟାୟେ ନିଷ୍ପତି ।

କାହା ଭାଗ୍ୟ ବିହି ଲେଖିଅଛି କିଶ
କେହିତ ନଥାଏ ଜାଣି
ଅମୂଲ୍ୟ ସଂପର୍କେ ବନ୍ଧା ଏ ଜଗତ
ଦେଖି ହେବେ ଜ୍ଞାନୀ ଗୁଣି ।

କାହା ପାଇଁ ଏଠି ରାଜଭୋଗ କୋଠା
କା ଜୀବନେ ଗଛ ଛାଇ
ମାଆର ମମତା ବନ୍ଧା ପଡିଥାଏ
ଶିଶୁ ଲାଗି ପୁଣ୍ୟ କୋଠି ।

ମମତାର କୋଳେ ବଢି ଦିନେ ମୁହଁ
ଦେଖିଲି ଏହି ଦୁନିଆ
ମୁଖେ ଥାଉ ସଦା ପୁଣ୍ୟମୟୀ ନାମ
ସେହି ମୋ ଯଶୋଦା ମାଆ ।

ବାତ୍ସଲ୍ୟତା ତା'ର ସରଗର ସୁଖ
ଭୁଲି ହେବନାହିଁ କେବେ
ତା' ନାମରେ ଯେଉଁ ମିଳଇ କରୁଣା
ନ ମିଳେ ଦେବ ବୈକୁଣ୍ଠେ ।

ଧନ୍ୟ ଜଗନ୍ନାଥ ମହିମା ତୋହର
ଧନ୍ୟ ତୋ ପବିତ୍ର ସୃଷ୍ଟି
ଶୈଶବର ସ୍ୱରେ ଲେଖା ରାମ ନାମ
ଅପାର ଆଶିଷ ବୃଷ୍ଟି ।


+ଭାରତୀୟ ସାମରିକ ସେନା
ଝାଡଖଣ୍ଡ
ମୋ:୮୩୨୮୯୩୦୫୫୪


### ଆଉ ଥରେ ତୁମେ ଫେରିଆସ ବାପୁ

ପୁଷ୍ପାଞ୍ଜଳି ମିଶ୍ର



ସୁନାର ଏ ଭାରତକୁ
ଅଜ୍ଞାନ ଅନ୍ଧାର ହଟେଇ ଦେଇ
କେଉଁ ଆଡେ ଗଲ ଚାଲି
ଯୋଗଜନ୍ମା ତୁମେ କାଠିଆୱାଡର
ଗର୍ବ କରୁଥିଲେ ତୁମକୁ ନେଇ
କଥାରେ ତୁମର ମହୁ ଝରୁଥିଲା
ସମସ୍ତଙ୍କ ମନ ମୋହୀ
ଅହିଂସା ନୀତିରେ ବାନ୍ଧି ଦେଇ ଥିଲ
କରି ଦେଲ ସ୍ୱାଧୀନତା
ପ୍ରେମ ଭାତୃତ୍ୱର ଭାବ ଦେଇଗଲ
ସ୍ୱଚ୍ଛତାର ଅଭିଯାନ
ଧନ୍ୟ ସେହି ମାତା ଧନ୍ୟ ସେହି ପିତା
ଯା କୋଳେ ଜନମୀ ଥିଲ
ପର ଦୁଃଖରେ ଦୁଃଖୀ ହୋଇ
ଦୁଃଖ ବାଣ୍ଟୁ ଥିଲ
ହୋଇ ସମଭାଗୀ
କର୍ତ୍ତବ୍ୟ ଆଗରେ ମୁଣ୍ଡ ନ ଇଁଥିଲା
କୁଟି ଖାଅ ଆଉ କାଟି ପିନ୍ଧ
ଦେଇ ଥିଲ ଏହି ନୀତି ଶିକ୍ଷା
ଇଂରେଜ ସୈନିକ ହାତରୁ ଆଣିଲ
କରିଲ ଦେଶକୁ ରକ୍ଷା
ଦେଶ ପ୍ରେମ ଦେଇ ଦେଶକୁ ରଖିଲ
ଅସମ୍ଭବକୁ ସମ୍ଭବ କରି
ରାମରାଜ୍ୟର ସ୍ୱପ୍ନ ଦେଖାଇଲ
କୋଟି ଭାରତର ମନ ଜିତି
ନୂତନ ଆଶାର ଆଲୋକ ଦେଇ
ଶତ୍ରୁ ସଂହାର କରିଲ
ହୋଇଗଲ ତୁମେ ଏ ସାରା
ବିଶ୍ୱରେ ଚିର ନମସ୍ୟ
ତୁମେ ନାହିଁ ଆଜି ଲାଗେ ଖାଲି ଖାଲି
ଆଉ ଥରେ ଆସ ଫେରି
ହେ ମହାମାନବ କେଉଁ ଆଡେ ତୁମେ
ଚାଲି ଗଲ ଗଲ ଚାଲି
ହେ ସମୟ ଆଉ ଥରେ ଦେ ଫେରାଇ।


+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
୯୫୫୬୬୪୩୯୨୧


### କାଶତଣ୍ଡୀ

ରୋହିତ ସେଠୀ



ଶରତ ଆଗମେ ସ୍ୱଚ୍ଛ ନୀଳାକାଶେ
ଧବଳ ବାଦଲ ଶୋଭା
ଶୁଭ୍ରବେଶା କାଶତଣ୍ଡୀ ସମ୍ଭାରରେ
ଧରଣୀ ବାନ୍ଧିଛି ଗଭା ।
ନଈପଠା ଧାରେ କାଶତଣ୍ଡୀ ହସେ
ରୂପାର ଚାଦର ଘୋଡ଼ି
ଚକମକ ଦିଶେ ସୁରୁଜ କିରଣ
ଗଲେ ତା'ର ଦେହେ ପଡ଼ି ।
ପ୍ରକୃତିର କୋଳେ କାଶତଣ୍ଡୀ ଫୁଲ
ଶାରଦୀୟ ବାର୍ତ୍ତା ନେଇ
ଶ୍ୟାମଳ ସୁଷମା ନାହିଁ ତା' ଉପମା
ଶରତ ପାଦ ଥାପଇ ।
ନାନା ରୂପ ଧରି ମାଆ ବିରାଜନ୍ତି
ଏହି ଆମ ଧରାଧାମେ
କାଶତଣ୍ଡୀ କରେ ସ୍ୱାଗତ ମାଆଙ୍କୁ
ଝୁଲି ଝୁଲି ନୃତ୍ୟ ରମ୍ୟେ ।


+ଦୁତିମେଣ୍ଡୀ,ଖଜୁରୀପଡ଼ା,କନ୍ଧମାଳ
ଦୂରଭାଷ-୭୭୩୫୨୧୪୩୭୯

## ପେନ୍ଥାଏ କବିତା

### ଅଧ୍ୟାପକ ଶରତ କୁମାର ଦାସ



॥ ଦୁଃଖ ॥

ଆକାଶର ନୀଳିମାରେ ଛିଣ୍ଡା ଛିଣ୍ଡା ମେଘ ଭଳି
ଭାସୁଥାଏ ଅନ୍ତରରେ ଦୁଃଖର ବାଦଲ
ବେଳେବେଳେ ବର୍ଷିଯାଏ ଅବେଳରେ
ତରଳିଯାଏ ସକଳ ଧୈର୍ଯ୍ୟର ନଭଶ୍ଚୁମ୍ବୀ ସ୍ତୁପ
ଆଖି ହଳକରେ ନିଆଁ ଜଳେ ହୁତୁହୁତୁ
ପୋଡି ପାଉଁଶ ହୁଏ ଇନ୍ଦ୍ରପ୍ରସ୍ଥର କମନୀୟ ରୂପ
ଟପଟପ ଲୁହ ବିନ୍ଦୁ ଧାରେ ମାଟି ହୁଏ ଆର୍ଦ୍ର।

॥ ସୁଖ ॥

ଶିରାପ୍ରଶିରାରେ ଖୁନ୍ଦିହୋଇ
କସ୍ତୁରୀ ସୁଗନ୍ଧ ଭଳି ବାସୁଥାଏ ମହମହ
ଅନୁରାଗର ଶିକୁଳିରେ ବନ୍ଧାପଡେ ଦେହର ଦେହଳି
ବିଚ୍ଛୁରିତ ହୁଏ ସ୍ୱପ୍ନର ପରାଗ
ପବନ ଛାତିରେ ସ୍ୱତଃ ଉତୁରିପଡେ
କବିତାର ଅନାବନା ପଂକ୍ତି
ମୁକ୍ତାକାଶେ ଉଡନ୍ତି ବହିଙ୍ଗ
ନେସିହୁଏ ହାତ ପାପୁଲିରେ ସୁଖ ଓ ସୌଭାଗ୍ୟ ।

॥ ଜୀବନ ॥

ତମାମ୍ ସୁଖ ଓ ଦୁଃଖର ଲାଭକ୍ଷତିକୁ ନେଇ
ଅଙ୍କ କଷୁଥିବା ମଣିଷର ଜୀବନ
ପାଲଟି ଯାଏ ଏକ ବିସ୍ତୀର୍ଣ୍ଣ ତପ୍ତ ମରୁଭୂମି,
ଅଛିଣ୍ଡା ଭଗ୍ନାଂଶର ସୂତ୍ର ଖୋଜୁ ଖୋଜୁ
କେତେବେଳେ ବାଜିମାତ୍ ତ'
ଆଉ କେତେବେଳେ ହାରିବା ଭୟରେ
ଜୀବନ ହୁଏ କ୍ଷତାକ୍ତ ଓ ଯନ୍ତ୍ରଣାକ୍ତ, ଆଉ
ଭାଙ୍ଗିଯାଏ ତାଆସ ଘର ଭଳି ଯେତେ ବାଲିଘର ।

॥ ନିର୍ବାଣ ॥

ଏକ ଆକାଂକ୍ଷିତ ଅନ୍ୱେଷାରେ
ଚାଲିବାକୁ ହେବ କଣ୍ଟକିତ ପଥ,
ଭେଦିବାକୁ ହେବ ଧୂଳିର ଧୂମାଳ
ଆତ୍ମବିଶ୍ୱାସର ନାଭିକେନ୍ଦ୍ରକୁ
ସଶକ୍ତ କରିବାର ଅଦମ୍ୟ ସାହାସ ବଳେ
ଆବିଷ୍କୃତ ହେବ ନିଷିଦ୍ଧ ମୁଲକ
ପ୍ରଜ୍ୱଳିତ ହେବ ଦୀପଶିଖା ଜୀବନର
ମିଳିଯିବ ବନ୍ଧନ ମୁକ୍ତ ଦୁର୍ଲ୍ଲଭ ନିର୍ବାଣ ।


+ ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
(ମୋ) ୮୨୪୯୧୩୭୦୯୧


## ନାରୀ

### ପଦ୍ମାଳୟା ସାମଲ



ପତଙ୍ଗ ପରି
ଆଙ୍ଗୁଳି ଇଙ୍ଗିତେ
ନଇକୁ
ନିଆଁକୁ
ଡେଇଁ ପରେ ।

ସହରରେ ବା ଗାଁରେ
ଫୁଲ ପରି ଚହଟେ / ମହକେ,
କୁଢ଼ କୁଢ଼ କାମନା-ବାସନା,
ହରି ବିସର୍ଜି ପରେ
ଛାତି ଅତଳ ତଳେ ।

ଜାଳେଣି କାଠ ପରି
ଆପଣାକୁ ଧୁ - ଧୁ ଜାଳେ
ଆବୋରି ନିଏ ତମାମ ଆୟୁଷର
ପ୍ରବଞ୍ଚନା, ପାପ
ପିଉଥାଏ ଦୁନିଆଁ ଯାକର ଜହର
ଅନେକ ରାତି ଉଜାଗର ରହି ।

ରୋଷେଇଘରର ତେଲଚିକିଟା କାନ୍ଥରେ
ଛିଟ ଦାଗ ହୋଇ ରହିଯାଏ ତାର ସ୍ୱପ୍ନ
ତା କଣା ସଂସାର ମାଠିଆରୁ
ବୋହିଯାଉଥାଏ
ସମୟ - ଜୀବନ ।

ନଦୀ ପରି ଧାଏଁ ଏକମୁହାଁ ହୋଇ
ସମୁଦ୍ର ଆଡେ
ମେଲି ଦେଇଥାଏ
ସୁଦୀର୍ଘ ନୀଳ ଛାତି
ସାଇତିବାକୁ ଦାବାନଳ ।


+ ଭୁବନେଶ୍ୱର
(ମୋ) ୭୦୦୮୩୪୮୧୭୨


## ଉତ୍କଳ ସନ୍ତାନ...

### ପବିତ୍ର କୁମାର ସାହୁ



ଉଠରେ ଉଠରେ ଉତ୍କଳ ସୁପୁତ୍ର
ଶୋଇବୁ ତୁ କେତେଦିନ।
ମାଟିରେ ମିଶିବ ତୋ ଘଟ ଯୌବନ
ମାଖିଥା ଯେତେ ଚନ୍ଦନ ।

ସୁବୀର ସୁରେନ୍ଦ୍ର ବକ୍ସି ବିର୍ସାମୁଣ୍ଡା
ନୀଳକଣ୍ଠ ପୁର ବାଜି ।
ପ୍ରିୟ ଗୋପବନ୍ଧୁ ଜୟୀ ରାଜଗୁରୁ
ପ୍ରାଣଦେଲେ ଦେଶଲାଗି ।

ରୁଧିର ନିଗାଡି କାରାଗାରେ ରହି
ପ୍ରଜାକରି ସମ୍ମେଳିତା ।
ଫିରିଙ୍ଗୀ ଶାସନ ହଟାଇ ଦେଶରୁ
ଭେଟିଦେଲେ ସ୍ୱାଧିନତା

ମନର କୁତ୍ସିତ ଭାବନା ଯେବେ ତୁ
ହୃଦୟରୁ ଦେବୁ କାଟି।
ତେବେ ସିନା ଯାଇ ଅସଲ ସ୍ୱାଧୀନ
ହୋଇବ ଏଦେଶ ମାଟି ।

ରାମରାଜ୍ୟ ଆଶା ଛନ୍ଦି ହୋଇଗଲା
ଦେଶଦ୍ରୋହୀ କୂଟଜାଲେ ।
ଉତ୍କଳ ସନ୍ତାନେ ସ୍ୱାର୍ଥପର ହୋଇ
ଦେଶରକ୍ଷା ବିସ୍ମରିଲେ ।

ବଧୂ ନିର୍ଯ୍ୟାତନା ନାରୀ ବଳାତ୍କାର
ଦେଖି କିମ୍ବା ମୌନ ତୁହି।
ଉତ୍କଳ ମାତାର କରୁଣ ବିଳାପ
କର୍ଣ୍ଣେ କ'ଣ ଭେଦୁନାହିଁ ।

କ୍ରୀତଦାସ ପରି ବଞ୍ଚିବା ଅପେକ୍ଷା
ମରଣ ତୋ ପାଇଁ ଶ୍ରେୟ ।

## ପତ୍ରଝରା

### ମୂଳ ଆସାମୀ-ମିନୁଲ୍ ହାଜରିକା
### ଅନୁବାଦ- ଅଜିତ୍ ପାତ୍ର

ତାହାପରେ ଗଛରୁ ଅଜସ୍ର ପତ୍ର ଝରିପଡେ
ତଥାପି ଗଛ କାହିଁକି କାନ୍ଦେ ନାହିଁ ?
ଝିଙ୍କାରି ପତ୍ରରେ ବସି ଦେଖେ ପତ୍ରଝରା
ଖାଲି ଝରାପତ୍ର, ପତ୍ରଝରା ବା ଗୋପନ ଅଶ୍ରୁ ।
ମର୍ମର ଶବ୍ଦରେ ଜଗି ଦେଖେ
ମଣିଷ ଅରଣ୍ୟ ପଥରେ ଚାଲିଯାଇଛି...
ଅରଣ୍ୟ ଭିତରେ ଆଉ ଏକ ଅରଣ୍ୟ
ଯେଉଁ ଅରଣ୍ୟ ମଣିଷର
ସାପ ଆଉ ବ୍ୟଙ୍ଗର ଦ୍ୱନ୍ଦ ନେଇ
ବିଚରଣ କରେ।


+ ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ
ବାରିପଦା, ଓଡ଼ିଶ
(ମୋ)୯୮୬୧୬୨୯୭୦୨


## କସ୍ତୁରୀ ମୃଗ

### ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ



ସୁଖ ଯାହା ପାଇବାକୁ
ଭ୍ରମରେ ଭ୍ରମିଲି
ସୁଖ ବଦଳରେ ଦୁଃଖ
ଯେତେକ ପାଇଲି,
ତୋଳି ଦେଲି ସୁଖ ବୋଲି
ଯେତେକ ସମ୍ପଦ
ସେ ସମ୍ପଦ ଆଣିଦେଲା
ମନେ ମୋ ବିଷାଦ,
ଅନ୍ତର କଥାକୁ କେବେ
କର୍ଣ୍ଣେ ନ ଶୁଣିଲି...
ସୁଖ ଯାହା ପାଇବାକୁ ଭ୍ରମରେ ଭ୍ରମିଲି ॥
ନଭ ଦେଶେ ବିହଙ୍ଗକୁ
ଦେଖି ଲୋଭ କରି
ତା'ର ଭଳି ଶାନ୍ତି ପାଇଁ
ହେଲି କେତେ ସରି,
ଅନ୍ୟ ସୁଖ ମଧ୍ୟେ ମୁହିଁ
ନିଜ ସୁଖ ଖୋଜି
କସ୍ତୁରୀ ମୃଗ ପରାୟେ
ବନେ ଗଲି ହଜି,
ଜୀବନକୁ ଚିହ୍ନୁ ଚିହ୍ନୁ
ନିଜକୁ ଭୁଲିଲି...
ସୁଖ ଯାହା ପାଇବାକୁ ଭ୍ରମରେ ଭ୍ରମିଲି ॥
ନିଜ ମଧ୍ୟେ ଥାଏ ସୁଖ
ନଥାଏ ପରରେ
ଗୁରୁ ଚରଣ ସେବି ମୁଁ
ବୁଝିଲି ଡେରିରେ,
ନିଜ ଅନୁଭବେ ଅଛି
ଜଗତର ସୁଖ
ବୁଝି ଅବୁଝା ମୁଁ ହେଲି
ଅଟେ କେଡେ ମୂର୍ଖ,
ଆଜି ପାଇଅଛି କଷ୍ଟେ
ସୁଖର ସନ୍ଧାନ
ସବୁ ମଧ୍ୟେ ବିଦ୍ୟମାନ
ସତ୍ୟ ସନାତନ
ଦିଅ ଦିବ୍ୟଜ୍ଞାନ ପ୍ରଭୁ
ଶରଣ ପଶିଲି ...
ସୁଖ ଯାହା ପାଇବାକୁ ଭ୍ରମରେ ଭ୍ରମିଲି ॥


+ ଚକାପଦା, ବେଗୁନିଆ, ଖୋର୍ଦ୍ଧା
(ମୋ)୯୧୭୮୪୭୫୪୩୭


## ଝର୍କା

### ଶିବ ପ୍ରସାଦ ଶତପଥୀ

ଚାରିକୋଡ଼ିବର୍ଷ ତଳର ବୋଝ ବୋହିଥିବା
ଅବୋଲକରା ବାତଗ୍ରସ୍ତ ହାଡ଼ଦିଟା ସାହାରାରେ
ଏବେ ଠିଆହେଲେ ଝର୍କା ପାଖରେ
ଆଉକଅଣ ବସନ୍ତର କଅଁଳିଆ ବଉଳିଆ ମହକ
ଆଡ଼ବାୟା ପବନ ପିଠିରେ ବୋହିଆଣି
ଆପାଦମସ୍ତକ ଚହଲେଇ ଦେଉଛି ନା
ଫଗୁଣର ଚିତ୍ରିତ ରଙ୍ଗିନ ଚିତ୍ରପଟ ସବୁ
ପରଦାଲଗା ଆଖି ଆଗରେ ଚଳଚିତ୍ରପରି
ପ୍ରଜାପତି ଡେଣାରେ ବସିନାଚୁଛି ।
ଏବେତ ବସନ୍ତର ବାତେନିଧରି ଆସିଥିବା
କୋଇଲିର କୁହୁ ବଦଳରେ
ମୋ କାନରେ ଅତଡ଼ାଖାଉଛି ପେଚାର କୁହାଟ,
ଫଗୁଣର ସୁଶୀତଳ ପବନ ବଦଳରେ
ଆତଙ୍କିପରି ଧସେଇପଶୁଛି ଖରାଦିନିଆ ଝାଂଜି,
ମନରୁ ଭିଡ଼ିନେଉଛି ହୃଦୟ ସାଗରରେ
ଲହଡ଼ା ମାରୁଥିବା ସବୁ ରଙ୍ଗିନ୍ ଉଚ୍ଛାଟ ।
ଦିନଥିଲା ଏଇ ଝର୍କା ବାଟେ ପୁନେଇଁ ଜହ୍ନ,
ଯାହାଏବେ ହାତ ବଢେଇଲେ ଖସି ପଳଉଛି,
ଜୋର୍‌କରି ପସିଆସି ରୁପା ଚାଦରରେ
ଢାଙ୍କି ଦେଉଥିଲା ମୋ ତାଳୁରୁ ତଳିପା
ଆଉ କେତେବେଳେ ଖରାଦିନ ଅଦିନିଆ
ବର୍ଷାଭିଜା
ମାଟିଗନ୍ଧ ସ୍ୱପ୍ନରାଜ୍ୟକୁ ଭିଡ଼ି ନେଇ ଯାଉଥିଲା ।
ଏଇ ଝର୍କାରୁ ଦେଖିଲେ ରାତି ପାହି ଯାଉଚି
ହେଲେ ସକାଳ ଆସିବା ନାଁ ଧରୁନି,
ଦୂରରେ ଖାଲି ସଦ୍ୟସ୍ନାତା ଗୁଡ଼ାଏ ବିଧବା
ହାତରେ ଲାଲ ଫୁଲତୋଡ଼ା ଧରି
ସମାଧି ଗୁଡ଼ିକ ପାଖରେ ଦିପ ଜାଳୁଛନ୍ତି ।

ଏବେ ଝର୍‌କାରୁ ଠିଆହେଇ ଦେଖିଲେ
ଖାଲି ଦିଶୁଛି ବୁଢିଆଣି ଜାଲଭିତରେ ମୁଁ ହିଁ
ଠିଆହେଇଚି
ବୁଢିଆଣି ଗୁଡେଇତୁଡେଇ ବାନ୍ଧି ପକଉଛି,
ବାହାରିବାକୁ ଚେଷ୍ଟା କଲାବେଳେ
ଆହୁରି ଜୋର୍‌କରି ଭିଡ଼ିଧରୁଛି ,
କେଜାଣେ ମୁକ୍ତି କେବେ ମିଳିବ ।


+ ଡି/୧୩ ,ବ୍ଲକ୍‌୩
ଜୟଦେବ ବିହାର, ଭୁବନେଶ୍ୱର
୭୫୧୦୧୩
(ମୋ)୯୪୩୭୦୮୮୮୬୬


## ପ୍ରିୟା

### ପ୍ରତାପ କୁମାର ପଣ୍ଡା

ରୁଚିର ପୁଷ୍କର କ୍ଷିତି ରତ୍ନାକର
ପୁଣି ପୂର୍ଣ୍ଣିମାର ଜହ୍ନ
ଟା ଠାରୁ ଶୋଭନ ପ୍ରିୟା ତନୁମନ
ଅଳିଭା ତା ସ୍ମୃତି ଚିହ୍ନ।
ହସିଦେଲେ ଥରେ ମଳିନ ହଜାରେ
ରଜନୀଗନ୍ଧାର ଫୁଲ
ଯୁଇ ଜାଇ ହେନା ପଦ୍ମ ପାରିଜାତ
ହେବେ ନାହିଁ ସମତୁଲ।
ନୟନୁ ସ୍ଫୁରିତ ପ୍ରଭା ଅବିରତ
ଅପୂର୍ବ ସେ ଆକର୍ଷଣ,
ଦେଖିଦେଲେ ବାରେ ହୃଦୟେ ଅଚିରେ
ଖେଳିଯାଏ ଶିହରଣ।

ରୁଣୁଝୁଣୁ ପାଦେପାଉଁଜି ଶବଦେ
ଚାଲି ଗଲେ ଥିରେ ଥୀରେ
ଝରା ସେଫଳିକା ମଞ୍ଜୁଳ ମଳିକା
ଲୋଟିଯାଏ ଶେଯ ପାରି।
ଭ୍ରମରେ ଭ୍ରମରେ ପ୍ରେମିକ ପ୍ରବର
ମଧୁପାନ ଲାଳସାରେ,
ସୁମନ ସନ୍ଧାନେ ପଡ଼େ ତା ବନ୍ଧନେ
ସୁରକ୍ଷିତ ମହକରେ।
କୋଟିଏ ଛଇଳୀ ଧରି ରଙ୍ଗ ତୂଳୀ
ଆଙ୍କିଛନ୍ତି ପ୍ରତି ଛାୟା
ସେହି ଏ ରମଣୀ ପ୍ରେମିକା ବାୟାଣୀ
ବିଚିତ୍ର ତାହାର ମାୟା।


+ କଟିକଟା,କଟକ
(ମୋ) ୯୮୬୧୦୫୯୭୦୯


## ଦେଖ !

### ଡ଼ା. ବିଜୟ କୁମାର ପାତ୍ର

କିମିତି....
ମୁଁ ଆଉ କଥା କହୁନି,
କେଇ ଘଣ୍ଟା ତଳୁ
ସବୁ କଥା ଗୁଡା ଢ଼ୋକି ଦେଇଛି,
ଏମିତି ତ.....
ଢେର ଅତୀତରୁ
ଚୁପ ହେଇଜିବା ମୁଁ ଶିଖି ସାରିଛି ;
ନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶିତ ହେଇ,
ଆସନ୍ତା ପ୍ରତି ମୁହୂର୍ତ୍ତରୁ
ମୋର ଆଉ କାହା ସହ
ଗପିବାର ନାହିଁ,
ଏଠିକାର ପବନ ମୁଠାଏ
ନେଇ ବି ଯାଉନି,
ନିଷ୍କଳ ନିର୍ବିକାର ମୁଁ
ଶିବ ସମାଧୀରେ ମଗ୍ନ.... ।

ଦେଖୁନ !
ମୋ ଆଖି ଦୁଇଟା ପରୀକ୍ଷା କରି...
ଆଉ ନକାନ୍ଦିବାର
ଶପଥ ନେଇଛି,
ଏନ୍ତୁଡ଼ରୁ ଆରମ୍ଭ ହେଇ
ପତାକୁ କାମୁଡି ଧରିଥିବା
ଶେଷ ବିନ୍ଦୁ ପର୍ଯ୍ୟନ୍ତ,
କେବେ ତ ବିଶ୍ରାମ ନେଇନି,
ମୋ ଛାତି ଭିତରେ ଥିବା କୋହ ;
ଆଖିରେ ବସା ବାନ୍ଧିଥିବା ଲୁହ;
ଅନେକ ବର୍ଷ ତଳର
ନିର୍ବାସିତ ହସକୁ
ଖୋଜି ଖୋଜି ଧରି ଆଣିଛି ;
ଅତି ସନ୍ତର୍ପଣରେ ପଟୁଆରଟେ ନେଇ,
ସର୍ବ ସମ୍ମୁଖରେ ପୋଡି
ପାଉଁଶ କରିବା ପାଇଁ... ।

ଦେଖ !
କେତେ ଅକ୍ଳେଶରେ ମୁଁ ବାନ୍ଧି ଆଣିଛି
ମୋ ପ୍ରିୟ ଶରୀରକୁ,
ଶବ୍ଦ ଓ ସନ୍ଦେଶକୁ,
ତୃପ୍ତି ଓ ତାତ୍ପର୍ଯ୍ୟକୁ,
ସ୍ମୃତି ଓ ସନ୍ଦର୍ଭକୁ,
ବ୍ୟଥା ଓ ବ୍ୟର୍ଥତାକୁ,
ଶକ୍ତି ଓ ଆସକ୍ତିକୁ,
କ୍ଷତ ଓ କ୍ଷମତାକୁ,
ସମ୍ମତି ଓ ବିସ୍ମୃତିକୁ,
ଗୋଟେ ନିଆଁର ଝୁଲରେ
ସମର୍ପି ଦେବା ପାଇଁ,
ଇନ୍ଦ୍ରିୟ ମୋ ପାଖରେ ପରାଜିତ ;
ସ୍ନାୟୁ ମାନେ ଲଜ୍ଜିତ ;
ନିୟନ୍ତା ବି ଠିକ୍
ମୋ ଭଳି ନିରବ
କାରଣ ମୁଁ ଶବ..... ।


+ ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ
ଢେଙ୍କାନାଳ
(ମୋ) ୭୦୦୮୬୧୭୯୧୨


## ଶରତର ଶୋଭା...

### ଅମ୍ବିକା ସ୍ୱାଇଁ

ସମୟ ଚକ୍ର ରେ ଆସେ ନିୟତି ର ନୀତି
ଋତୁ ପରେ ଋତୁ ଆସେ ଗାଇ ହୃଦ ଗୀତି
ବର୍ଷା ପରେ ହସି ହସି ଆସେ ଯେ ଶରତ
ମତୁଆଲା ମନ ଗାଏ କେତେ ଯେ ସଙ୍ଗୀତ।

ପୁଲକିତ ମନ ପ୍ରାଣେ କାଶତଣ୍ଡୀ ହସେ
ଧବଳ ଶାଢ଼ୀରେ ସିଏ କି ସୁନ୍ଦର ଦିଶେ
ବିଲ ବାଡି କ୍ଷେତ ପାଟ ସବୁଠି ଗହଳି
ତା'ଶୋଭା ବର୍ଣ୍ଣନା ସତେ କେ ପାରିବ କଳି।

ସତେ କି ପିନ୍ଧିଛି ଧରଣୀ ଧବଳ କୁନ୍ଦନ
ଶେଫାଳୀ ର ମହକ୍ ରେ ଚହଟେ ପବନ
ସ୍ୱଚ୍ଛ ଶରତ ରେ ନୀଳ ଗଗନ ରେ ଜହ୍ନ
ସରୋବରେ କୁମୁଦ ର କିଣୁ ଥାଏ ମନ ।

ମୃଣ୍ମୟୀ ମୂର୍ତ୍ତି ରେ ମାଆ କି ସୁନ୍ଦର ମାନେ
ଦେବୀ ଆବାହନୀ ମନ୍ତ୍ର ଶୁଭି ଯାଏ କଣ୍ଠେ ।


+ ଭୁବନେଶ୍ୱର ୯୭୭୭୫୯୯୬୯୫


## ଖଣ୍ଡେ କଳା ମେଘ

### ଭବାନୀ ଶଙ୍କର ନାୟକ



ଚତୁର କଳା ମେଘଟି......
ଆମ୍ଭ ତୋଟାର
ଧଳା ସମାଧିମାନଙ୍କ ପରି ଦିନେ
ଚୁପ୍ ଚାପ୍ ଛିଡ଼ା ହେବାକୁ ହୁଏ ବୋଲି
ଖୁବ୍ ଗପ ମାରେ ।
ଶୀତ ରାତିର କଣକଣିରେ
ଲୌହ ସ୍ତମ୍ଭ ପରି ଦିନେ
ଜମାଟ ବାନ୍ଧିବାକୁ ହୁଏ ବୋଲି
ସୂର୍ଯ୍ୟଙ୍କ ନିଆଁର ନିଶ୍ୱାସ ତକ
ଢକଢକ ପିଇଯାଏ ।
ଛୁଇଁ ହେଉନଥିବା
ଛବି ଟିଏ ହୋଇ ଶୂନ୍ୟରେ
ଦିନେ ଝୁଲିବାକୁ ହୁଏ ବୋଲି
ଆଙ୍କେ ଇନ୍ଦ୍ରଧନୁର ରଙ୍ଗ ସ୍ୟାହିରେ
ଅଜସ୍ର ଜୀବନ୍ତ ଛବି ।

ଏଠି ଶୁଭୁଥିଲା ବର୍ଷାର ରାଗିଣୀ
ଥିଲା ଚଉପାଶେ ସବୁଜିମାର ରୋଷଣି,
କଳା ମେଘଟି
ମଶାଣିରେ ଜଳିଗଲା ପରେ ଜାଣିଲି
ମୁଁ ଏକ ଧୂସର ମରୁଭୂମି ।

ଯେବେ ମୋ ସାମ୍ନାରେ
କଳା କିଟିକିଟି ଅନ୍ଧାର ଘୋଟିଯାଏ
ତା ଚକ୍ ଚକ୍ ଆଖି ଦୁଇଟି
ମୋ ପାଇଁ ବତିଖୁଣ୍ଟ ସାଜେ ।
ଯେବେ ଧୂଳି ଝଡ଼ ଆସେ
ଧୂଳିସାତ୍ କରିବାକୁ ମୋ ବସାର
ଅବଶିଷ୍ଟ ପାଉଁଶ ଓ ଅଙ୍ଗାର,
ତା ପ୍ରଶସ୍ତ ଛାତି ମୋ ପାଇଁ
ଝଡ଼ରୋଧୀ କାଚଘର ସାଜେ ।

ମୁଁ କେବେ ଖୋଜେନି ତାକୁ
ସାଗର ବେଳାରେ ଅବା
ଆକାଶରେ ପକ୍ଷୀଙ୍କ ଭିଡ଼ରେ,
ବେଳେ ବେଳେ
କାହିଁକି କେଜାଣି କଳା ମେଘଟି
ହଠାତ୍ ଚିହିଁକି ଉଠେ
ଦଲକାଏ ଝାଞ୍ଜି ପବନରେ
ଘୁମେଇ ପଡ଼ିଥିବା ସହରର
ପ୍ରଲମ୍ବିତ ଗାଢ ଛାଇରେ ।


+ ଲାଡ଼, କୁଚିଣ୍ଡା, ସମ୍ବଲପୁର
ମୋ- ୯୯୩୮୩୪୪୬୮୧


## ବର୍ଷା

### ବୈଷ୍ଣବ ମେହେର



ବର୍ଷା ଦେଇଛି ପ୍ରତିଶ୍ରୁତି
ଫେରିବ ସେ
ସଜଫୁଟା ଗୋଲାପର ଉନ୍ମାଦନା ଭରି
ମହମହ ଭଲପାଇବାର ପସରା ମେଲି
ଏକାକାର କରିଦେବ
ମୋ ପୃଥିବୀ, ଆକାଶ, ପାତାଳ
ଆସିବ ସେ...
ଜହ୍ନିଫୁଲର ଧଡ଼ି ଲଗା
ଚକମକ୍ ଚୁମୁକି ଗୁନ୍ଥା
ସବୁଜ ଶାଢ଼ୀ ପରିଧାନ କରି
ମେଘର ଆଡୁଆଳରେ ଲୁଚିଥିବା
ଜହ୍ନ ପରି ନ ହେଲେ ବି
ସଜେଇବ ମୋ କାନ୍ଥ ବାଡ଼, ଛାତକୁ
ଖଦ୍ୟୋତର ଟିକିଟିକି ଆଲୋକରେ ।

ଜାଣିଛନା ବର୍ଷା
ସେଦିନ ତୁମେ ଗଲା ପରେ ପରେ
ଅଦିନିଆ ମେଘର ହୁଙ୍କାରରେ
ଫାଟିଛି ମୋ ଛାତି
ଭିଜିଛି ମୁଁ ବହୁତ ଭିଜିଛି
ଛାତିର କୋହରେ
ବର୍ଷିଛି ମୁଷଳଧାରା ମୋ ଆଖିର ଛାତରୁ
ଅନବରତ ଭାବେ ।

ନିଶବ୍ଦ ରାତିର ଗାଢ଼ ଅନ୍ଧାରରେ
ଯେବେ ଯେବେ ଅତିଷ୍ଠ କରିଛି
ତୁମ ରୁମଝୁମ୍ ସ୍ମୃତିର ଛନ୍ଦ,
ଚାଲି ଆସେ ଅଗଣାକୁ
ନିମିଷକ ପାଇଁ ଲାଗେ
ସତେ କି ତୁମେ ଅପେକ୍ଷା କରିଛ ସାରାରାତି
ମୋର ସାନ୍ନିଧ୍ୟ ପାଇଁ
ଗଛପତ୍ର ଫୁଲଫଳରେ
ବିନ୍ଦୁବିନ୍ଦୁ କାକର ହୋଇ ।


+ ସିନାପାଲି, ନୂଆପଡ଼ା


## ତିନିଦଶନ୍ଧିର ପୁରୁଣା ବାସସ୍ଥାନର ବିଳାପ ?

### ପ୍ରଶ୍ନ କୁମାର ଶତପଥୀ



ତିନିଦଶନ୍ଧି ପୂର୍ବର ବାସସ୍ଥାନ ସାମ୍ନାରେ
ଏକ ନବନିର୍ମିତ ଘର ଦଣ୍ଡାୟମାନ,
ତିନିଦଶନ୍ଧି ଘର ବର୍ତ୍ତମାନ
ଦିନରେ ନିଷ୍ପ୍ରୟୋଜନ,
ଦିନଥିଲା ଘରଟି ଛଣପଟରେ ଥିଲା ଆଚ୍ଛାଦନ,
ପରସମୟରେ ମାଟିଇଟା ଛଣପଟର
ତିନିଦଶନ୍ଧିର ଘରଟି
ସିମେଣ୍ଟ ଆଜବେଷ୍ଟରେ ହେଲା ପରିବର୍ତ୍ତନ,
ପୁରୁଣା ବାସଗୃହ ଅଗ୍ନିକୁଣ୍ଡରେ ଜଳୁଥିଲା ନିଆଁ-
ମା ପ୍ରସ୍ତୁତ କରୁଥିଲା ଖାଇବା ପାଇଁ
ନାନା ପ୍ରକାର ଖାଦ୍ୟ ଆଉ ବ୍ୟଞ୍ଜନ,
ସେ ଘରେ ପୂଜା ପାଉଥିଲେ-ପାଉଛନ୍ତି
ଶାଳଗ୍ରାମର ଭଗବାନ,
ଲେଖୁଥିଲି ପଢୁଥିଲି ପାଠ
ମାଟିଘର ଭୂମି ଉପରେ ଆସନ ପାରି
ଯେବେ ଥିଲି ମୁଁ ସାନ,
ଖରା-ବରଷା-କାକର
ଥଣ୍ଡା ଜ୍ୱରରୁ ସୁରକ୍ଷା ଯୋଗାଇଥିଲା କେତେ
ତାହା ଅନନ୍ତ୍ୟ ଓ ଅନନ୍ୟ,
ତିନିଦଶନ୍ଧିର ପୁରୁଣା ଘର ପ୍ରତି
ମାଆଙ୍କର ଥିଲା ଅମାପ ଅବଦାନ,
ପୁରୁଣା ଘର ସାମ୍ନାରେ ନୂଆ ଘରେ
ଜଳଇ ନିତିଦିନ ଗ୍ୟାସ୍
ବଞ୍ଚିବା ପାଇଁ ସ୍ୱାଧୀ କରଇ ରନ୍ଧନ,
ଜୀବନସାଥୀ କରିଥାଏ ଆନନ୍ଦରେ ପରିବେଷଣ,
ସେ ଘରକୁ ଦେଖି ଏ ଘରୁ ଥାଇ ମୁଁ
ମନର କଥା ଆଙ୍କଇ
ଅତୀତ ଆଉ ବର୍ତ୍ତମାନର ଲେଖନ,
ପୁଣି ଗଢ଼ିହେଉଥାଏ ଧୈର୍ଯ୍ୟଶୀଳ ମନ,
ଆମ ସମସ୍ତଙ୍କ ପାଇଁ
ରାତ୍ରୀରେ ଶୋଇବାକୁ ଅଲୋଡ଼ା
ପୁରୁଣା ବାସସ୍ଥାନ,
ତାଲା ଝୁଲୁଥାଏ-କାନ୍ଦୁଥାଏ-ଫାଙ୍କା ଫାଙ୍କାରେ
ଝୁରୁଥାଏ-
ଆମକୁ ଅନ୍ଧାର ରଜନୀରେ
ଏହି ତିନିଦଶନ୍ଧିର ଘରର ମନ....
ନୂଆଁ ଘର ଆଲୋକମାଳାରେ ହସଇ
ସତେ ଅବା ମିଳିଯାଇଛି
ଧନରତ୍ନ ପରି କେତୋଟି ଜୀବନ ,
ସେ ଘର ଅନ୍ଧାର ବଳୟରେ
ରହନ୍ତି ଶାଳଗ୍ରାମ ଭଗବାନ,
ଏ ଘର ଆଲୋକର ଆଶୀର୍ବାଦରେ
ଜୀଉଁଥାନ୍ତି ଦୁଃଖସୁଖର ନିରୀହ ଜୀବନ,

ମା' ପାଖେ ନାହିଁ
ଅଛି ତାଙ୍କରି ଘରକରଣା
ଯେଉଁଥିରେ ଅନୁଭବ କରଇ
ମାଆର ହାତଛୁଆଁ ଆଉ ଶୂନ୍ୟସ୍ଥାନ,
ଶୂନ୍ୟସ୍ଥାନ ଭରଇ ବେଳେବେଳେ
ମାଆ ପଢୁଥିବା
ପୁରାଣ ଗୀତର ଭାଷା
ଉପଲବ୍ଧି କରିହୁଏ ଶାଳଗ୍ରାମ ଆସ୍ଥାନରେ
କେବଳ ମାଆଙ୍କ ଉଚ୍ଚାରଣ ଆଉ ନିଦର୍ଶନ ।


+ ଦୁମାଡ଼ିହି,ଜାମଦା, ମୟୂରଭଞ୍ଜ,
(ମୋ)୮୯୧୭୬୨୪୯୫୮

# ଓଡ଼ିଶାରେ ଶୀଘ୍ର ପଛୁଆବର୍ଗ ଜନଗଣନା ପାଇଁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର,୧୮/୧୦ (ନି.ପ୍ର): ରାଜ୍ୟ ପଛୁଆବର୍ଗ କମିଶନ ପକ୍ଷରୁ ଗତ ମଇ ୧ ତାରିଖରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ଜାତି ଜନଗଣନା କାର୍ଯ୍ୟକ୍ରମ ହାତକୁ ନେବାପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। କିନ୍ତୁ ସେତେବେଳର କ୍ରମବର୍ଦ୍ଧିଷ୍ଣୁ କରୋନା ସଂକ୍ରମଣକୁ ଆଖି ଆଗରେ ରଖି ରାଜ୍ୟ ସରକାର ପଛୁଆବର୍ଗ ଜନଗଣନା କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ପାଇଁ କମିଶନଙ୍କୁ ନିର୍ଦ୍ଦେଶ ଦେଲେ। ବର୍ତମାନ କରୋନା ସଂକ୍ରମଣ କମିବାରେ ଲାଗିଛି। ଏଭଳିକି ସ୍କୁଲ୍, କଲେଜ, ଅଫିସ୍, ଦପ୍ତର ସବୁ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଲେଣି। କିନ୍ତୁ ଦୁର୍ଭାଗ୍ୟର କଥା, ପଛୁଆବର୍ଗ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଗତ ମାସ ୧୫ ତାରିଖ ଦିନ ସମାଜବାଦୀ ପାର୍ଟିର ଏକ ପ୍ରତିନିଧି ଦଳ ପଛୁଆବର୍ଗ କମିଶନର ଅଧ୍ୟକ୍ଷଙ୍କୁ ତାଙ୍କ କାର୍ଯ୍ୟାଳୟ ଠାରେ ସାକ୍ଷାତ କରି ପଛୁଆବର୍ଗ ଜନଗଣନା ଖୁବ୍‌ଶୀଘ୍ର ଆରମ୍ଭ କରିବା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲା। ଆଇନ୍ ଅନୁଯାୟୀ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକୀୟ ପଦକ୍ଷେପ କମିଶନ ଗ୍ରହଣ କରିବେ ବୋଲି ଅଧ୍ୟକ୍ଷ ବିଚାରପତି ଶ୍ରୀ ବିଶ୍ୱାଳ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ମଧ୍ୟରେ ଏକମାସ ବିତିଯାଇଥିଲେ ହେଁ, କମିଶନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ପଛୁଆବର୍ଗ ଜାତି ଜନଗଣନା କରିବା ପାଇଁ କୌଣସି ପଦକ୍ଷେପ ନିଆଗଲା ନାହିଁ । ଫଳରେ ସ୍କୁଲ୍, କଲେଜର ନାମଲେଖା ସମୟରେ ରାଜ୍ୟର ପଛୁଆବର୍ଗର ହଜାର ହଜାର ଛାତ୍ରଛାତ୍ରୀ ନାମଲେଖାରୁ ବଂଚିତ ହେଲେ, ଏଭଳିକି, ଡାକ୍ତରୀ ଓ ଇଂଜିନିୟରିଂ ଭଳି ଯୁଗ୍ମ ପ୍ରବେଶିକା ପରୀକ୍ଷାରେ ମଧ୍ୟ ଏହି ବର୍ଗର ଛାତ୍ରଛାତ୍ରୀମାନେ ସଂରକ୍ଷଣ ସୁବିଧା ପାଇପାରିଲେ ନାହିଁ। ସଂରକ୍ଷଣ ପଛୁଆବର୍ଗ ପାଇଁ ଏକ ଭିକ୍ଷା ନୁହେଁ। ଏହା ଏକ ସାମ୍ବିଧାନିକ ଅଧିକାର। ଦୀର୍ଘଦିନ ଧରି ଓଡ଼ିଶାର ପଛୁଆବର୍ଗ ତାଙ୍କର ନ୍ୟାୟୋଚିତ ସାମ୍ବିଧାନିକ ଅଧିକାରୁ ଜାତି ଜନଗଣନା ନ ହେବା ଫଳରେ ବଂଚିତ ହେବାରେ ଲାଗିଛନ୍ତି। ଶାସକ ଦଳର ସାଂସଦମାନେ ଓ ଖୋଦ୍ ରାଜ୍ୟ ସରକାର ଜାତୀୟ ଜନଗଣନାରେ ଓବିସି ଜନଗଣନାକୁ ସାମିଲ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଦୃଢ ଦାବି ଉପସ୍ଥାପିତ କରିଥିଲେ। ତେଣୁ ଓଡ଼ିଶାରେ ରାଜ୍ୟ ସରକାର ପଛୁଆବର୍ଗ ଜନଗଣନା ପାଇଁ ନିଜର ନୈତିକ ଦାୟିତ୍ୱ ତୁଲାଇବା ସହିତ ଖୁବ୍‌ଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ପତ୍ର ଲେଖି ଦାବି କରିଛନ୍ତି। ଯଦି ପଛୁଆବର୍ଗ ଜନଗଣନାକୁ ଏବେ ଠାରୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆ ନଯାଏ ତାହେଲେ ନାମଲେଖା ଭଳି ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ମଧ୍ୟ ରାଜ୍ୟର ବହୁ ଯୋଗ୍ୟ ପଛୁଆବର୍ଗ ପ୍ରାର୍ଥୀ ବଂଚିତ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ପାରିବ ନାହିଁ ବୋଲି ଶ୍ରୀ ବେହେରା ତାଙ୍କର ଏହି ଚିଠିରେ ଆଶଙ୍କା ପ୍ରକାଶ କରିଛନ୍ତି । ତେଣୁ ପଛୁଆ ବର୍ଗର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଜାତି ଜନଗଣନା ଓଡ଼ିଶାରେ ଆରମ୍ଭ କରିବା ପାଇଁ ଶ୍ରୀ ବେହେରା ଦାବି କରିଛନ୍ତି।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଆଲୁମିନି ୱେବିନାରରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

ଭୁବନେଶ୍ୱର,୧୮/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବ ଭାରତର ସାମଗ୍ରିକ ବିକାଶ ପାଇଁ 'ପୂର୍ବୋଦୟ'ର କଳ୍ପନା କରିଛନ୍ତି ଏବଂ ଏହାର କେନ୍ଦ୍ରବିନ୍ଦୁରେ ଓଡ଼ିଶା ରହିଛି। ମାତ୍ର 'ପୂର୍ବୋଦୟ'ର ସ୍ୱପ୍ନକୁ ସାକାର କରିବା ପାଇଁ ଯୁବପିଢିଙ୍କୁ ଗୁଣାତ୍ମକ ଶିକ୍ଷା ସହ ଉଚ୍ଚ ଶିକ୍ଷା ପାଇଁ ଆନୁସଙ୍ଗିକ ଭିତିଭୂମି ପ୍ରସ୍ତୁତ କରିବା ଜରୁରୀ ବୋଲି ରବିବାର ବଲାଙ୍ଗୀର ସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଆଲୁମିନି ଦ୍ୱାରା ଆୟୋଜିତ "ଉଚ୍ଚ ଶିକ୍ଷା କ୍ଷେତ୍ରରେ କ୍ୟାଲିଟି, କ୍ୱାଂଟିଟି ଏବଂ ଇକ୍ୱାଲିଟି" ଶୀର୍ଷକ ୱେବିନାରରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ୧୯୪୪ରୁ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଆସୁଅଛି। ଜ୍ଞାନ ଆଧାରରେ ଏକ ବିକଶିତ ସମାଜ ଗଠନ ଦିଗରେ ସମର୍ପିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବଲାଙ୍ଗୀରର ଏହି ଶିକ୍ଷା ମନ୍ଦିର ପ୍ରଥମେ ମହାବିଦ୍ୟାଳୟ, ପରେ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ଏବେ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ ହୋଇପାରିଛି। ଏହି ବିଶ୍ୱବିଦ୍ୟାଳୟକୁ ୟୁଜିସି ପକ୍ଷରୁ ମାନ୍ୟତା ଦିଆଯିବା ସହ ବିଶ୍ୱବିଦ୍ୟାଳୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ନିଶ୍ଚିତ ଭାବରେ ପଶ୍ଚିମ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ବିଶେଷ ସହାୟକ ହେବ। ବର୍ତମାନ ସମଗ୍ର ପୃଥିବୀ "ଜ୍ଞାନ ଆଧାରିତ ଅର୍ଥନୀତି" କୁ ଗୁରୁତ୍ୱ ଦେଉଛି। ବର୍ତମାନ ଶିକ୍ଷା ଓ ଜ୍ଞାନ ସହ ଅର୍ଥନୀତି ଯୋଡ଼ି ହୋଇଛି। ସାମ୍ପ୍ରତିକ ସମୟରେ ଶିକ୍ଷା ହେଉଛି ନିରନ୍ତର ବିକାଶର ମୁଖ୍ୟ ସ୍ତମ୍ଭ। ତେଣୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରଣୟନ ହୋଇଥିବା 'ଜାତୀୟ ଶିକ୍ଷା ନୀତି'ରେ ସମଗ୍ର ଭାରତବର୍ଷରେ ଶିକ୍ଷା ତଥା ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତନ ଅଣାଯାଉଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ କ୍ୟାଲିଟି, କ୍ୱାଂଟିଟି ଏବଂ ଇକ୍ୱାଲିଟିକୁ ପ୍ରାଥମିକତା ଦିଆଯାଉଛି । ଜାତୀୟ ଶିକ୍ଷା ନୀତି କେବଳ ଯୁବପିଢ଼ିଙ୍କୁ ଆଗାମୀ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବ ନାହିଁ ବରଂ ଏକବିଂଶ ଶତାବ୍ଦୀରେ ବୈଶ୍ୱିକ ନାଗରିକଙ୍କ ସମସ୍ୟାର ସମାଧାନ କରିବ। ବର୍ତମାନ ସମୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଟେକ୍ନୋଲୋଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଡିଜିଟାଲ୍ ଶିକ୍ଷା ମାଧ୍ୟମରେ ସମଗ୍ର ଶିକ୍ଷା ଇକୋସିଷ୍ଟମକୁ ବଳ ଦେବା ପାଇଁ ନ୍ୟାସନାଲ ଡିଜିଟାଲ ଏଜୁକେସନ ଆର୍କିଟେକଚର ଅଣାଯାଉଛି । ଶିକ୍ଷା ଓ ଦକ୍ଷତାକୁ ମିଶାଇ ବହୁଭାଷୀ ଶିକ୍ଷା ଆଣିବା ଦିଗରେ ମଧ୍ୟ କାର୍ଯ୍ୟ କରାଯାଉଛି। କୌଶଳ ଏବଂ ଉଦ୍ୟମିତାକୁ ସୁଦୃଢ଼ କରି ଗ୍ରାଜୁଏଟ ଛାତ୍ରଛାତ୍ରୀ ମାନଙ୍କର ନିଯୁକ୍ତିରେ ପରିବର୍ତନ ଆଣିବା ପାଇଁ ଉଦ୍ୟମ କରାଯାଉଛି। ମହିଳା ତଥା ସାମାଜିକ ଓ ଆର୍ଥିକ ଅନଗ୍ରସରଙ୍କ ମଧ୍ୟରେ ବୈଷୟିକ ଶିକ୍ଷାକୁ ବୃଦ୍ଧି କରି ସେମାନଙ୍କୁ ସମାଜରେ ସଶକ୍ତ କରିବା ଆମର ପ୍ରାଥମିକତାରେ ରହିଛି। ସାଧାରଣ ଓଡିଆ ଘର ପିଲାର ବୌଦ୍ଧିକ ଶକ୍ତି ଓଡିଆ ଜାତିର ମୂଳ ସମ୍ବଳ। ଆମର ଦାୟିତ୍ୱ ଆମ ପିଲା ମାନଙ୍କ ଭିତରେ ଥିବା ବୌଦ୍ଧିକ କ୍ଷମତା ଓ ଦକ୍ଷତାକୁ ଚିହ୍ନିବା ଏବଂ ସେମାନଙ୍କୁ ଏକବିଂଶ ଶତାବ୍ଦୀରେ ନୂଆ ଓଡ଼ିଶା ଏବଂ ନୂଆ ଭାରତ ଗଠନ ପାଇଁ ପ୍ରସ୍ତୁତ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଶ୍ଚିମ ଓଡିଶାର ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାରେ ଅନେକ କ୍ଷେତ୍ରରେ ସଫଳ ହୋଇଛି ଓ ଆଗାମୀ ଦିନରେ ଅନେକ ରାସ୍ତା ଚାଲିବା ସଂକଳ୍ପ ପଥରେ ଅଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆଗାମୀ ଶତାବ୍ଦୀ ଶତାବ୍ଦୀ ଧରି ଏହି ଶିକ୍ଷାର ମନ୍ଦିର ସଫଳତାର ଶୀର୍ଷରେ ପହଁଚିବା ସହ ବଲାଙ୍ଗୀର ଜିଲ୍ଲାର ବିକାଶରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶୀଦାର ହୁଅନ୍ତୁ ଏବଂ ଏଥିରେ ଆଲୁମିନି ସଂଘର ବଡ ଭୂମିକା ରହିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

# ଅସ୍ଥାୟୀ ଲଂଚ ଡ୍ରାଇଭର ଓ ଖଲାସୀ ମହାସଂଘର ଜରୁରୀ ବୈଠକ

ଭୁବନେଶ୍ୱର,୧୮/୧୦ (ନି.ପ୍ର): ଅସ୍ଥାୟୀ ଲଂଚ ଡ୍ରାଇଭର ଓ ଖଲାସୀ ମହାସଂଘର ଏକ ଜରୁରୀ ବୈଠକ ନାଗଭୂଷଣ ଭବନ, ଭୁବନେଶ୍ୱର ଠାରେ ଯୁଧିଷ୍ଠିର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ନିଷ୍ପତିମାନ ନିଆଯାଇଛି ।
ଅସ୍ଥାୟୀ ଲଂଚ ଡ୍ରାଇଭର ଓ ଖଲାସୀମାନଙ୍କୁ ସ୍ଥାୟୀ କରାଯିବା ପାଇଁ ସରକାରଙ୍କୁ ଆବେଦନ କରିବାକୁ ନିଷ୍ପତି ହେଲା। ଅକ୍ଟୋବର ମାସରେ ସରକାର ଠିକା କର୍ମଚାରୀମାନଙ୍କ ସମ୍ପର୍କରେ ନେଇଥିବା ନିଷ୍ପତି ଆମ୍ଭମାନଙ୍କ ପାଇଁ ମଧ୍ୟ ଲାଗୁ କରାଯିବାକୁ ଦାବି ରଖାଗଲା। ଆମ୍ଭେ ଅସ୍ଥାୟୀ ଲଂଚ ଡ୍ରାଇଭର ଓ ଖଲାସୀମାନେ ଓଡ଼ିଶାର ଜନସାଧାରଣଙ୍କୁ ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ବେଳେ ଜରୁରୀ ସେବା ଯୋଗାଇ ଆସୁଅଛୁ। ଏପରିକି ୧୫ ବର୍ଷରୁ ୧୮ ବର୍ଷ ଚାକିରୀ କରି କେତେକ କର୍ମଚାରୀ ଅବସର ନେଇଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ କରାଯାଇପାରିଲା ନାହିଁ । ଏଣୁ ଆଜିର ବୈଠକରେ ସରକାର ଆମର ଦାବିକୁ ସହୃଦୟତାର ସହ ବିଚାର କରି ତୁରନ୍ତ ସ୍ଥାୟୀ ଚାକିରୀ ଓ ଠିକାକର୍ମଚାରୀଙ୍କ ପାଇଁ ନେଇଥିବା ସମସ୍ତ ସୁବିଧା ଓ ସୁଯୋଗ ଦେବାପାଇଁ ଦାବି କରୁଅଛୁ। ଯଦି ଏହା କରାନଯାଏ, ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ।

# ହକି ଇଣ୍ଡିଆ ଜାତୀୟ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ବରିଷ୍ଠ ଓ କନିଷ୍ଠ ମହିଳା ଦଳ ଚୂଡ଼ାନ୍ତ

ଭୁବନେଶ୍ୱର,୧୮/୧୦ (ନି.ପ୍ର): ଏକାଦଶତମ ହକି ଇଣ୍ଡିଆ ଜାତୀୟ ପ୍ରତିଯୋଗିତା ନିମନ୍ତେ ବରିଷ୍ଠ ଓ କନିଷ୍ଠ ମହିଳା ଦଳ ଚୂଡ଼ାନ୍ତ ହୋଇଛି। ଚଳିତ ମାସ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଉତରପ୍ରଦେଶର ଝାନ୍‌ସୀଠାରେ ବରିଷ୍ଠ ମହିଳା ଜାତୀୟ ହକି ପ୍ରତିଯୋଗିତା ଏବଂ ଚଳିତ ମାସ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଝାରଖଣ୍ଡର ସିମ୍‌ଡେଗାଠାରେ କନିଷ୍ଠ ମହିଳା ଜାତୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଭୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ୧୮ ଜଣିଆ ଦଳ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ହକି ପାଇଁ ଓଡ଼ିଶାର ଆଡ୍‌ହକ୍ କମିଟିର ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ କହିଛନ୍ତି । ବରିଷ୍ଠ ମହିଳା ହକି ଦଳର ଅଧିନାୟିକା ଭାବରେ ଅସ୍ମିତା ବାର୍ଲା ଓ କନିଷ୍ଠ ମହିଳା ହକି ଦଳର ଅଧିନାୟିକା ଭାବରେ ଜ୍ୟୋତି ଛତ୍ରି ଦଳର ନେତୃତ୍ୱ ନେବେ । ୧୮ ଜଣିଆ ବରିଷ୍ଠ ମହିଳା ହକି ଦଳ ସହିତ ଅନ୍ତର୍ଜାତୀୟ ଖାତିସଂପନ୍ନ ମହିଳା ହକି ତାରକା ଶ୍ରୀମତୀ ପାଉଲିନା ସୁରିନ୍ ଦଳ ପ୍ରବନ୍ଧକ ଓ ଅଲମ୍ପିଆନ୍ ହକି ତାରକା ଲାଜରୁସ୍ ବାର୍ଲା ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିବେ। କଳିଙ୍ଗ ଷ୍ଟାଡିୟମ୍ ର ଉତ୍କର୍ଷ ପ୍ରଦର୍ଶନ କେନ୍ଦ୍ରର ଡାକ୍ତର ଶୋଭେନ୍ ଫିଜିଓ ଏବଂ ରେଶ୍ମା ଲାକ୍ରା ସହାୟକ ଦାୟିତ୍ୱ ନିର୍ବାହ କରିବେ।
ସେହିପରି କନିଷ୍ଠ ମହିଳା ହକି ଦଳ ସହିତ ଭଲିବଲ୍ ପ୍ରଶିକ୍ଷକ ଶ୍ରୀମତୀ ସୁଷମା ନନ୍ଦ ଓ ବରିଷ୍ଠ ହକି ପ୍ରଶିକ୍ଷକ କାଳୁଚରଣ ଚୌଧୁରୀ ଯଥାକ୍ରମେ ଦଳ ପ୍ରବନ୍ଧକ ଓ ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିବେ। ଏହି ଦଳ ସହିତ ଫିଜିଓ ଭାବରେ ସୁଶ୍ରୀ ଶୁଭସ୍ମିତା ମହାନ୍ତି ଓ ଫିଟ୍‌ନେସ୍ ଟ୍ରେନର ଭାବରେ ଶ୍ରୀମତୀ ସରିତା ରୋଶନ୍ ହନୁମାନ୍ ଓ ଉପାସନା ଯାଦବ ଯୋଗଦେବେ। କନିଷ୍ଠ ମହିଳା ହକି ଦଳ ଆସନ୍ତାକାଲି ସିମ୍‌ଡେଗା ନିମନ୍ତେ ଯାତ୍ରା କରିବେ। ବିଗତ ଦୁଇ ସପ୍ତାହ ଧରି କଳିଙ୍ଗ ଷ୍ଟାଡିୟମ୍ ର ହକି ଗ୍ରାଉଣ୍ଡରେ ଚାଲିଥିବା ପ୍ରଶିକ୍ଷଣ କ୍ୟାମ୍ପର ଅବ୍ୟବହିତ ଓ ମହିଳା ଦଳମାନଙ୍କର ଯାତ୍ରା ପୂର୍ବ ଅବସରରେ ହକି ପାଇଁ ଓଡ଼ିଶାର ଆଡ୍‌ହକ୍ କମିଟିର ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ଆଜି ପୂର୍ବାହ୍ନରେ ଓଡ଼ିଶାର ଦଳମାନଙ୍କୁ ଜର୍ସି ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରି ପ୍ରତିଯୋଗିତାରେ ସଫଳତା କାମନାପୂର୍ବକ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମୁଛି: ପାର୍ବଣ ପୂର୍ବରୁ ବଢୁଥିଲା ଏବେ କମୁଛି

ଭୁବନେଶ୍ୱର ,୧୮/୧୦ (ନି.ପ୍ର): ପାର୍ବଣରେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପୂର୍ବାନୁମାନ କରିଥିଲେ। ଦୁର୍ଗା ପୂଜା ପୂର୍ବରୁ କିଛି ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବି ବଢ଼ିଥିଲା। ହେଲେ ଏବେ ପୁଣି ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁଯାୟୀ, ଶନିବାର ୪୪୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅକ୍ଟୋବର ୫ରୁ ୧୭ ମଧ୍ୟରେ ଦୈନିକ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦେଖିଲେ ଜଣାପଡୁଛି ଯେ ୧୩ତାରିଖ ପର୍ଯ୍ୟନ୍ତ ଅଧିକାଂଶ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଉପରମୁହାଁ ଥିବା ବେଳେ ୧୪ତାରିଖରୁ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। କେବଳ ଏତିକି ନୁହେଁ, ଚଳିତ ସପ୍ତାହ ଆରମ୍ଭରୁ କରୋନା ମୃତକଙ୍କ ସଂଖ୍ୟା ଉପରମୁହାଁ ଥିଲା। ଦୈନିକ ମୃତ୍ୟୁ ୫ରୁ ୭ମଧ୍ୟରେ ରହୁଥିଲା। ହେଲେ ଏବେ ଏହା ୩କୁ ଖସିଆସିଛି। ତେବେ ଏବେବି ଖୋର୍ଦ୍ଧା ଜିଲ୍ଲା କରୋନା ଆକ୍ରାନ୍ତ ଚିହ୍ନଟ ଏବଂ ସକ୍ରିୟ ଆକ୍ରାନ୍ତଙ୍କ ଦୃଷ୍ଟିରୁ ୟେଲୋ ଜୋନ୍‌ରେ ଅଛି। ଖୋର୍ଦ୍ଧା ଜିଲ୍ଲାରେ ଶନିବାର ୨୪୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରେ ଦେ ?ନିକ ଆକ୍ରାନ୍ତଙ୍କ ସଂଖ୍ୟା ୨ଶହ ଉପରେ ଥିବା ବେଳେ ବାକି ସବୁ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦ତଳକୁ ଖସିଆସିଛି। ଆଜି ୧୧ଟି ଜିଲ୍ଲାରେ ଜଣେ ବି ଆକ୍ରାନ୍ତ ଆକ୍ରାନ୍ତ ଚିହ୍ନଟ ହୋଇନଥିବା ବେଳେ ୧୧ଟି ଜିଲ୍ଲାରେ ୧୦ରୁ କମ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଉପକୂଳ ଓ ଉତ୍ତର ଓଡ଼ିଶାକୁ ଛାଡ଼ି ବାକି ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବହୁତ କମ୍ ରହିଛି।

# ରାଜ୍ୟରେ ଜୈବିକ କୃଷି କାର୍ଯ୍ୟକ୍ରମ : ଏଜେନ୍ସି ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର ,୧୮/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅନ୍ତର୍ଗତ ୨ ହଜାର ହେକ୍ଟର ଜମିରେ ଜୈବିକ ଚାଷ କରାଯାଉଛି। ମାତ୍ର ଏଥିପାଇଁ ଦାୟିତ୍ୱ ଦିଆଯାଇଥିବା ଏଜେନ୍ସିଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁ ନଥିବାରୁ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଛି।
ସୂଚନା ଅନୁଯାୟୀ କିଛି ବର୍ଷ ହେଲା ବିଭିନ୍ନ ଜିଲ୍ଲାର କିଛି ଏକର ଜମିରେ ଜୈବିକ ଚାଷ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାର କିଛି ଏଜେନ୍ସିକୁ ଦାୟିତ୍ୱ ଦେଇଛନ୍ତି। ମନୋନୀତ ଜମିରେ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଷ କରାଯିବ ଓ ଏଥିପାଇଁ ସମୟସୀମା ୩ବର୍ଷ ରହିଛି। ଏହି ସମୟ ମଧ୍ୟରେ ସରକାର ଏଜେନ୍ସିକୁ ଆର୍ଥିକ ସହାୟତା ଦେବେ। ୩ ବର୍ଷ ପରେ ଏଜେନ୍ସିଗୁଡ଼ିକ ରାସାୟନିକ ସାର ଏବଂ କୀଟନାଶକମୁକ୍ତ ଜୈବିକ ଚାଷ କରାଯାଉଥିବା ନେଇ ସାର୍ଟିଫିକେସନ୍ ପାଇଁ ଆବେଦନ କରିବେ। କିନ୍ତୁ ନିର୍ଧାରିତ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଏଜେନ୍ସିଗୁଡ଼ିକ ସେମାନଙ୍କ ଦାୟିତ୍ୱ ନିର୍ବାହ କରିନାହାନ୍ତି। ଏପରିକି ନାଫେଡ ବ୍ୟତୀତ ଅନ୍ୟ କେହି ସାର୍ଟିଫିକେସନ୍ ପାଇଁ ଆବେଦନ କରିନାହାନ୍ତି। ତେଣୁ ନିୟମ ଖିଲାପକାରୀ ଏଜେନ୍ସିଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଛି। ଅପରପକ୍ଷେ ଆମ୍ବ, କାଜୁବାଦାମ, ଲିଚୁ, କମଳା ପ୍ରଭୃତି ଫଳ ଜୈବିକ ଉପାୟରେ ଫଳାଇବାକୁ ଗୁରୁତ୍ୱ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଜୈବିକ ଚାଷ ପାଇଁ ଜମି ଚୟନ ବେଳେ ସେହି ଜିଲ୍ଲାର ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ ନିଷ୍ପତ୍ତିକୁ ଗୁରୁତ୍ୱ ଦେବାକୁ



କୁହାଯାଇଛି। ଉପଯୁକ୍ତ ପଦ୍ଧତିରେ ଚାଷ ହେଉଥିବା ନେଇ ଯୁଗ୍ମ ପରିଦର୍ଶନ ପରେ ହିଁ ଟଙ୍କା ପ୍ରଦାନ ପାଇଁ କୁହାଯାଇଛି।

# ବିଶାଖାପାଟଣା ରେଳମଣ୍ଡଳ ପ୍ରବନ୍ଧକ ଦାୟିତ୍ୱରେ ଓଡ଼ିଆ ଅଧିକାରୀ

ଭୁବନେଶ୍ୱର ,୧୮/୧୦ (ନି.ପ୍ର): ୧୯୯୩ ବ୍ୟାଚ୍ ଆଇ.ଆର.ଟି.ଏସ୍‌ର ବରିଷ୍ଠ ଓଡ଼ିଶା ଅଧିକାରୀ ଅନୁପ କୁମାର ଶତପଥୀ ନିକଟରେ ପୂର୍ବତଟ ରେଳପଥ ଅଧୀନ ବିଶାଖାପାଟଣା (ୱାଲଟିୟର) ରେଳମଣ୍ଡଳର ନୂଆ ପ୍ରବନ୍ଧକ ଭାବେ ଯୋଗ ଦେଇଛନ୍ତି। ସେ କାର୍ଯ୍ୟରେ ଯୋଗ ଦେବାପରେ ଆଧୁନିକୀକରଣ, ନିରାପତ୍ତା, ପ୍ରଶାସନ, ଯାତ୍ରୀ ଯାତାୟାତ, ମାଲ୍ ଓ ସାମଗ୍ରୀ ପରିବହନ, କରୋନା କାରଣରୁ ବାତିଲ ଅନେକ ଟ୍ରେନ୍‌ର ପୁନଃ ସେବାରମ୍ଭ ଆଦି ପଦକ୍ଷେପ ନେଇଛନ୍ତି, ଯାହାକୁ କି ସବୁ ମହଲରୁ ପ୍ରଶଂସା କରାଯାଇଛି। ବିଶାଖାପାଟଣାରେ ଯୋଗ ଦେବା ପୂର୍ବରୁ ଶ୍ରୀ ଶତପଥୀ ନାଗପୁର, ବିଲାସପୁର, ଚକ୍ରଧରପୁର, କୋଲକାତା ଓ ସାହାଡୋଲଠାରେ ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ଥିଲେ। ଜଣେ ଦକ୍ଷ, ନିଷ୍ଠାପର, କର୍ମତତ୍ପର, ଭବିଷ୍ୟମନସ୍କ ଓ ଦରଦୀ ପେସାଦାର ଭାବେ ପରିଚିତ ଶ୍ରୀ ଶତପଥୀ ୧୯୯୯ ମସିହାରେ ଜେନେରାଲ ମ୍ୟାନେଜର୍ସ ପୁରସ୍କାର ଓ ୨୦୦୧ରେ ରେଳବାଇ ବୋର୍ଡ ଜାତୀୟ ପୁରସ୍କାର ଲାଭ କରିଥିଲେ।

# ମନୀଷ ଅନୁରାଗ ହତ୍ୟାକାଣ୍ଡ ମାମଲାରେ ତଦନ୍ତ ଉପରେ ପ୍ରଶ୍ନ ଉଠାଇଲା ବିଜେପି

ଭୁବନେଶ୍ୱର,୧୮/୧୦ (ନି.ପ୍ର): ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ରାଜ୍ୟରେ ହିଂସା, ହତ୍ୟାକାଣ୍ଡ, ନିଶା ବେପାର କାରବାର ଓ ବ୍ୟବହାର, ଚୋରୀ, ସାଇବର କ୍ରାଇମ୍, ନାରୀ ନିର୍ଯାତନା ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇଚାଲିଛି । ଏହି କାରଣରୁ ବିଶେଷ ଭାବେ ଓଡିଶାର ଯୁବସମାଜ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ସମସ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହେଉଛି ଯେ, ଅଧିକାଂଶ କ୍ଷେତ୍ରରେ ଏ ସମସ୍ତ ଘଟଣାରେ ଶାସକ ବିଜେଡିର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସଂପୃକ୍ତି ରହିଆସୁଛି । ଅପରାଧ ତତ୍ୱକୁ ପ୍ରୋତ୍ସାହନ କାରଣରୁ ଅପରାଧୀମାନେ ନିର୍ଭୟରେ ଅପରାଧ ଭିଆଉଛନ୍ତି । 'ରକ୍ଷକ ଯଦି ଭକ୍ଷକ ସାଜେ', ତାହେଲେ ସାଧାରଣ ଜନତା କାହା ପାଖରୁ ନ୍ୟାୟର ଆଶା ରଖିବେ ବୋଲି ରାଜ୍ୟ ଗଣମାଧ୍ୟମ ବିଭାଗ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରଶ୍ନ କରିଛନ୍ତି । ଦିନକୁ ଦିନ ରାଜଧାନୀ ଭୁବନେଶ୍ୱର ସାଧାରଣ ଜନତାଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଛି । ବହୁଚର୍ଚ୍ଚିତ ମନୀଷ ଅନୁରାଗ ହତ୍ୟାକାଣ୍ଡ ପ୍ରସଙ୍ଗରେ ଖୁଲାସା କରି ଗତ କାଲି ଭୁବନେଶ୍ୱର ଡିସିପି ଗଣମାଧ୍ୟମକୁ ବିସ୍ତୃତ ସୁଚନା ଦେଇଛନ୍ତି, ଯାହାକି ସଂପୂର୍ଣ୍ଣ ନଥିଲା । ମନୀଷଙ୍କ ହତ୍ୟା କେମିତି ହେଲା, ତାହା ସ୍ପଷ୍ଟ ହେଲା ନାହିଁ ବରଂ ଅନେକ ରହସ୍ୟ ଅସମାହିତ ହୋଇ ରହିଗଲା । ଏଭଳି ଏକ ସଙ୍ଗୀନ ମାମଲାରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ତଦନ୍ତ ପରିସରଭୁକ୍ତ ନକରିବାକୁ ନେଇ ବହୁ ସନ୍ଦେହ ସୃଷ୍ଟି ହୋଇଛି । କିଛି କଥାକୁ ଖୋଦ୍ କମିଶନରେଟ୍ ପୋଲିସ ଲୁଚାଉଥିବା ସନ୍ଦେହ ହେଉଛି । ମନୀଷର ମୋବାଇଲ ଫୋନ୍ କୁଆଡେ ଗଲା ? ବାର୍‌ରେ ପ୍ରକୃତରେ କଣ ଘଟିଥିଲା ? ବାର୍‌ରେ କିଏ କିଏ ଉପସ୍ଥିତ ଥିଲେ ? ବାର୍‌ରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଓ କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି କି ନାହିଁ ? ପୋଲିସ ସମସ୍ତ ଘଟଣା ସ୍ଥଳ ଓ ୩/୪ ଜଣଙ୍କୁ ଗିରଫ କଲା ପରେ ମଧ୍ୟ ହତ୍ୟାର କାରଣ ଓ କେଉଁ ମାନେ ହତ୍ୟାକାରୀ ସ୍ପଷ୍ଟ ନହେବା ପୋଲିସର ତଦନ୍ତ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ଶ୍ରୀ ମଲ୍ଲିକ ଅଭିଯୋଗ କରିଛନ୍ତି । କୋଭିଡ୍ କଟକଣା କାରଣରୁ କମିଶନରେଟ୍ ପୋଲିସ୍ ତରଫରୁ କଟକଣା ବଳବତର ରହିଛି । କମିଶନରେଟ ପୋଲିସ ପରିସର ଅଧିନସ୍ଥ ତମାଣ୍ଡୋ ଥାନା ପାଖରେ ଥିବା ସାଉଥ୍ ସିଟି ହୋଟେଲ ଓ ବାର୍‌ରେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ନିୟମିତ ଭାବେ ରେଷ୍ଟୁରାଂଟ ଓ ନାଚଗୀତ ଚାଲୁ ରହିବା ସମ୍ଭବ କିପରି ? ସାଉଥ୍ ସିଟି ହୋଟେଲ ଓ ବାର୍ କଣ କମିଶନରେଟ ପୋଲିସର ଆଇନ ଓ ନିୟମ ବାହାରେ ? ଯଦି ନୁହେଁ, ତାହେଲେ କାହା ସୁରକ୍ଷାରେ ସମସ୍ତ କଟକଣା ଓ ଆଇନକୁ ଅମାନ୍ୟ କରି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାର୍ ଓ ରେଷ୍ଟୁରାଂଟ ଖୋଲା ଯାଉଥିଲା ? ସାଉଥ୍ ସିଟି ହୋଟେଲ ଓ ବାର୍‌ର ମାଲିକ ଜଣେ ପ୍ରଭାବଶାଳୀ ପୋଲିସ କର୍ମଚାରୀଙ୍କର ବୋଲି ପ୍ରକାଶ ପାଉଥିବାବେଳେ ଏଭଳି ବେନିୟମ କାର୍ଯ୍ୟକଳାପରେ ଆଉ ବହୁତ ଉଚ୍ଚ ଓ ପ୍ରଭାବଶାଳୀ ଅଧିକାରୀଙ୍କ ସଂପୃକ୍ତିକୁ ସ୍ପଷ୍ଟ କରୁଛି । ସାଉଥ୍ ସିଟି ହୋଟେଲ ଓ ବାର୍ ପ୍ରସଙ୍ଗରେ ବିଭିନ୍ନ ପ୍ରଶ୍ନକୁ କମିଶନରେଟ ପୋଲିସ ସଠିକ୍ ଜବାବ୍ ନଦେଇ କାହିଁକି ଏଡାଇ ଦେଉଛନ୍ତି ବୋଲି ଶ୍ରୀ ମଲ୍ଲିକ ପ୍ରଶ୍ନ କରିଛନ୍ତି ।'ପୁଅ ମୁଣ୍ଡରେ ହାତ ଓ ତେଲ ଗାଡିରେ ହାତ' ନ୍ୟାୟରେ ଯଦି କମିଶନରେଟ୍ ପୋଲିସ୍ ତଦନ୍ତ ପ୍ରକ୍ରିୟା ଚାଲୁ ରଖେ, ତେବେ ମନିଷ୍ ହତ୍ୟାକାଣ୍ଡର ସତ୍ୟାସତ୍ୟ କେବେହେଲେ ପଦାକୁ ଆସିବନି ବରଂ ଘଟଣା ରହସ୍ୟ ହୋଇ ରହିଯିବ । ସ୍ୱର୍ଗତଃ ମନୀଷର ଶୋକସନ୍ତପ ପରିବାରବର୍ଗଙ୍କୁ ନ୍ୟାୟ ଦେବାରେ କମିଶନରେଟ ପୋଲିସ ବିଫଳ ହେବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

# ଲୋପ କରିଦେଲେ, ଏବେ ଖର୍ଚ୍ଚ କରୁଛନ୍ତି : ୪୦ ବର୍ଷରେ ୯୦% ଅଞ୍ଚଳରେ ମାଣ୍ଡିଆ ଚାଷ କମିଗଲା

ଭୁବନେଶ୍ୱର ,୧୮/୧୦ (ନି.ପ୍ର): ପ୍ରୋତ୍ସାହନ ଅଭାବରୁ ରାଜ୍ୟରେ ଲୋପ ପାଇବାକୁ ଯାଉଥିଲା ମାଣ୍ଡିଆ ଜାତୀୟ ଚାଷ(ମିଲେଟ)। କିନ୍ତୁ କୋଭିଡ ପରେ ଲୋକମାନେ ଏହାର ଗୁରୁତ୍ୱ ବୁଝିବା ଆରମ୍ଭ କରିଛନ୍ତି। ସରକାର ବି ହୃଦୟଙ୍ଗମ କରିଛନ୍ତି। ୪୦ ବର୍ଷରେ ରାଜ୍ୟରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଞ୍ଚଳରେ ମାଣ୍ଡିଆ ଚାଷ ଏକ ପ୍ରକାର ଲୋପ ପାଇଯାଇଛି। ବର୍ତ୍ତମାନ ଏଥିରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥିବା ଜାଣିବା ପରେ ମିଲେଟ ମିସନ ନାମରେ ୫୦୦ କୋଟି ଟଙ୍କା ଖର୍ଚ୍ଚର ଯୋଜନା କରୁଛି ରାଜ୍ୟ ସରକାର। ଏପରିକି ଜିଲ୍ଲା ମୁଖ୍ୟାଳୟରେ ମାଣ୍ଡିଆ ଷ୍ଟଲ ପାଇଁ ମଧ୍ୟ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟ ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିମାନବନ୍ଦର ଏବଂ ରେଳ ଷ୍ଟେସନରେ ମାଣ୍ଡିଆର ବିସ୍କୁଟ, କେକ, ଚିପ୍ସ, କାଙ୍ଗୁର ଉପମା, ଦୋସା, କ୍ଷୀରି, ବିସ୍କୁଟ, ବାଜରାର ଲଡୁ ବିକ୍ରି କରାଯିବା ପାଇଁ ଯୋଜନା ରହିଥିବା ରାଜ୍ୟ କୃଷି ବିଭାଗ ସୂତ୍ରରୁ ସୂଚନା ମିଳିଛି। ତେବେ ମାଣ୍ଡିଆ ଚାଷ ପ୍ରତି ଚାଷୀକୂଳ କେତେଦୂର ଆଗ୍ରହ ହେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ରାଜ୍ୟ କୃଷି ପରିସଂଖ୍ୟାନ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୧୯୮୦ ମସିହାରେ ରାଜ୍ୟରେ ୩୬୨.୩୧ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇ ସମୁଦାୟ ୧୯୭.୫୦ ଟନ ଉତ୍ପାଦନ ହେଉଥିଲା। ଅବିଭକ୍ତ କୋରାପୁଟ, ଅବିଭକ୍ତ ଗଞ୍ଜାମ, ଗଜପତି, କଳାହାଣ୍ଡି, କେନ୍ଦୁଝର, ଅନୁଗୁଳ, ବରଗଡ଼ ଆଦି ଜିଲ୍ଲାରେ ବ୍ୟାପକ ପରିମାଣରେ ମାଣ୍ଡିଆ ଚାଷ ହେଉଥିଲା। ମାତ୍ର ଏଥି ପାଇଁ ପ୍ରୋତ୍ସାହନ ଅଭାବରୁ ସ୍ଥିତି ଏଭଳି ହୋଇଥିଲା ଯେ ୨୦୧୦ ମସିହାରେ ମାତ୍ର ୧୫.୭୫ ହେକ୍ଟର ଜମିରେ ଏହି ଚାଷ କରାଯାଇ ସମୁଦାୟ ୭.୨୮ ଟନ ଉତ୍ପାଦନ ହୋଇଥିଲା। ୨୦୧୯



ମସିହାରେ ୩୨.୮୭ ହେକ୍ଟରରେ ଚାଷ କରାଯାଇ ୧୬.୯୯ ଟନ ମାଣ୍ଡିଆ ଉତ୍ପାଦନ ହୋଇଥିଲା। ୧୯୮୨ ମସିହାରେ ରାଜ୍ୟରେ ୩୭.୧୪ ହେକ୍ଟର ଜମିରେ ଜୱାର ଚାଷ ହୋଇ ୩୭.୦୨ ଟନ ଉତ୍ପାଦନ ହେଉଥିଲା। ୨୦୧୬ ମସିହା ବେଳକୁ ଏହା ସର୍ବନିମ୍ନ ୫.୪୭ ହେକ୍ଟରରେ ଚାଷ ହୋଇ ୩.୪୪ ଟନ ଉତ୍ପାଦନ ହେଉଛି। କିଛି ବର୍ଷ ହେଲା ସରକାର ବିଭିନ୍ନ କାରଣରୁ ଅଣଧାନକୁ ଗୁରୁତ୍ୱ ଦେବା ଆରମ୍ଭ କଲେ। ୨୦୧୮ ମସିହାରେ ରାଜ୍ୟରେ ମିଲେଟ ମିସନ ଆରମ୍ଭ କରାଯାଇ ଏହା ଅଧୀନରେ ୩୨.୭୮ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଗଲା। ଏଥିରୁ ୧୬.୯୮ ଟନ ମାଣ୍ଡିଆ ଉତ୍ପାଦନ ହେଲା। ୨୦୨୦ ମସିହା କୋଭିଡ ପରେ ମାଣ୍ଡିଆକୁ ନେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ବଦଳିଥିବା ବିଭାଗୀୟ ଅଧିକାରୀ କହୁଛନ୍ତି। ଦୁଇ ବର୍ଷ ହେଲା ମିଲେଟ ମିସନ ଅଧୀନରେ ରାଜ୍ୟରେ ପ୍ରାୟ ୧୦୦ କୋଟି ଲେଖାଏଁ ଖର୍ଚ୍ଚ କରାଯାଉଛି। ଆଗାମୀ ଦିନରେ ଖର୍ଚ୍ଚ ୫୦୦ କୋଟିରେ ପହଞ୍ଚିଯିବା ନେଇ ଯୋଜନା ରହିଛି।

## ପତିମାନେ କଣ ....

ଏହା ୟୁଟ୍ୟୁବରେ "କେନିଉଜ୍ ଓଡିଶା"ରେ ପ୍ରସାରିତ ହୋଇଥିଲା, କେତେ ସତ ଜଣାନାହିଁ। କିନ୍ତୁ ଏପରି ଅନେକ ଘଟଣା କଣ ଆମ ସମାଜରେ ଘଟୁନାହିଁ? ଅଧିକାଂଶ ପୁରୁଷ ଲୋକ ବାହାରେ ସିଂହ ତୁଲ୍ୟ ଶକ୍ତି ପ୍ରଦର୍ଶନ କରୁଥିଲେ ମଧ୍ୟ,ଘର ଭିତରେ ପତ୍ନୀଙ୍କ ସମ୍ମୁଖରେ ମେଷ ଶାବକ ସଦୃଶ ଶାନ୍ତ। ଲୋକଲଜ୍ୟା,ସାମାଜିକ ନିନ୍ଦାକୁ ଭୟକରି,ଯେତେ ମାନସିକ ଦ୍ୱନ୍ଦ ଭିତରେ ରହିଲେ ପୁରୁଷଟି ନିଜର ଆତ୍ମ ସମ୍ମାନହାନୀ ଭୟରେ ତାହା ପଦାରେ ପ୍ରକାଶ କରିବାକୁ କୁଣ୍ଠିତ। ମୁଁ ଶାରଦା ବାବୁଙ୍କୁ ପଚାରିଲି, ତାହେଲେ ନିର୍ଯ୍ୟାତିତ ପତି ସଂଘ ଗଠନ କଲେ କଣ ଲାଭ ହେବ ବା ଆମେ କଣ କରି ପାରିବା। ସେ କହିଲେ ଦେଖନ୍ତୁ ଆମର ଏ ସମାଜରେ ବିଦୂଷୀ, ଜ୍ଞାନୀ,ସୁଶୀଳା,ଉଚ୍ଚ ଉଦାର ଚିନ୍ତାଧାରା ସମ୍ପନ୍ନ ନାରୀ ମାନଙ୍କର ଅଭାବ ନାହିଁ। ସେମାନଙ୍କ ନିକଟତମ ପିତା,ପୁତ୍ର କିମ୍ବା ଭ୍ରାତା ମଧ୍ୟ ଏ ପକ୍ଷପାତ ଆଇନର ଶିକାର ହୋଇଥିବେ ବା ହେବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନପାରେ। ତେଣୁ ସର୍ବପ୍ରଥମେ ଏ ପକ୍ଷପାତ ଆଇନର ଦୁର୍ବଳ ଦିଗପ୍ରତି ସେହି ମାନଙ୍କର ଧ୍ୟାନ ଆକର୍ଷଣ କରାଯାଉ। ଯଦି ଜଣେ ପୁରୁଷ ନାରୀ ଦ୍ୱାରା ନିର୍ଯ୍ୟାତିତ ହୋଇ ଅଭିଯୋଗ କରୁଛି,ତେବେ ନାରୀଟିକୁତ ତତ୍କ୍ଷଣାତ ଆରେଷ୍ଟ କରାଯାଉନାହିଁ। କିନ୍ତୁ ପୁରୁଷ କ୍ଷେତ୍ରରେ କୌଣସି ସତ୍ୟାନୁସନ୍ଧାନ ନକରି ତତ୍କ୍ଷଣାତ ତାକୁ ଆରେଷ୍ଟ କରି କାହିଁକି ତାକୁ ଜେଲ୍ ପଠାଇ ତାର ସାମାଜିକ ସମ୍ମାନକୁ କ୍ଷୁର୍ଣ କରାଯାଉଛି? ପରେ ସେ ଶତପ୍ରତିଶତ ନିର୍ଦ୍ଦୋଷ ପ୍ରମାଣିତ ହୋଇ ମୁକ୍ତି ପାଇଲେ ମଧ୍ୟ,ସମାଜ ଚକ୍ଷୁରେ,ସେ ଜଣେ ନାରୀ ନିର୍ଯ୍ୟାତନାକାରୀ ର ଅପବାଦ ସାରା ଜୀବନ ମଥାରୁ ଅପସାରଣ କରି ନପାରି,ମାନସିକ ସନ୍ତୁଳନ ହରାଇ ବସୁଛି।ଏହିପରି ନିୟମ ପ୍ରଣୟନ କରିବା ବେଳେ,ଆଇନ ପ୍ରଣେତା ମାନେ,ଆଇନର ସୁକ୍ଷ୍ମାତିସୁକ୍ଷ୍ମ ଏହି ଦୁର୍ବଳ ଦିଗ ପ୍ରତି ଯଥେଷ୍ଟ ଅନୁଧ୍ୟାନ କରିନଥିବା ଅନୁମେୟ। କାହାରିକୁ ଆକ୍ଷେପ କରିବା ମୋ ଉଦ୍ଦେଶ୍ୟ ନୁହେଁ।ତେଣୁ ନିର୍ଯ୍ୟାତିତ ପତି ସଂଘ ମାଧ୍ୟମରେ ନାରୀ ମାନଙ୍କୁ ସଚେତନ କରାଇ ସେହି ମାନଙ୍କ ଦ୍ୱାରା ସରକାରଙ୍କ ନିକଟରେ ଆଇନର ସଂଶୋଧନ ନିମନ୍ତେ ପ୍ରସ୍ତାବ ଆଗତ କରିବା ଆବଶ୍ୟକ,ଯଦ୍ୱାରା ନାରୀ ପୁରୁଷ ମାନଙ୍କ ମଧ୍ୟରେ ସାମାଜିକ ବୈଷମ୍ୟ ହ୍ରାସ ପାଇ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇ ପାରନ୍ତା। ନାଁ ଆପଣ କଣ କହୁଛନ୍ତି କୁହନ୍ତୁନା?

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦

## ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ଗିରଫ



ବାରିପଦା,୧୮/୧୦ (ନି.ପ୍ର): ବାରିପଦା ମଧୁବନ ଅଂଚଳର ଜଣେ ୧୩ ବର୍ଷୟା ନାବାଳିକା ଅପହରଣ ମାମଲାରେ ପୋଲିସ ଅଭିଯୁକ୍ତ ନୀଳଗିରି ଥାନା ନରସିଂହପୁର ଅଂଚଳର ମହେନ୍ଦ୍ର ଜେନାଙ୍କ ପୁଅ ଅନ୍ତର୍ଯ୍ୟାମୀ ଜେନା ଓରୋଫ କାହ୍ନା (୨୧)କୁ ଗିରଫ କରିଥିବାର ଜଣା ଯାଇଛି । ସୂଚନା ମୁତାବକ ନାବାଳିକା ଜଣକ ୧୫ ତାରିଖ ଦିନ ସଂଧ୍ୟାରେ ଘରପାଖ ବୁଢାବଳଙ୍ଗ ନଦୀଘାଟକୁ ଦୁର୍ଗାମେଢ ଭସାଣି ଦେଖିବାକୁ ଆସିଥିବା ବେଳେ, ସେଠାରୁ ଅପହରଣ ହୋଇଥିବା ନେଇ ନାବାଳିକାର ମାଆ ବାରିପଦା ଟାଉନ ଥାନାରେ ୧୬ ତାରିଖ ଦିନ ଏତେଲା ଦେଇଥିଲେ । ବାରିପଦା ଟାଉନଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତ ଘଟଣାକୁ ଗୁରୁତର ସହ ନେଇ ତୁରନ୍ତ ବାରିପଦା ଟାଉନ ଥାନା କେସନଂ ୮୮୪ ତା ୧୬/୧୦/୨୧ ଭାରତୀୟ ପିଙ୍ଗଳକୋଡ ଧାରା ୩୬୩/ ୩୬୬ ମୂଳେ ମାମଲା ରୁଜୁ କରି ନାବାଳିକାର ଘର ଲୋକ ଏବଂ ସାକ୍ଷୀ ମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ସହିତ ନାବାଳିକାର ଜନ୍ମ ପ୍ରମାଣତ୍ର ଇତ୍ୟାଦି ସଂଗ୍ରହ କରିଥିଲା । ଘଟଣାର ତଦନ୍ତ କରି ଅପହରଣକାରୀଙ୍କୁ ଠାବ କରିବାକୁ ପୋଲିସ ଜାଲ ବିଛାଇ ଥିବା ବେଳେ, ଆଜି ପୂର୍ବାହ୍ନରେ ଅପହରଣକାରୀ ଅନ୍ତର୍ଯ୍ୟାମୀ ଜେନା ଓରୋଫ କାହ୍ନା (୨୧)କୁ ଗିରଫ କରି ତାର ବୟାନ ରେକର୍ଡ କରିବା ସହିତ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରିଥିବାର ଜଣା ଯାଇଛି ।

## ଅଜାଘରେ ନାତୁଣୀର ଆତ୍ମହତ୍ୟା : ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ବସ୍ତା,୧୮/୧୦ (ନି.ପ୍ର): ବାଲିଆପାଳ ଥାନା ବାଲିକୋଟି ଗ୍ରାମର କାର୍ତ୍ତିକ ପଟାୟତଙ୍କ ସ୍ତ୍ରୀ ପୁଷ୍ପଲତା ଏବଂ ଦୁଇ ଝିଅ ୪ ବର୍ଷ ଧରି ବସ୍ତା ଥାନା ଅର୍ନ୍ତଗତ ରିଣପଦା ଗ୍ରାମର ବାପଘରେ ରହି ଆସୁଥିଲେ,ଆଜି ସକାଳେ ପୁଷ୍ପଲତାଙ୍କ ଝିଅ ପୂଜାରାଣୀ ଘରେ କେହି ନଥିବା ବେଳେ କୌଣସି କାରଣରୁ ବେକରେ ଓଢ଼ଣା ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲା, ସଙ୍ଗେ ସଙ୍ଗେ ପୂଜାରାଣୀର ଅଜା ରାମଚନ୍ଦ୍ର ମାଝୀ ପୂଜାରାଣିକୁ ବସ୍ତା ଡ଼ାକ୍ତରଖାନାକୁ ଆଣିଥିଲେ ମାତ୍ର ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ,ତେବେ ପୂଜାରାଣୀକୁ ତା ଅଜାଘରେ ଲୋକେ ହତ୍ୟା କରିଥିବା ଅଭିଯୋଗ ଆଣିଥିଲେ ପୂଜାରାଣୀର ପରିବାର ଲୋକେ,ଏହି କଥାକୁ ନେଇ ଉଭୟ ପରିବାର ପକ୍ଷରୁ ବସ୍ତା ଡ଼ାକ୍ତରଖାନା ପରିସରରେ ଗଣ୍ଡଗୋଳ ହୋଇଥିଲା,ଘଟଣା ସ୍ଥଳରେ ବସ୍ତା ପୋଲିସ ପହଞ୍ଚି ବୁଝାସୁଝା କରିବା ସହିତ ଶବ ବ୍ୟବଚ୍ଛେଦ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଚଳାଇଛି ।

## ରାଜ୍ୟରେ କରୋନାରେ ଆଉ ୫ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୮/୧୦ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୫ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୨୯୦ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରୁ ୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଥିବା ବେଳେ ଖୋର୍ଦ୍ଧା, ଝାରସୁଗୁଡା ଓ ବରଗଡ ଜିଲ୍ଲାରୁ ଜଣେ ଲେଖାଏ ମୃତ୍ୟୁବରଣ କରିଛନ୍ତି ।

## ଶିରିଡ଼ିସାଇଙ୍କ ୧୦୩ ତମ ପୂଣ୍ୟ ତିଥି ପାଳିତ



ଉଦଳା,୧୮/୧୦ (ନି.ପ୍ର): ଶିରିଡ଼ିସାଇଙ୍କର ୧୦୩ ତମ ପୂଣ୍ୟ ତିଥି ପାଳନ ଅବସରରେ ଉଦଳା ସହରର ୱାର୍ଡ଼ନଂ-୧ ସ୍ଥିତ ସାଇ ଦରବାର ଉତ୍ସବମୁଖର ହୋଇ ଉଠିଥିଲା । ଏହି ଅବସରରେ ଚଳିତ ଅକ୍ଟୋବର ୭ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଦିର୍ଘ ୧୧ ଦିନ ବ୍ୟାପି ଗୁରୁଜୀ ଚନ୍ଦ୍ରଭାନୁ ଶତପଥିଙ୍କ ରଚିତ ସାଇ ସତଚରିତର ସାମୂହିକ ପାରାୟଣ କରାଯାଇଥିଲା । ଉକ୍ତ ପାରାୟଣ କାର୍ଯ୍ୟକୁ ଶୃଙ୍ଖଳିତ ଭାବରେ ତୁଲାଇବା ପାଇଁ ଦରବାର ତରଫରୁ ରାଜଶ୍ରୀ ପରିଡ଼ା, ଉଷାରାଣୀ ବେହେରା, ରିତାରାଣୀ ଭଞ୍ଜବାବୁ, ମନୋଲିସା ନାୟକ, ମୃଣ୍ମୟୀ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ବିଜୟା ଦଶମୀ ଦିନ ଶ୍ରୀ ସାଇଙ୍କର ୧୦୩ ତମ ପୂଣ୍ୟତିଥି ଅବସରରେ ପାଲିଙ୍କି ଶୋଭାଯାତ୍ରା ଓ ପ୍ରସାଦ ବିତରଣ ପର୍ବ ଅନୁଷ୍ଠିତ ହୋଇଥିଲା ପ୍ରତିବର୍ଷ ବିଜୟା ଦଶମୀ ତିଥିରେ ସାଇଙ୍କର ପୂଣ୍ୟତିଥି ପାଳିତ ହେଉଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ୧୫ ତାରିଖରେ ଏହା ପଡୁଥିବାରୁ ମାସ, ତାରିଖ ଓ ତିଥି ଗୋଟିଏ ଦିନରେ ପଡୁଛି । ଫଳରେ ଆଜିର ଦିନଟିର ମାହାତ୍ମ୍ୟକୁ ମନେ ପକାଇ ଶ୍ରଦ୍ଧାଳୁ ମାନେ କରୋନାର ଯନ୍ତ୍ରଣାରୁ ପୃଥିବୀ ବାସୀଙ୍କୁ ଆସ୍ୱସ୍ତି ମିଳୁ ବୋଲି ସାଇବାବାଙ୍କ ନିକଟରେ ପ୍ରାର୍ଥନା ଜଣାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଦରବାର ତରଫରୁ ତାଙ୍କୁ ଅଙ୍ଗଲଗା ବସ୍ତ୍ର, ସାଇସତ୍‌ଚରିତ ପୁସ୍ତକ ଓ ଦତ୍ତାସାଇଙ୍କର ଏକ ତୈଳଚିତ୍ର ପ୍ରଦାନ କରାଯାଇଥିଲା । ୧୧ ଦିନ ଧରି ଚାଲିଥିବା ବିବିଧ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ସାଇଦରବାରର ସଭାପତି ଚନ୍ଦ୍ରଶେଖର ପରିଡ଼ା ନେଇଥିବା ବେଳେ ରାକେଶ ବେହେରା, ଅଜିତ କୁମାର ରଣବାଜ, ଲକ୍ଷ୍ମୀଧର ମହାପାତ୍ର, ହରିପ୍ରସାଦ ଭଞ୍ଜବାବୁ, ମନୋରଂଜନ ପରିଡ଼ା, ପ୍ରଦିପ୍ତ ପଲେଇ, ବିଶ୍ୱଜିତ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଦରବାରର ସମ୍ପାଦକ ଜଗବନ୍ଧୁ ପ୍ରଧାନ ସମସ୍ତଙ୍କର ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ । ସମସ୍ତ କାର୍ଯ୍ୟକ୍ରମ କୋଭିଡ଼୍ ଗାଇଡ଼୍‌ଲାଇନକୁ ମାନି ପରିଚାଳିତ ହୋଇଥିଲା ।

## ଅଜଣା ବ୍ୟକ୍ତିର ମୃତଦେହ ଉଦ୍ଧାର

ଜଳେଶ୍ୱର, ୧୮/୧୦(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋବରଘଟା ପଂଚାୟତର ୬୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଜଣେ ଅଜଣା ବ୍ୟକ୍ତିର ମୃତଦେହ ଆଜି ସୋମବାର ପୁଲିସ୍ ଉଦ୍ଧାର କରିଛି । ଘଟଣାରୁ ପ୍ରକାଶ, ୫ବର୍ଷ ପୂର୍ବେ ଜଣେ ଅଜଣା ବ୍ୟକ୍ତି ଏହି ଅଂଚଳରେ ଘୁରିବୁଲୁଥିବା ବେଳେ ବିଭିନ୍ନ ଲୋକଙ୍କ ପାଖରୁ ମାଗିଜାଚି ଚଳୁଥିଲା । ତାର ନିଜସ୍ୱ ଘର ନ ଥିବାରୁ ଏକ ପରିତ୍ୟକ୍ତ ଘରେ ରହିଆସୁଥିଲା । ଆଜି ତାର ମୃତ ଶରୀର ଠାବ କରାଯାଇଥିବା ବେଳେ ତାର ପ୍ରକୃତ ପରିଚୟ ମିଳିପାରି ନାହିଁ । ସେ ଗୋଟିଏ ନୀଳ ରଂଗର ବେନିୟନ ଓ ଗୋଲାପି ରଂଗର ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି । ତାର ମୃତ ଶରୀରକୁ ପୋଷ୍ଟ ମର୍ଟମ କରାଯାଇଛି ।

## ମା' ଭଦ୍ରକାଳୀଙ୍କ ପୀଠରେ ଷୋଡଶ ଦିବସୀୟ ପୂଜା ସମାପ୍ତି, ପୂର୍ଣ୍ଣାହୁତି ଓ ପୁସ୍ତକ ଲୋକାର୍ପିତ

ଭଦ୍ରକ,୧୮/୧୦ (ନି.ପ୍ର): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ଷୋଡଶ ଦିବସୀୟ ପୂଜା, ଚଣ୍ଡିପାଠ, ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ସପ୍ତଶତୀ ଚଣ୍ଡୀଙ୍କ ମନ୍ତ୍ରରେ ଆହୁତି ପ୍ରଦାନ କରାଯାଇ ପୂର୍ଣ୍ଣହୁତି ପ୍ରଦାନ କରାଯାଇଥିଲା । ପୂର୍ଣ୍ଣାହୁତି ପୂର୍ବରୁ ପଣ୍ଡିତ ଭାଗିରଥୀ ନନ୍ଦଶର୍ମାଙ୍କ ଲିଖିତ ବହୁ ଦେବାଦେବୀଙ୍କ ସ୍ତୋତ୍ର ସମ୍ବଳିତ ପୁସ୍ତକ 'ସ୍ତବ ସ୍ତୋତ୍ର ବାରିଧି'କୁ ମା' ଭଦ୍ରକାଳୀଙ୍କ ଚରଣରେ ସମର୍ପଣ କରାଯାଇଥିଲା । ଏହି ଅବସରରେ କୋଭିଡ଼୍ କଟକଣା ଅନୁପାଳନ ପୂର୍ବକ ପ୍ରସାଦ ବିତରଣ କରାଯାଇଥିଲା । ଏହି ଧାର୍ମିକ କାର୍ଯ୍ୟରେ ମନ୍ଦରଧର ଦୀକ୍ଷିତ, ପ୍ରଶାନ୍ତ କୁମାର ଦୀକ୍ଷିତ, ଲକ୍ଷ୍ମୀଧର ସାହୁ, ପଣ୍ଡିତ ସୁବ୍ରତ କୁମାର ଦୀକ୍ଷିତ, ମହାପାତ୍ର ପ୍ରକାଶ କୁମାର ସାହୁ, ମହାପାତ୍ର ବିକାଶ କୁମାର ସାହୁ, ଯାଜ୍ଞିକ ଗୋପୀନାଥ ପଣ୍ଡା, ପ୍ରତାପ ଚନ୍ଦ୍ର ଦୀକ୍ଷିତ, ଅନ୍ନପୂର୍ଣ୍ଣା ସାହୁ, ତାରିଣୀ କିଙ୍କର ନନ୍ଦ, ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମା, ଆବାହକ ଶରତ କୁମାର ସାହୁଙ୍କ ସମେତ ବହୁ ସେବକ ଉପସ୍ଥିତ ଥିଲେ ।

## କୃଷକ ହତ୍ୟା ଓ କଳାକୃଷି ଆଇନ୍ ପ୍ରତ୍ୟାହାର ଦାବିରେ ସିପିଏମ୍ ପକ୍ଷରୁ ରେଳରୋକ

ଜଳେଶ୍ୱର, ୧୮/୧୦(ନି.ପ୍ର): ସଂଯୁକ୍ତ କୃଷକମୋର୍ଚ୍ଚା ଆହ୍ୱାନରେ ସମଗ୍ର ଦେଶରେ ରେଳରୋକ ଡାକେରା ଦିଆଯାଇଥିବାରୁ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ସିପିଏମ୍ ପକ୍ଷରୁ ଆଜି ସୋମବାର ରେଳରୋକ କରାଯାଇଥିଲା । ଆନ୍ଦୋଳନକାରୀମାନେ ସକାଳ ୯.୩୦ ମି. ସମୟରେ ଜଳେଶ୍ୱର ରେଳ ଷ୍ଟେସନରେ ପହଞ୍ଚି ଜନଶତାବ୍ଦି ଟ୍ରେନ୍‌କୁ କିଛି ସମୟପାଇଁ ଅଟକାଇଥିଲେ । ପରେ ବିଭିନ୍ନ ନାରାବାଜି ଦେବା ସହିତ ଉତ୍ତର ପ୍ରଦେଶର ଲଖିପୁରଖେରି ଠାରେ କୃଷକମାନଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କ ପୁଅ ଗାଡି ମଡାଇ ୪ଜଣ କୃଷକ ଓ ଜଣେ ସାମ୍ବାଦିକଙ୍କୁ ହତ୍ୟା କରାଯିବା ବିରୋଧରେ ବର୍ଷିଥିଲେ । କଳା କୃଷି ଆଇନ୍ ପ୍ରତ୍ୟାହାର ଏବଂ ଫସଲର ନ୍ୟାୟ ଦାମ ପ୍ରଦାନ ସହିତ ଡିଜେଲ, ପେଟ୍ରୋଲ ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧିକୁ ବିରୋଧ କରିଥିଲେ । ଦିଲ୍ଲିପ କୁମାର ଗିରିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରେଳରୋକରେ ସିତାଂଶୁ ସେନାପତି, ପଲ୍ଟୁ ଦାସ, ଦିଲ୍ଲିପ ପରିଡା, ରତନ ଦାସ, ରବିନ୍ଦ୍ର ବାରିକ, ଜତିନ୍ ଜେନା, ମଦନ ମାହାଲି, ଅଧିର ହୁଇ, ରାଜକୁମାର ଆଚାର୍ଯ୍ୟ, ସନାତନ ନନ୍ଦୀ, ନୀଳକଣ୍ଠ ମହାନ୍ତି, ବିଶ୍ୱଜିତ୍ ନାୟକ, ଗୋପାଳ ପାତ୍ର, ମହାମାୟା ରାଜ ପ୍ରମୁଖ ଯୋଗ ଦେଇଥିଲେ ।

## ପାରୁଳେଶ୍ୱର ମହାଦେବ ମନ୍ଦିର ଭିତରେ ବର୍ଷା ପାଣି : ଷ୍ଟୁଲ ପକାଇ ପୂଜକ ପୂଜା କରୁଛନ୍ତି



ବାଲିଆପାଳ,୧୮/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଆସ୍ତି ପଂଚାୟତ ପାରୁଳିଆ ଗ୍ରାମରେ ପୁରାତନ ଶିବ ମନ୍ଦିର ପାରୁଳେଶ୍ୱର ମନ୍ଦିର ଭିତରେ ଏବେ ବର୍ଷା ପାଣି ପୂରି ରହିଛି । ଫଳରେ ମନ୍ଦିରର ପୂଜକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଷ୍ଟୁଲ ପକାଇ ମହାଦେବଙ୍କୁ ପୂଜା କରୁଛନ୍ତି । ଏହାକୁ କେନ୍ଦ୍ରକରି ଭକ୍ତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବ୍ରିଟିସ ଶାସନ କାଳରେ ଏହି ମହାଦେବ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ମହାଦେବଙ୍କ ସଂପର୍କରେ ବହୁ ପ୍ରଚଳିତ କିମ୍ବଦନ୍ତୀ ରହିଅଛି । ମାତ୍ର ରକ୍ଷଣାବେକ୍ଷଣା ଅଭାବରୁ ମନ୍ଦିର ଓ ମନ୍ଦିର ବେଢାର କୌଣସି ଆଖି ଦୃଶିଆ ଉନ୍ନତି ହୋଇ ନାହିଁ । ପ୍ରତିବର୍ଷ ମହାଶିବ ରାତ୍ରୀ,ଚଡକ ଯାତ୍ରାରେ ଏଠାରେ ମେଳା ବସେ । ଏଥିପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ । ତେବେ ଏ ସବୁ ସତ୍ତ୍ୱେ ଏହାର ଉନ୍ନତି ନ ହେବା ବିଡମ୍ବନା ବୋଲି ଭକ୍ତମାନେ କହିଛନ୍ତି । ମହାଦେବଙ୍କର ସମସ୍ତ ସଂପତି ବାଡିକୁ ସ୍ଥାନୀୟ ଅଂଚଳର କିଛି ମୁଷ୍ଟିମେୟ ଲୋକ ଜବରଦଖଲ କରି ରଖିଛନ୍ତି । ଏଠାରେ ସପ୍ତାହିକ ହାଟ ବସୁଥିବାରୁ ସ୍ଥାନୀୟ ଅଂଚଳର କେତେକ ଲୋକ ବେଆଇନ ଭାବେ ଦୋକାନ ଘର ନିର୍ମାଣ କରି ଜଳ ନିଷ୍କାସନିକୁ ଅବରୋଧ କରିଛନ୍ତି । ଫଳରେ ବର୍ଷା ଓ ବନ୍ୟା ସମୟରେ ଉଦବୃତ ଜଳ ନିସ୍କାସିତ ହୋଇ ନ ପାରି ଦିନ ଦିନ ଧରି ରହୁଛି । ଜବରଦଖଲ କାରୀଙ୍କୁ ଉଚ୍ଛେଦ ଓ ଜଳ ନିସ୍କାସନିକୁ ଉଦ୍ଧାର କରିବା ପାଇଁ ତହସିଲଦାରଙ୍କୁ ଭକ୍ତମାନେ ଜଣାଇଥିଲେ ମଧ କୌଣସି ପ୍ରତିକାର ହେଉନାହିଁ । ସ୍ଥାନୀୟ ସରପଂଚ ଶାନ୍ତନୁ ଭଦ୍ରଙ୍କୁ ଭକ୍ତମାନେ ଏହାର ସ୍ଥାୟୀ ପ୍ରତିକାର ପାଇଁ ଜଣାଇଥିଲେ ମଧ କିଛି ପ୍ରତିକାର ହେଉନାହିଁ । ତେବେ ଏହାକୁ କେନ୍ଦ୍ରକରି ଭକ୍ତମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ....

ଓଡ଼ିଆରେ ଅନୁବାଦ କରାଯିବା ସହ ମାତୃଭାଷାରେ ଶିକ୍ଷା ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ଏବଂ ପୁସ୍ତକ ପ୍ରସ୍ତୁତିର ବ୍ୟବସ୍ଥା କରାଯିବ । ଓଡ଼ିଆ ଭାଷାରେ ଇଞ୍ଜିନିୟରିଂ ଶିକ୍ଷା ମାତୃଭାଷାକୁ ବ୍ୟବହାରିକ ରୂପ ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶା ଆଗାମୀ ୧୫ ବର୍ଷ ପରେ ୨୦୩୬ରେ ଭାଷାଭିତିକ ରାଜ୍ୟ ଭାବେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ସେହିପରି ଆଗାମୀ ୨୫ ବର୍ଷ ପରେ ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ବର୍ଷ ପୂରଣ କରିବ। ଏହି ସମୟରେ ୪ଟି ବିଷୟ ଯଥା ପୋଷଣ, ଭାଷା, ଶିକ୍ଷା ଓ ରୋଜଗାର ଆମ ସମାଜ ପାଇଁ ଆହ୍ୱାନ ହୋଇଛି। ପିଲାଙ୍କୁ ପୃଷ୍ଟିକରଣଯୁକ୍ତ ଖାଦ୍ୟ ସହ ମାତୃଭାଷାକୁ ଗୁରୁତ୍ୱ, ଗୁଣାତ୍ମକ ଶିକ୍ଷା ସହ ରୋଜଗାରକୁ ପ୍ରଧାନ୍ୟ ଦେବାକୁ ପଡ଼ିବ। ଏହାକୁ ଗୁରୁତ୍ୱ ଦେଲେ ହିଁ ଆମେ ସ୍ୱାବଲମ୍ବୀ, ସ୍ୱାଭିମାନୀ ଓ ଆତ୍ମନିର୍ଭର ହୋଇପାରିବା। ଅତୀତରେ ଗଭୀର ସମୁଦ୍ରରେ ବିଶାଳ ବୋଇତ ଚାଳନା, ଶିଳ୍ପୀ ବିଶୁ ମହାରଣାଙ୍କ ଦ୍ୱାରା ନିର୍ମିତ କୋଣାର୍କର ସୂର୍ଯ୍ୟ ମନ୍ଦିର ମାନବ ସଭ୍ୟତାର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଓଡ଼ିଆଙ୍କ ପରିପ୍ରକାଶର ପ୍ରମାଣ।

### ଜମ୍ମୁ-କାଶ୍ମୀରରେ ସକ୍ରିୟ....

ଉପରେ ଆକ୍ରମଣ କରାଯିବ ବୋଲି ସଂଗଠନ ଧମକ ଦେଇଛି । ସେପଟେ ଜମ୍ମୁକଶ୍ମୀର ରେଳଷ୍ଟେସନରେ ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକ ରାଜ୍ୟ ଛାଡିବା ଭିଡ ଜମାଇଛନ୍ତି । ୧୬ ଦିନରେ ୧୧ ଜଣଙ୍କୁ ହତ୍ୟା କରିସାରିଲେଣି ଆତଙ୍କବାଦୀ । ସେପଟେ ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ଘାଟିରେ ଆତଙ୍କରାଜ କମାଇବା ପାଇଁ ଲଗାତାର ଭାବେ ଚାଲିଛି ସେନାର ସର୍ଚ୍ଚ ଅପରେସନ୍ । ଆତଙ୍କବାଦୀଙ୍କୁ ଖୋଜି ଖୋଜି ମାରୁଛି ସେନା । ପୁଞ୍ଚ ସେକ୍ଟରରେ ଗତ ୭ ଦିନ ଧରି ଚାଲିଛି ସେନାର ଆତଙ୍କୀ ନିରୋଧି ଅଭିଯାନ । ଏବେ ସୁଦ୍ଧା ୭ଶହ ଜଣଙ୍କୁ ହାଜତକୁ ନେଇ ଜେରା କରାଯାଉଥିବାବେଳେ ୧୩ ଜଣ ଆତଙ୍କବାଦୀଙ୍କୁ ଏନକାଉଣ୍ଟର କରାଯାଇଛି । ସେପଟେ ବିହାରର ୨ ଜଣ ଶ୍ରମିକଙ୍କ ହତ୍ୟା ପରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଜମ୍ମୁକଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସହ ଫୋନରେ କଥା ହୋଇ ଚିନ୍ତା ପ୍ରକାଶ କରିଛନ୍ତି ।

### ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସମ୍ପତ୍ତି ....

ଏବେ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ଦୀର୍ଘ ୨୩ ଘଣ୍ଟା ଧରି ପ୍ରଦୀପ ପାଣିଗ୍ରାହୀଙ୍କ ସରକାରୀ ବାସଭବନରେ ରେଡ୍ କରିଥିଲା ଭିଜିଲାନ୍ସ ଟିମ୍ । ରାତି ସାରା ଚାଲିଥିଲା ଚଢାଉ । ଜେରା ବେଳେ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ତାଙ୍କ ଝିଅ, ଝିଆରୀ, ଶାଶୁ ଓ ପୁତୁରା ଉପସ୍ଥିତ ଥିଲେ । ଗତକାଲି ଭିଜିଲାନ୍ସ ଟିମ୍ ବ୍ରହ୍ମପୁରରେ ବିଧାୟକଙ୍କ ସମ୍ପର୍କୀୟ ଓ ସହଯୋଗୀଙ୍କ ଘରେ ଚଢାଉ କରିଥିଲା । ଭୁବନେଶ୍ୱର ସରକାରୀ ବାସଭବନ ସମେତ ମୋଟ୍ ୧୫ଟି ସ୍ଥାନରେ ଏକକାଳୀନ ଚଢାଉ କରି ଖୋଳତାଡ କରିଛି ଭିଜିଲାନ୍ସ ।

### ଗିରଫ ପରେ ହସ୍ପିଟାଲରେ....

ଉତ୍ତରରେ ଡାକ୍ତର ସାହୁ କହୁଛନ୍ତି, ବିଧାୟକଙ୍କ ହୃଦରୋଗ ଜନିତ ସମସ୍ୟା ରହିଛି ଏବଂ ଆନଜିଓପ୍ଲାଷ୍ଟିର ଆବଶ୍ୟକତା ଅଛି । କିନ୍ତୁ ବିଜେପି ନେତା ସନ୍ଦେହ କରୁଛନ୍ତି, ଜଣେ ଠିକ୍ ଥିଲା, ହଠାତ ଗିରଫ ପରେ, ତାଙ୍କ ଦେହ କେମିତି ଖରାପ ହୋଇଗଲା । ଏହାଛଡା ଯଦି ସମସ୍ୟା ଅଛି ତେବେ ପ୍ରତିଦିନ ନିଜ ସହଯୋଗୀଙ୍କୁ କେମିତି ଭେଟୁଛନ୍ତି । ବିଜେପି ନେତାଙ୍କୁ ମାଡ ଅଭିଯୋଗ ପରେ ଆତ୍ମସମର୍ପଣ କରିଥିଲେ ପ୍ରଶାନ୍ତ ଜଗଦେବ । ଏହାପରେ ତାଙ୍କୁ ଗିରଫ କରାଯାଇଥିଲା । କିନ୍ତୁ ଗିରଫ କରୁ କରୁ ତାଙ୍କର ଦେହ ଖରାପ ହୋଇଗଲା ଏବଂ ସେବେଠାରୁ ସେ ହସ୍ପିଟାଲରେ ଭର୍ତି ଅଛନ୍ତି ।

### ୨ ଦିନ ପ୍ରବଳ ବର୍ଷା....

ପାଣି ଜମି ରହିବ। ବଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇପାରେ। ଏହି ସମୟ ମଧ୍ୟରେ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼ ଓ ଯାଜପୁର, ଜିଲ୍ଲାରେ ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବଜ୍ରପାତ ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର,କେନ୍ଦ୍ରାପଡା, ଜଗତସିଂହପୁର , କଟକ,ଖୋର୍ଦ୍ଧା, ପୁରୀ, ,ଗଞ୍ଜାମ ,ଗଜପତି , ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ,ଅନୁଗୋଳ ଓ ଢ଼େଙ୍କାନାଳ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୧୯ରୁ ୨୦ ତାରିଖ ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଏଥିସହ ବଜ୍ରପାତ ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର,କଟକ, ପୁରୀ, ଖୋର୍ଦ୍ଧା, କେନ୍ଦୁଝର,ମୟୂରଭଞ୍ଜ, ସୁନ୍ଦରଗଡ, ଅନୁଗୁଳ, ବୌଦ୍ଧ, କନ୍ଧମାଳ , କଳାହାଣ୍ଡି ଓ ଢ଼େଙ୍କାନାଳ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ୪ ଦିନର ଲଗାଣ ବର୍ଷାରେ କେରଳରେ....

ଏବେବି ନିଖୋଜ ରହିଛନ୍ତି ଘର ଉପରେ ବିଶାଳ ଗଛ ଓ ମାଟି ଅତଡା ଖସିବା ଯୋଗୁଁ ଧନଜୀବନ ହାନି ହୋଇଛି । ଅନେକ ସ୍ଥାନରେ ପୋଲ ଉପରେ ନଦୀର ବନ୍ୟା ପାଣି ବହୁଥିବାବେଳେ ଆଉ କେଉଁଠି କେଉଁଠି ବନ୍ୟା ପାଣିରେ ପୋଲ ଭାସିଯାଇଥିବା ଦେଖିବାକୁ ମିଳିଛି । କେରଳର ବର୍ତ୍ତମାନ ସ୍ଥିତିର ସମୀକ୍ଷା କରିଛନ୍ତି ଗୃହମନ୍ତ୍ରୀ ଅମିତ ଶାହା । କେରଳ ମୁଖ୍ୟମନ୍ତ୍ରୀ ପି.ବିଜୟନଙ୍କ ସହ ଫୋନରେ କଥାବାର୍ତ୍ତା ହୋଇ ସମସ୍ତ ପ୍ରକାର ସାହାଯ୍ୟ ପ୍ରତିଶ୍ରୁତି ଦେଇଛନ୍ତି ଗୃହମନ୍ତ୍ରୀ । ସେପଟେ ବନ୍ୟା ପାଇଁ ରାଜ୍ୟରେ ଜରୁରୀକାଳୀନ ସ୍ଥିତିର ଘୋଷଣା କରିଛନ୍ତି କେରଳ ମୁଖ୍ୟମନ୍ତ୍ରୀ । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ବନ୍ୟାରେ ୩୫ଜଣଙ୍କ ଜୀବନ ଗଲାଣି ।

### ସ୍କୁଲ ଅଧକ୍ଷା ମମିତା ମେହେରଙ୍କ....

ଅଙ୍ଗୁଳି ଉଠାଇଛନ୍ତି ପରିବାର ଲୋକେ । ତେବେ ସେଭଳି କୌଣସି ଆଧାର ପ୍ରକାଶ କରିନାହାନ୍ତି । ଅନ୍ୟପଟେ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା ଏହି ଭିଡିଓ ଗଣମାଧ୍ୟମକୁ ଦେଇଛନ୍ତି । ଏହି ଭିଡିଓରେ ଗୋବିନ୍ଦ ସାହୁଙ୍କ ଏକ କଲେଜରେ ଭାଷଣ ଦେଉଛନ୍ତି ମନ୍ତ୍ରୀ ଦିବ୍ୟଶଙ୍କର । ଏହି ଭିଡିଓ ଗମମାଧ୍ୟମକୁ ଦେଇ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଛନ୍ତି, ଗୋବିନ୍ଦ, ମନ୍ତ୍ରୀଙ୍କ ପାଖଲୋକ ଥିଲେ । ସେପଟେ ବିଜେପି ସାଂସଦ ବସନ୍ତ ପଣ୍ଡା ମଧ ଦିବ୍ୟଶଙ୍କରଙ୍କ ସଂପୃକ୍ତି ନେଇ ଅଭିଯୋଗ ଆଣିଛନ୍ତି । ଏବଂ ଅଭିଯୋଗ ଆସିବା ପରେ ପ୍ରତିକ୍ରିୟା ରଖିଛନ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର । ସେ କହିଛନ୍ତି, ଆଇନ ତା ବାଟରେ ଯିବ ।

### ରାମ ରହିମଙ୍କୁ ଆଜୀବନ....

ଅକ୍ଟୋବର ୮ରେ ଗୁରୁମିତଙ୍କ ସମେତ ଅନ୍ୟ ୫ ଜଣ ଆଇପିସି ଧାରା ୩୨୦, ୧୨୦ ବି ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ। କିନ୍ତୁ ସେତେବେଳେ କିଛି ଦଣ୍ଡାଦେଶର ଶୁଣାଣି ହୋଇନଥିଲା। ପଞ୍ଚକୁଲାର ଡେରାରେ ଜଣେ ସ୍ୱାଧୀଙ୍କୁ କଥିତ ରୂପେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ଡେରା ମ୍ୟାନେଜର ରଣଜିତ ସିଂଙ୍କ ଡେରା ପ୍ରମୁଖ ଗୁରମିତି ରାମ ରହିମଙ୍କ ସହ ମତଭେଦ ବଢ଼ି ଚାଲିଥିଲା। ଏହାପରେ ୨୦୦୨ ଜୁଲାଇ ୧୦ ତାରିଖରେ କୁରୁକ୍ଷେତ୍ର ଜିଲ୍ଲା ଖାନପୁର କୋଲିୟାନ ଗାଁରେ ତାଙ୍କ ଚାଷ ନିକଟରେ ଉକ୍ତ ମ୍ୟାନେଜରଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

## ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରୁଛି 'ଶମୀବୃକ୍ଷ'



ଉଦଳା,୧୮/୧୦ (ନି.ପ୍ର): ଉଦଳା ସହର ଠାରୁ ମାତ୍ର ୧୫ କିମି ପଶ୍ଚିମକୁ ଗଲେ ପଡ଼ିବ 'ଶମୀବୃକ୍ଷ' । ଏଠାକାର ପ୍ରାକୃତିକ ପରିବେଶ ସାଙ୍ଗକୁ ଏବେ ନୂଆକରି ନିର୍ମିତ ହୋଇଥିବା ମୂର୍ତ୍ତି ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରୁଛି । ତାହାଛଡ଼ା ଏଠାକାର ଶୈବପୀଠର ରହିଛି ସ୍ୱତନ୍ତ୍ର ମହାତ୍ମ୍ୟ । ବିଶେଷ କରି ମକର ଓ ଶିବରାତ୍ରୀ ସମୟରେ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ମାନେ ଏଠାକୁ ଆସିଥାନ୍ତି । 'ଶମୀବୃକ୍ଷ' ନିକଟକୁ ଲାଗି ରହିଛି କାଳଡ଼୍ୟାମ । ବଣଭୋଜି ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ । କାଳଡ଼୍ୟାମରେ ନୌକା ବିହାରର ମଜା ଖୁବ ଆନନ୍ଦଦାୟକ ହୋଇଥାଏ । ଫଳରେ ଏହି ସ୍ଥାନ ଛାଡ଼ି ଯିବାକୁ ଇଛା ହୁଏ ନାହିଁ । ପର୍ଯ୍ୟଟନ ଋତୁରେ ଓଡ଼ିଶା ସହିତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରୁ ମଧ ଲୋକେ ବଣ ଭୋଜି ପାଇଁ ଏହି ସ୍ଥାନକୁ ଆସିଥାନ୍ତି ।

## ୬୦ନଂ ଜାତୀୟ ରାଜପଥ ଦଣ୍ଡିକା ନିକଟରେ ବାଇକ୍‌ରୁ ଖସି ପଡ଼ି ମହିଳା ମୃତ

ବସ୍ତା,୧୮/୧୦(ନି.ପ୍ର): ୬୦ନଂ ଜାତୀୟ ରାଜପଥ କତୃପକ୍ଷ ଙ୍କ ଉଦାସୀନତା କାରଣରୁ ହୋଇପାରୁନି ରାସ୍ତା ମରାମତି। ନହେବାଯୋଗୁଂ ବଳୀ ପଡୁଛି ସାଧାରଣ ଜୀବନ। ବସ୍ତା ଥାନା ୬୦ନ ଜାତୀୟ ରାଜପଥ ଦଣ୍ଡିକା ନିକଟରେ ବାଇକ୍ ରୁ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଉକ୍ତ ମହିଳା ଜଣକ ରାସ୍ତାରେ ପଡିଯାଇଥିଲାଦେଖି ଷାଠିଏ ନଂ ଜାତୀୟ ରାଜପଥ ଆମ୍ବୁନେଲସ ଖବର ଦେଇଥିଲେ ଆମ୍ବୁଲେନସ ଆସିବା ପୂର୍ବରୁ ଲୋକମାନେ ପ୍ରାଇଭେଟଗାଡିରେ ଡାକ୍ତର ଖାନାକୁ ଆଣିଥିଲେ ଡାକ୍ତର ମତ ଘୋଷଣା କରିଥିଲା ଘଟଣାରୁ ପ୍ରକାଶ ସଞ୍ଜୟ ପାଣିଗ୍ରାହୀ ଙ୍କ ଝିଅ ନିବେଦିତା ନନ୍ଦ ଦୁର୍ଗା ପୂଜା ରେ ନିଜବପା ଘର ବାଲେଶ୍ୱର ରୁ ଶାଶୁ ଘର ମୟୂରଭଞ୍ଜ ପଳାଶ ମୁଣ୍ଡୁଳି କୁ ପାଞ୍ଚବର୍ଷ ପୁଅ ସହିତ ନିଜ ବାପାଙ୍କ ବାଇକ୍ ରେ ଆସୁଥିଲେ । ଦଣ୍ଡିକା ନିକଟରେ ଜାତୀୟ ରାଜପଥ ଖାଲୁଆରେ ବାଇକ୍ ପଡିଯିବାରୁ ନିବେଦିତା ଗାଡିରୁ ଛିଟିକି ପଡ଼ିଥିଲେ । ଫଳରେ ଘଟଣାସ୍ଥଳରେ ନିବେଦିତା ମତ୍ୟୁ । ହୋଇଯାଇଥିଲା ତେବେ ଜାତୀୟ ରାଜପଥ ର ସବୁ ପୋଲ ଉପରେ ବଡ଼ ବଡ ଖାଲୁଆ ହୋଇ ରାସ୍ତା ପରିତ୍ୟକ୍ତ ହୋଇ ପଡ଼ିଥିବା ବେଳେ ବାରମ୍ବାର ଦୁର୍ଘଟଣା ଘଟି ସାଧାରଣ ଧନ ଜୀବନ ନଷ୍ଟ ହେଉଥିବା ବେଳେ ଜାତୀୟ ରାଜପଥ କତୁପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ସୋଇଥିବା ଅଭିଯୋଗ ହୋଇଛି

# ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୧୪୩ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୮/୧୦(ନି.ପ୍ର): ଓଡ଼ିଶାର ପ୍ରଥମ ବାରିଷ୍ଟର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ପାଇଁ ସମର୍ପିତ ବ୍ୟକ୍ତିତ୍ୱ, ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ, ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ସହପାଠୀ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ୧୪୩ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ତାଙ୍କ ଭୁବନେଶ୍ୱର ରାଜଭବନ ନିକଟସ୍ଥ ପ୍ରତିମୂର୍ତ୍ତି ସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥି, ସୀତାବଲ୍ଲଭ ମହାପାତ୍ର, ନାରାୟଣ ଓଝା, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ପ୍ରବୀର ମହାନ୍ତି, ସତ୍ୟବ୍ରତ ଜେନା, ଜ୍ୟୋତିର୍ମୟୀ ପଟ୍ଟନାୟକ, କବିତା ସୁବୁଦ୍ଧି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡକ୍ଟର ଅସୀତ୍ ଦାସ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ସୌରଭ ମହାନ୍ତି, ଶୁଭଙ୍କର ବେରା, ବିକ୍ରମ ଦାସ, ଉପେନ୍ଦ୍ର ବାରିକ, ସୋନାଲି ନାୟକଙ୍କ ସମେତ ଜୟ ଓଡ଼ିଶା ଟିମ୍ ଯୋଗ ଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ମିଶ୍ରଙ୍କ ଆତ୍ମୀୟ ଡଃ ସୂର୍ଯ୍ୟ କୁମାର ମିଶ୍ର, ଶିବାଶିଷ ମିଶ୍ର ମଧ ଏଥିରେ ସାମିଲ୍ ହୋଇଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ବାରିଷ୍ଟର ବିଶ୍ୱନାଥ ମିଶ୍ର, ବାରିଷ୍ଟରୀ ପାସ୍ କଲାପରେ ଓକିଲାତି ଅପେକ୍ଷା ରାଜ୍ୟରେ ସମାଜ ସଂସ୍କାର କାର୍ଯ୍ୟକ୍ରମ ଅୟମାରମ୍ଭ କରି ଗାନ୍ଧିଜୀଙ୍କ ଅସ୍ପୃଶ୍ୟତା ନିବାରଣ ଯୋଜନାକୁ କାର୍ଯ୍ୟକାରୀ କରିବା ସଙ୍ଗେସଙ୍ଗେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ପହଂଚି ଜନ ଆନ୍ଦୋଳନ ସୃଷ୍ଟି କରିଥିଲେ । ତାଙ୍କର ରାଜ୍ୟପାଇଁ ଅବଦାନ ଅତୁଳନୀୟ । ସ୍ୱଳ୍ପ ବୟସରେ ତାଙ୍କର ଅକାଳ ବିୟୋଗ ଓଡ଼ିଶାର ବିକାଶଧାରାକୁ ପ୍ରଭାବିତ କରିଥିଲା । ବାରିଷ୍ଟର ମିଶ୍ରଙ୍କ ଆଦର୍ଶ ଯୁବ ସମାଜକୁ ସବୁବେଳେ ଦେଶ ଓ ଜାତିର ସେବା ପାଇଁ ଅନୁପ୍ରାଣିତ କରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

## ଜଳକାରେ ବନ୍ୟା : ହଜାର ହଜାର ଏକର ଚାଷଜମି ପାଣିରେ

ବାଲେଶ୍ୱର,୧୮/୧୦ (ନି.ପ୍ର): ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପରେ ଗତ ଦୁଇଦିନ ଧରି ଚାଲିଥିବା ଲଗାଣବର୍ଷା ଆଜି ନଥିଲେ ବି ବାଲେଶ୍ୱର ଜିଲାର ପ୍ରମୁଖ ନଦୀମାନଙ୍କରେ ଜଳସ୍ତର ବୃଦ୍ଧି ପାଇଛି । ତେବେ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଜଳ ପତ୍ତନ ସତର୍କ ସୂଚନାଙ୍କଠାରୁ ବହୁ ନିମ୍ନରେ ପ୍ରବାହିତ ହେଉଥିବା ବେଳେ ଜଳକାରେ ବିପଦ ସୂଚନାର ଉପରେ ଥିବା ଜଣାପଡ଼ିଛି । ସଂଧ୍ୟା ୬ଟା ସୁଦ୍ଧା ଜଳକାରେ ବିପଦ ସୂଚନାଙ୍କ ୫.୫୦ ମିଟର ଠାରୁ ଉପରେ ଅର୍ଥାତ ୬.୧୦ ମିଟର ଉଚ୍ଚରେ ଜଳ ପ୍ରବାହିତ ହେଉଥିବା ମଥାନୀ ରିଡିଂ ପଏଣ୍ଟରୁ ସଂଗୃହୀତ ତଥ୍ୟ ଅନୁସାରେ ଜିଲା ଜରୁରୀକାଳୀନ ବିଭାଗ କୁହାଯାଇଛି । ଜଳକା ନଦୀର ବନ୍ୟା ଯୋଗୁଁ ବସ୍ତା ବ୍ଲକର ଆଖପାଖ ତଳିଆ ଅଞ୍ଚଳ ପାଣିଘେରରେ ଥିବା ବେଳେ ହଜାର ହଜାର ଏକର ଚାଷଜମି ବଢ଼ିପାଣିରେ ବୁଡ଼ି ରହିଛି । ପୂର୍ବରୁ ୨/୩ ଥର ବନ୍ୟାରେ ୫୦ ପ୍ରତିଶତରୁ ଅଧିକ ଜମିର ଚାଷ ନଷ୍ଟ ହୋଇଯାଇଥିବା ବେଳେ ଏବେ ଏହି ବନ୍ୟାକୁ ନେଇ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି ।

## ଭୁବନେଶ୍ୱରରୁ ଆଉ ୧୪୪ ପଜିଟିଭ୍

ଭୁବନେଶ୍ୱର,୧୮/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ସୋମବାର ଦିନ ୧୪୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୬୦ ଜଣ କ୍ୱାରେଂଟାଇନ୍‌ରୁ ଚିହ୍ନଟ ହୋଇଥିବା ବେଳେ ୮୪ ଜଣ ଲୋକାଲ ମାମଲା ରହିଛନ୍ତି । ଅପରପକ୍ଷରେ ଗତ ୨୪ ଘଂଟାରେ ଆଉ ୧୮୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୬୦୫୩କୁ ବୃଦ୍ଧି ପାଇଛି । ସେମାନଙ୍କ ମଧ୍ୟରୁ ୧୧୧୪୩୮ ଜଣ ସୁସ୍ଥ ହୋଇଥିବା ବେଳେ ବର୍ତ୍ତମାନ ୩୫୫୦ ସକ୍ରିୟ ମାମଲା ରହିଛି । ସେହିପରି ମୃତକଙ୍କ ସଂଖ୍ୟା ୧୦୪୪ରେ ପହଂଚିଛି ।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପଦ ସଂରକ୍ଷଣ ଆପତ୍ତିର ଶୁଣାଣି ଆରମ୍ଭ



ବାଲେଶ୍ୱର,୧୮/୧୦ (ନି.ପ୍ର): ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରକାଶିତ ସଂରକ୍ଷଣ ତାଲିକାକୁ ନେଇ ପ୍ରଶାସନ ପକ୍ଷରୁ ସୋମବାରଠାରୁ ଆରମ୍ଭ ହୋଇଛି ଆପତ୍ତି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ । ଜିଲା ପରିଷଦ ସଭାଗୃହରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ଭବେଶ କୁମାର ନାୟକ, ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପ-ଜିଲାପାଳ ହରିଶ୍ଚନ୍ଦ୍ର ଜେନା, ଜିଲା ଜରୁରୀକାଳୀନ ଅଧିକାରିଣୀ ରିଜୱାନା କବକଅବ ଏବଂ ଜିଲା ପଞ୍ଚାୟତ ଅଧିକାରୀ ରବିଚନ୍ଦ୍ର କଅଁର ପ୍ରମୁଖଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଏଥିରେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ସରକାରୀ ନିୟମକୁ ଭିତ୍ତି କରି ସଂରକ୍ଷଣ ତାଲିକା ପ୍ରସ୍ତୁତି ହୋଇଥିବା ବେଳେ କାଁଭାଁ ଥିବା ତ୍ରୁଟିର ସଂଶୋଧନ ପାଇଁ ଉଚିତ ପଦକ୍ଷେପ ନିଆଯାଇଥିବା ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି । ବିଶେଷ କରି ଧାର୍ଯ୍ୟ ବର୍ଗର ଲୋକ ନଥିବା ପଞ୍ଚାୟତ ବା ୱାର୍ଡ଼ର ସଂରକ୍ଷଣ ତାଲିକା ସଂଶୋଧନ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଥିବା ଜଣାପଡ଼ିଛି । ୧୨ ଗୋଟି ବ୍ଲକ ପାଇଁ ଖୋଲା ଯାଇଥିବା ୪ ଗୋଟି ଟେବୁଲରେ ପର୍ଯ୍ୟାୟ କ୍ରମେ ଅଭିଯୋଗ ଶୁଣାଣି ଜାରି ରହିଥିବା ଲକ୍ଷ୍ୟ କରାଯାଇଛି । ୩୬୦ ସରପଞ୍ଚ, ୩୬୦ ସମିତି ସଭ୍ୟ ଓ ୪୯୨୭ ଗୋଟି ୱାର୍ଡ଼ ସଭ୍ୟ ପଦ ପାଇଁ ଗତ ୮ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ସଂରକ୍ଷଣ ତାଲିକା ପ୍ରକାଶ କରାଯାଇଥିଲା । ୯ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ ପରେ ଏହା ଉପରେ ଶୁଣାଣି ଆରମ୍ଭ ହୋଇଛି । ଆସନ୍ତାକାଲି ବି ଏହି ଶୁଣାଣି କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ଜିଲା ପରିଷଦ ସଭ୍ୟପଦ ସଂରକ୍ଷଣ ବାବଦରେ ଆଜି ସଂଧ୍ୟା ସୁଦ୍ଧା ଅଭିଯୋଗ ଗ୍ରହଣ ଶେଷ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଗାମୀ ଦିନରେ ଏହା ଉପରେ ବି ଶୁଣାଣି କରାଯିବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ଶ୍ରୀ କଅଁର ସୂଚନା ଦେଇଛନ୍ତି ।

# ଫୋନ୍‌ପେରେ ଲୁଟିନେଲେ ୭୨ହଜାର ଟଙ୍କା

ବାରିପଦା,୧୮/୧୦ (ନି.ପ୍ର): ଦିନକୁ ଦିନ ସାଇବର ଅପରାଧ ଜିଲ୍ଲାରେ ବଢି ଚାଲିଥିବା ବେଳେ, ସାଇବର ଠକ ନୂଆ ତରିକାରେ ଲୁଟି ଚାଲିଛନ୍ତି ସାଧାରଣ ଜନତାଙ୍କର କଷ୍ଟଲବ୍ଧ ଅର୍ଥ । ଏଭଳି ବହୁ ସାଇବର ଅପରାଧର ଟେର ପାଉନି ପୋଲିସ । ଦିନ ଦ୍ୱିପହରରେ ସାଇବର ଠକ ବେତନଟୀ ଅଂଚଳର ଜନୈକା ମହିଳା ଛବିରାଣୀ ମହାନ୍ତଙ୍କ ଆଖିରେ ଧୂଳିଦେଇ ୭୨ ହଜାର ଟଙ୍କା ଠକି ନେଇଥିବାର ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି । ସୂଚନା ମତାବକ ବେତନଟୀ ବ୍ଲକ ଅନ୍ତର୍ଗତ ଭ୍ରମରଗୋଡା ଗ୍ରାମର ଛବିରାଣୀ ମହାନ୍ତ ଗତ ବୁଧୁବାର ଦିନ ଏକ ଅଜଣା ମୋବାଇଲ ନମ୍ବରରୁ ଏକ କଲ ଆସି ନିଜକୁ ଫୋନ ପେର କର୍ମଚାରୀ ପରିଚୟ ଦେଇ ମହିଳାଙ୍କୁ ପ୍ରଲୋଭନ ଦେଖାଇ ତାଙ୍କ ଫୋନ ପେ ଆକାଉଂଟକୁ ୫ ହଜାର ଟଙ୍କାର ଗିଫ୍ଟ ଆସିଥିବାର କହି ବେଲେନ୍ସ ଚେକ କରିବାକୁ କହିଥିଲେ । ମହିଳା ଜଣକ ଖୁସି ହୋଇ ଫୋନପେ କର୍ମଚାରୀ ବୋଲାଉଥିବା ଠକଙ୍କ କହିବା ଅନୁଯାୟୀ ମୋବାଇଲ ଅପରେଟ କରିଥିଲେ । ତେବେ ଅପଡେଟ କରିବା ମାତ୍ରେ ଦେଖୁ ଦେଖୁ ଆକାଉଣ୍ଟରୁ ସବୁ ଟଙ୍କା ଗାୟବ ହୋଇ ଯାଇଥିଲା । ତେବେ ସଂପୃକ୍ତ ଠକଙ୍କୁ ଟଙ୍କା କଟିଯିବା ବିଷୟରେ ପଚାରିବାରୁ ପ୍ରତି ଉତ୍ତରରେ କହିଥିଲେ ସର୍ଭର ସ୍ଲୋ ଥିବାରୁ ଗୋଟେ ଦିନ ପରେ ଆସିଯିବ । ହେଲେ ତିନି ଦିନ ବିତି ଯାଇଥିଲେ ସୁଦ୍ଧା ଟଙ୍କା ଫେରି ନପାଇବାରୁ ମହିଳା ଜଣକ ଅସହାୟ ମହିଳା ଜଣକ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଜିଲ୍ଲାରେ ବିଗତ ୩ବର୍ଷ ମଧ୍ୟରେ ସାଇବର ଅପରାଧ ହୁହୁ ହୋଇ ବଢି ଚାଲିଥିବା ବେଳେ, ଜିଲ୍ଲାରେ ସାଇବର ଥାନା ନଥିବାରୁ ଅପରାଧିକୁ ଠାବ କରିବେ ପୋଲିସକୁ ନାକେଦମ ହବାକୁ ପଡୁଛି । ଅନେକ ସମୟରେ ଅପରାଧିମାନେ ସହଜରେ ଖସି ଯିବାରେ ସକ୍ଷମ ହେଉଛନ୍ତି । ଜିଲ୍ଲାର ସଦର ମହକୁମା ବାରିପଦା ଓ ରାଇରଙ୍ଗପୁର ଉପଖଣ୍ଡରେ ୨ଟି ସାଇବର ଥାନା ଖୋଲିବାକୁ ଦୀର୍ଘଦିନରୁ ଦାବୀ ହୋଇ ଆସୁଥିବା ବେଳେ ସରକାର ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଦରକାର ବୋଲି ବୁଦ୍ଧିଜିବୀ ମହଲରେ ଦାବୀ ହେଉଛି ।

# ସଂଯୁକ୍ତ କୃଷକ ମୋର୍ଚ୍ଚାର ରେଲରୋକ




ଭଦ୍ରକ,୧୮/୧୦ (ନି.ପ୍ର): ତିନିଟି କଳା କୃଷି ଆଇନ ପ୍ରତ୍ୟାହାର, ଉତ୍ତରପ୍ରଦେଶ ଲକ୍ଷ୍ମୀପୁର ଖେରି ଠାରେ ଆନ୍ଦୋଳନରତ କୃଷକଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରିଥିବା ଆଶିଶ ମିଶ୍ରଙ୍କ ବାପା ତଥା କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କ ଇସ୍ତଫା, ହତ୍ୟକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, ବିବାଦୀୟ ଶ୍ରମ କୋଡ ପ୍ରତ୍ୟାହାର ଦାବିରେ ଆଜି ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଭଦ୍ରକ ଚରମ୍ପାସ୍ଥିତ ରେଳ ଷ୍ଟେସନ ଠାରେ ରେଲରୋକ କରାଯିବା ସହ ୬ଘଣ୍ଟିଆ ଧାରଣା ଦିଆଯାଇଥିଲା । ଏହି ଆନ୍ଦୋଳନରେ ସିପିଆଇ-ଏମ, ସିପିଆଇ (ଏମଏଲ)ଲିବରେସନ, ସିପିଆଇ, କଂଗ୍ରେସ, ଏଆଇକେଏମ, ଏଆଇକେଏସର ନେତୃମଣ୍ଡଳୀ ସାମିଲ ହୋଇଥିଲେ । ଏହି ସମୟରେ କୌଣସି ଯାତ୍ରୀବାହୀ ଟ୍ରେନ ଆସିନଥିବାବେଳେ, ଆନ୍ଦୋଳନରତ ଦଳୀୟ କର୍ମକର୍ତ୍ତା ୩ଟି ମାଲବାହୀ ଟ୍ରେନକୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ । ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭା ସିପିଆଇ ଏମ ନେତା ଦିବ୍ୟସିଂହ ନାୟକ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ନେତୃମଣ୍ଡଳୀ ଉତ୍ତରପ୍ରଦେଶ ଲକ୍ଷ୍ମୀପୁର ଖେରୀ ଠାରେ କୃଷକ ଗଣହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରଙ୍କୁ ବରଖାସ୍ତ କରିବାକୁ ଦାବି କରିଥିଲେ । ବିଶେଷକରି କେନ୍ଦ୍ର ସରକାର ଯେଭଳି ଭାବରେ କଳା କୃଷି ଆଇନକୁ ଲାଗୁ କରିବା ଜିଦ୍‌ରେ ଅଟଳ ରହିଛନ୍ତି ତାହାକୁ ନିନ୍ଦା କରିବା ସହ ଦୀର୍ଘ ୧ବର୍ଷ ଧରି ରାଜରାସ୍ତାରେ ଆନ୍ଦୋଳନ ଚଳାଇଥିବା ଚାଷୀଙ୍କ ଉଦ୍ୟମ ବୃଥା ଯିବ ନାହିଁ ବୋଲି ବୋଲି କହିଥିଲେ । ଏହି କଳା କୃଷି ଆଇନ ପାଇଁ ସମଗ୍ର କୃଷକ ସମାଜଙ୍କ ସ୍ୱାର୍ଥ ଆଜି ବିପଦରେ । ଅନୁରୂପ ବିବାଦୀୟ ଶ୍ରମ କୋଡ ପାଇଁ କାର୍ଯ୍ୟରତ ଶ୍ରମିକମାନଙ୍କ ସ୍ୱାଭିମାନ, ନିରାପତ୍ତା ବିପନ୍ନ ହୋଇଛି ବୋଲି ସେମାନେ ଅଭିଯୋଗ କରିବା ସହ ତୁରନ୍ତ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ ।

## ମୋବାଇଲ୍ ଲୁଟ୍ ଅଭିଯୋଗରେ ଦୁଇ ଗିରଫ

ପୁରୀ,୧୮/୧୦ (ନି.ପ୍ର): ଟ୍ୟୁସନରୁ ଫେରୁଥିବା ଛାତ୍ର ଠାରୁ ମୋବାଇଲ ଲୁଟି ନେଇଥିବା ଅଭିଯୋଗରେ ଟାଉନ୍‌ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟହେଲେ ବାସେଲୀସାହି ତ୍ରିଦେବ ନଗରର ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀ (୨୨) ଓ ପିପିଲି ଡ଼େଲଟା କଲୋନୀର ଲକ୍ଷ୍ମୀପ୍ରିୟା ବରାଳ(୨୨) । ଅଭିଯୁକ୍ତ ମାନଙ୍କ ନିକଟରୁ ଏକପଲସର ବାଇକ୍ (ନମ୍ବରପ୍ଲେଟ୍‌ରେ କେବଳ ୨୦୦ ଉଲ୍ଲେଖ ଥିବା) ଓ ଦୁଇଟି ସ୍ମାଟ ଫୋନ୍ ଜବତ କରାଯାଇଛି । ଗତକାଲି ସନ୍ଧ୍ୟା ପ୍ରାୟସାଢେ ୬ଟାରେ ପୁଅ ଟ୍ୟୁସନରୁ ଫେରୁଥିବାବେଳ ଚୁଡ଼ଙ୍ଗସାହି ବିଶ୍ୱେଶ୍ୱରୀ ମନ୍ଦିର ନିକଟରୁ ତା’ ମୋବାଇଲ ଲୁଟ୍ ହୋଇଥିବା ଗୋଖାସାହିର ସବିତା ବେହେରା ଆଜି ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏସମ୍ପର୍କରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ଅଭିଯୁକ୍ତ ଦ୍ୱୟ ଲୁଟି ନେଇଥିବା ମୋବାଇଲକୁ ମଶାଣୀଚଣ୍ଡି ଛକରେ ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳ କୌଣସି ସୁତ୍ରରୁ ସୂଚନା ପାଇ ପୁଲିସ ଅଭିଯୁକ୍ତଙ୍କୁ ଧରିଥିଲା । ଜେରାପରେ ଅଭିଯୁକ୍ତଦ୍ୱୟ ସେମାନେ ମୋବାଇଲ ଲୁଟ୍ କରିଥିବା ସ୍ୱୀକାର କରଥିଲେ । ଏସମ୍ପର୍କରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ୩୯୨ ଓ ୩୪ ଧାରାରେ ୩୦୧/୨୧ମାମଲା ରୁଜୁ କରାଯାଇ ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ୍ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ କହିଛନ୍ତି ।

## ଧୋଇଗଲା ନାଉରିଆ ଖାଳ ପୋଲ

ଜଳେଶ୍ୱର, ୧୮/୧୦(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଶ୍ୟାମନଗର ପଂଚାୟତର କାନପୁର - ଡେମ୍ବରୁବଣି ମୁଖ୍ୟ ରାସ୍ତାର ଥିବା ଏକ ପୋଲର ପିଲର ଧୋଇ ଯିବାରୁ ଏହା ଉପରେ ନିର୍ଭର କରୁଥିବା ଗ୍ରାମବାସୀମାନେ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛନ୍ତି । ନାଉରିଆ ଖାଳ ଉପରେ ଥିବା ଉକ୍ତ ପୋଲର ଗୋଟିଏ ପାର୍ଶ୍ୱରେ ଥିବା ପିଲରଟି ଲଗାଣ ବର୍ଷାରେ ଧୋଇ ଯିବାରୁ ୪୦ ପରିବାର ଯାତାୟାତ କରିପାରୁନାହାନ୍ତି । ଫଳରେ ଏକ ବଡ ଗର୍ତ୍ତ ସୃଷ୍ଟି ହେବା ଫଳରେ ଗମନାଗମନ ଠପ୍ ହୋଇ ଯାଇଛି । ଗ୍ରାମକୁ ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଅବିଳମ୍ବେ ମରାମତି କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ୨୪ ଘଣ୍ଟାରେ ଜଳେଶ୍ୱରରେ ୨୨୦ ମିମି ବର୍ଷା : ପାଣିରେ ଭାସିଲା କୋଟି କୋଟି ଟଙ୍କାର ସାମଗ୍ରୀ

ଜଳେଶ୍ୱର, ୧୮/୧୦(ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସୀପାଲଟି ବର୍ଷାପାଣିରେ ବୁଡି ଯାଇଥିବାରୁ ବହୁ ଦୋକାନ ମଧ୍ୟାରେ ପାଣି ପଶିଯାଇଛି । ଫଳରେ କୋଟି କୋଟି ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି । ଘଟଣାରୁ ପ୍ରକାଶ ଗତ ୨୪ ଘଣ୍ଟା ମଧ୍ୟାରେ ଜଳେଶ୍ୱର ଅଂଚଳରେ ୨୨୦ ମିମି ବର୍ଷା ହୋଇଥିବା କୃଷି ବିଭାଗ ପକ୍ଷରୁ ଜଣାଯାଇଛି । ସହରର ବହୁ ସ୍ଥାନରେ ପାଣିନିଷ୍କାସନ ଡ୍ରେନ୍ ଗୁଡିକ ଜବର ଦଖଲ ଥିବାରୁ ପାଣି ନିଷ୍କାସନ ହୋଇ ପାରିନାହିଁ । ଫଳରେ ଦୋକାନ ଗୃହ ଓ ଲୋକଙ୍କ ଘରକୁ ପାଣି ପଶିଯାଇଥିବାରୁ ଦୋକାନ ମଧ୍ୟରେ ବହୁ ଜିନିଷପତ୍ର ନଷ୍ଟ ହୋଇ ଯାଇଛି । ଏପରିକି ଏକ ଏଟିଏମ୍ ମଧ୍ୟରେ ପାଣି ପଶିଯିବାରୁ ଗ୍ରାହକ ସେବାରୁ ବଂଚିତ ହୋଇଛନ୍ତି । ଷ୍ଟେସନବଜାର ଠାରୁ ବଡବଜାର ପୋଲ ପର୍ଯ୍ୟନ୍ତ ବହୁ ଦୋକାନରେ ପାଣି ପଶିଥିଲା । ଥାନା ବଜାର ନିକଟରେ ପାତାଞ୍ଜଳି ଆରୋଗ୍ୟ ନିକେତନ, ଶ୍ରୀକ୍ଷେତ୍ର ଲୁଗାଦୋକାନ, ଶାଢିମହଲ, ସ୍ୱସ୍ତମ ସେଲ୍ସ ଓ କେତେକ ବଡ ବଡ ଗ୍ରୋସରୀ ଦୋକାନରେ ପାଣି ପଶି ବହୁ ରାସନ ସାମଗ୍ରୀ ନଷ୍ଟ ହୋଇ ଯାଇଛି । ପୌରପାଳ ଅଜୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୱାର୍ଡ ନଂ ୧, ୨, ୩, ଓ ୧୨ରୁ ଜେସିବି ଦ୍ୱାରା ନାଳ ଖୋଳାଯାଇ ପାଣିନିଷ୍କାସନ କରାଯାଇଥିବା ବେଳେ ୪, ୫, ୬, ୭, ୮, ୯, ୧୦, ୧୧, ୧୩ ୱାର୍ଡରେ ଲୋକମାନେ ପାଣିଘେରରେ ରହିଥିବା ଦେଖିବାକୁ ମିଳିଛି ।

## ନବୀନ ପଟ୍ଟନାୟକଙ୍କ ୭୬ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର

ଜଳେଶ୍ୱର, ୧୮/୧୦(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଉପାନ୍ତ ନେତୁଆ ପଂଚାୟତରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଆଜି ସୋମବାର ଅନୁଷ୍ଠିତ ହୋଇଯାଇଛି । କମାରଶାଳିଆସ୍ଥିତ ମନୋରଂଜନ ସୀମାନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ସରପଂଚ ମମତା ରାଣୀ ହୁଇ, ଜୀବନବିନ୍ଦୁ ର ସଂଯୋଜକ ମଧୁସୂଦନ ସେନାପତି, ସମବାୟବିତ୍ ମାନସ ଜେନା ଓ ବିଜେଡି ବ୍ଲକ ସଭାପତି ଭୂପତି ମିର୍ଦ୍ଧା ପ୍ରମୁଖ ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ୭୬ ତମ ଜନ୍ମଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୦୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ପଡୋଶୀ ପଶ୍ଚିମବଂଗର ୨୦ରୁ ଉର୍ଦ୍ଧ୍ୱ ଯୁବକ ଏହି ରକ୍ତଦାନ ଶିବିରରେ ରକ୍ତଦାନ କରିଥିବାରୁ ସମାଜସେବୀ ରଣଜିତ୍ ହୁଇ ତଥା ଅଂଚଳବାସୀ ସାଧୁବାଦ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସୁକୁମାର ଦତ୍ତ, ଗୁଣାକର ପାତ୍ର, ସୁଶାନ୍ତ କର, ଅନନ୍ତ ପରିଡା, ଚନ୍ଦନ ପରିଡା, ଅଶ୍ୱନୀ କୁମାର ପାତ୍ର, ହେମନ୍ତ କର, ଅରବିନ୍ଦ ସାମଲ, ରାହୁଲ ଜେନା, ଦେବବ୍ରତ ସେନ୍, ଚନ୍ଦନ କର, କାଳିଚରଣ ଦାସ, ଶାନ୍ତନୁ ପରିଡା, ମଧୁସୂଦନ କର, ସରୋଜ ମହାନ୍ତି, ଗଂଗାଧର ଜେନା, ମନୋଜ ମହାନ୍ତି, ହୃଷିକେଷ ଗିରି, ରାସବିହାରୀ ରଣା, ଦେବବ୍ରତ ଗିରି, ଗୌତମ ଗିରି ପ୍ରମୁଖଙ୍କ ସହିତ ବହୁ ଅଂଗନୱାଡି ଓ ଆଶାକର୍ମୀ ମାନେ ଯୋଗ ଦେଇଥିଲେ ।

# ସଂଯୁକ୍ତ କିସାନ ମୋର୍ଚ୍ଚା ପକ୍ଷରୁ ରେଳ ଷ୍ଟେସନ ସମ୍ମୁଖରେ ବିକ୍ଷୋଭ




ବାଲେଶ୍ୱର,୧୮/୧୦ (ନି.ପ୍ର): ଉତ୍ତରପ୍ରଦେଶର ଲକ୍ଷୀପୁର ଖେରି କୃଷକ ଶୋଭାଯାତ୍ରା ଉପରେ ଗାଡ଼ି ଚଢ଼ାଇ ଚାରିଜଣ କୃଷକଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କ ପିତା କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ବରଖାସ୍ତ ଓ ୩ କଳାକୃଷି ଆଇନକୁ ପ୍ରତ୍ୟାହାର ଦାବିରେ ସୋମବାର ସମଗ୍ର ଦେଶରେ ସୋମବାର ରେଳରୋକ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ବାଲେଶ୍ୱରରେ ବି ଏହାର ପ୍ରତିଫଳନ ଲକ୍ଷ୍ୟ କରାଯାଇଛି । ଜିଲା ସଂଯୁକ୍ତ କିସାନ ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ରେଳଷ୍ଟେସନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ବାମପନ୍ଥୀ ଦଳ ଏବଂ କଂଗ୍ରେସ ସହ ଅନୁବନ୍ଧିତ ବିଭିନ୍ନ ଗଣସଂଗଠନ ପକ୍ଷରୁ ସଞ୍ଜୀବ ଗିରି, ନିରଞ୍ଜନ ବାରିକ, ଶିଶିର ହୁଇ, ରବୀନ୍ଦ୍ର ବେହେରା, ଲକ୍ଷ୍ମୀଧର ଗିରି, ପ୍ରଜ୍ଞାପାରମିତା ମହାନ୍ତି, ବନ୍ଦନା ବିଶ୍ୱାସ, ଶ୍ୟାମସୁନ୍ଦର ଜେନା, କୈଳାସ ଚନ୍ଦ୍ର ପଣ୍ଡା, ସର୍ବେଶ୍ୱର ମିଶ୍ର, ରାଜକିଶୋର ଲେଙ୍କା, ପ୍ରକାଶ ଦେ, ନିକୁଞ୍ଜ ବସନ୍ତ ରାୟ, ସନ୍ତୋଷ ସାହୁ, ସିକନ୍ଦର ଖାଁ, ସୁଧୀର ରାଉତ, ସେଖ ଇନୁସ ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ । କେନ୍ଦ୍ର ସରକାର ପ୍ରଣୟନ କରିଥିବା ୩ କୃଷି ଆଇନ ଦେଶର କୃଷକ ଓ ଖାଉଟିଙ୍କ ସ୍ୱାର୍ଥକୁ ସଙ୍କୁଚିତ କରିବା ସହ ପୁଞ୍ଜିପତି ଓ ଶିଳ୍ପପତିଙ୍କୁ ସହାୟକ ହେବ ବୋଲି ବିକ୍ଷୋଭ ସ୍ଥଳରେ ବକ୍ତାମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସେମାନେ ଆହୁରି କହିଥିଲେ କି ମୋଦି ସରକାରଙ୍କ ସାତବର୍ଷ ଶାସନକାଳରେ ସବ ବର୍ଗର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି । ଧନୀମାନେ ଅଧିକ ଧନୀ ହୋଇଛନ୍ତି, ଆକାଶଛୁଆଁ ଦରଦାମ ବୃଦ୍ଧି ଫଳରେ ସାଧାରଣ ମଣିଷ ତ୍ରାହି ତ୍ରାହି ଡାକୁଛନ୍ତି । ଲାଭରେ ଚାଲିଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସମେତ ପ୍ରତିରକ୍ଷା ବିଭାଗର ଗୋଳା, ବାରୁଦ, ତୋପ, କମାଣ ପ୍ରସ୍ତୁତ କରୁଥିବା ୪୧ଟି କାରଖାନାକୁ ୭ଟି କମ୍ପାନିକୁ ହସ୍ତାନ୍ତର କରି କେନ୍ଦ୍ର ସରକାର ଦେଶପ୍ରତି ବିଶ୍ୱାସଘାତକତା କରିଛନ୍ତି ବୋଲି ବକ୍ତାମାନେ ଆରୋପ କରିଥିଲେ । ତୁରନ୍ତ ନୂତନ କୃଷି ଆଇନ ପ୍ରତ୍ୟାହାର ଓ ଗାଡ଼ି ଚପାଇ କୃଷକଙ୍କୁ ହତ୍ୟା କରିଥିବା ଅଭିଯୁକ୍ତର ପିତା କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ପଦବୀରୁ ଅପସାରଣ ପାଇଁ ବିକ୍ଷୋଭକାରୀମାନେ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଦାବି ଉଠାଇଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ସଂଯୁକ୍ତ କିସାନ ମୋର୍ଚ୍ଚା ଆହ୍ୱାନରେ ବିଭିନ୍ନ କୃଷକ, ଶ୍ରମିକ, ମହିଳା ଓ ଯୁବ ସଗଠନ ପକ୍ଷରୁ ଶତାଧିକ ବ୍ୟକ୍ତି ଏହି ବିକ୍ଷୋଭ ସମାବେଶରେ ସାମିଲ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୁଲିସ ସମେତ ବହୁ ସଂଖ୍ୟା ରେଳବାଇ ପୁଲିସ ଓ ରେଳ ସୁରକ୍ଷାବଳ କର୍ମଚାରୀ ଉପସ୍ଥିତ ଥିଲେ ।

# ନିର୍ମଳା ଦେଶପାଣ୍ଡେଙ୍କ ୯୩ ତମ ଜୟନ୍ତୀ ପାଳିତ



ବାରିପଦା,୧୮/୧୦ (ନି.ପ୍ର): ପ୍ରଖ୍ୟାତ ଗାନ୍ଧିବାଦୀ ସର୍ବଦୋୟ ନେତ୍ରୀ ସନ୍ଥ ବିନୋବା ବାବେଙ୍କ ମାନସ ପୁତ୍ରୀ ଦିଦି ନିର୍ମଳା ଦେଶପାଣ୍ଡେଙ୍କ ୯୩ତମ ଜୟନ୍ତୀ ବିନୋବା ସ୍ମାରକ ଟ୍ରଷ୍ଟ ଏବଂ ଓଡିଶା କ୍ଷେତ ମଜଦୁର କିଷାନ ପରିଷଦ ମିଳିତ ଆନୁକୁଲ୍ୟରେ ବାରିପଦା ଭଞ୍ଜପୁର ସ୍ଥିତ ସର୍ବଦୋୟ ଆଶ୍ରମ ପରିସରରେ କରୋନା କଟକଣା ମଧ୍ୟରେ ନିରାଡମ୍ବର ଭାବରେ ପାଳିତ ହୋଇଯାଇଛି । ଏହି ଅବସରରେ ସର୍ବଦୋୟ ଆଶ୍ରମ ତଥା ବିନୋବା ସ୍ମାରକ ଟ୍ରଷ୍ଟ ତରଫରୁ ବିଶିଷ୍ଟ ସର୍ବଦୋୟ ନେତ୍ରୀ ବୀରଜା ଦେବୀ, ହରିଜନ ସେବକ ସଂଘର ରାଜ୍ୟ ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି, ଦୀପକ କୁମାର ନାୟକ, ସୁବ୍ରତ କୁମାର ଦାସ, ଲକ୍ଷ୍ମଣ କୁମାର ଜେନା, ଦିଲ୍ଲିପ କୁମାର ପାତ୍ର, ରମାକାନ୍ତ ରାଉତ, ଲଳିତ କୁମାର ବାରିକ, ହରେକୃଷ୍ଣ ପାତ୍ର, ସୁସ୍ମିତା ପ୍ରିୟଦର୍ଶିନୀ, ସୁଜାତା ସ୍ୱାଇଁ, ସରୋଜିନୀ ମହାନ୍ତି, ଇଚ୍ଛାମତି ପାତ୍ର, ସୌର୍ଯ୍ୟ ସମଦର୍ଶୀ, ଜଗନ୍ନାଥ ବେହେରା, ସୁବ୍ରତ ନାଏକ, ରେଖା ଦାସ, ଧର୍ମାନନ୍ଦ ଦାସ ପ୍ରମୁଖ ଯୋଗଦେଇ ନିର୍ମଳା ଦିଦି ତାଙ୍କର ଆଦର୍ଶକୁ ନିଜ ଜୀବନ ଧାରାରେ ପ୍ରତିପାଦିତ କରିଛନ୍ତି ତାହା ବର୍ତ୍ତମାନର ଯୁବପିଢୀ ଆଚରଣ କଲେ ବାସ୍ତବରେ ଏକ ସୁସ୍ଥ ସମାଜ ଏବଂ ସ୍ୱୟଂ ସମ୍ପୂର୍ଣ୍ଣ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ ବୋଲି ବକ୍ତାମାନେ ସ୍ମୃତିଚାରଣ ମାଧ୍ୟମରେ କହିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo